# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଜୁଲାଇ ୯/୨୦୨୧ (୧୨ ପୃଷ୍ଠା) | Berhampur, Friday, July 9/2021 | ★★★
୧୭ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ୱିମ୍ବଲଡନ ଫାଇନାଲରେ ବାର୍ଟି**
ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୧୦

**ସରୋଗେଟ୍ ମଦର କ୍ରିତି**
‘ମିମି’ରେ ସରୋଗେଟ୍ ମଦର ଭୂମିକାରେ ଥିବା ଅଭିନେତ୍ରୀ କ୍ରିତି ସାନନ୍ ତାଙ୍କ ବେବି ବମ୍ପ ଲୁକ୍‌ର ପୋଷ୍ଟର ଶେୟାର କରିଛନ୍ତି।






*T&C Apply. **Ex-Showroom Price of Base Gloss Variant Odisha. Prices subject to change without prior notice. ^5 Years Warranty without any additional charges. #Finance at the sole discretion of the financier and offers cannot be clubbed together. Accessories shown in the ad may not be a part of standard equipment.
#Offer Valid till 31st July, 2021. Available for 3 and 6 Months EMI on select Credit Cards. Terms and Conditions Apply.





# କୋଭିଡ୍ ପାଣ୍ଠି ଲାଗି ୨୩,୧୨୩ କୋଟି

**ନୂଆଦିଲ୍ଲୀ, ୮।୭(ପି.ଟି.)**

କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରଥମ ବୈଠକରେ କୋଭିଡ୍ ପ୍ୟାକେଜ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମହାମାରୀ ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଲାଗି ୨୩,୧୨୩ କୋଟି ଟଙ୍କାର କୋଭିଡ୍ ପାଣ୍ଠି ଘୋଷଣା କରାଯାଇଛି।

କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଉକ୍ତ ପ୍ୟାକେଜ୍ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଆଗାମୀ ୯ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ଏହା କେନ୍ଦ୍ର ସରକାରଙ୍କର ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ପ୍ୟାକେଜ୍। ପୂର୍ବରୁ ଦେଶରେ କୋଭିଡ୍ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଲାଗି ୧୫,୦୦୦ କୋଟି ଟଙ୍କା ଦିଆଯାଇଥିଲା। ନୂଆ ପ୍ୟାକେଜ୍‌ରେ କେନ୍ଦ୍ର ସରକାର ୧୫,୦୦୦ କୋଟି ଏବଂ ରାଜ୍ୟ ସରକାର ୮୦୦୦ କୋଟି ଟଙ୍କା ଯୋଗାଇଦେବେ। ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, ପ୍ରାଥମିକ ତଥା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ବିକାଶ ଲାଗି ଏହି ଯୋଜନା ମିଳିତ ଭାବେ ଦେଶର ସମସ୍ତ ୭୩୬ଟି ଜିଲାରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ପ୍ରାୟ ୨.୪ ଲକ୍ଷ ସାଧାରଣ ମେଡିକାଲ ବେଡ୍ ଏବଂ ୨୦,୦୦୦ ଆଇସିୟୁ ବେଡ୍ ସୃଷ୍ଟି କରାଯିବ। ସେଥିରୁ ୨୦ ପ୍ରତିଶତ ବେଡ୍ ସ୍ୱତନ୍ତ୍ର ଭାବେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ମନ୍ତ୍ରୀ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଉକ୍ତ ଯୋଜନାରେ ଜିଲା ସ୍ତରରେ ଅକ୍ସିଜେନ୍ ଏବଂ ମେଡିସିନ୍ ଗଚ୍ଛିତ ରଖିବା ପାଇଁ ଷ୍ଟୋରେଜ୍ ସୁବିଧା କରାଯିବ। ତୁରନ୍ତ କୋଭିଡ୍ ସଂକ୍ରମିତଙ୍କୁ ଚିହ୍ନଟ କରିବା ଓ ମହାମାରୀ ମୁକାବିଲାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବିକାଶ ଯୋଜନା କରାଯାଇଛି।

## ସମ୍ପ୍ରସାରିତ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକ

## ଏପିଏମ୍‌ସି ଜରିଆରେ କୃଷକଙ୍କ ପାଇଁ ୧ ଲକ୍ଷ କୋଟି ମଞ୍ଜୁର

ସ୍ୱାସ୍ଥ୍ୟସେବା ବ୍ୟତୀତ କ୍ୟାବିନେଟ ବୈଠକରେ କୃଷି ସେକ୍ଟର ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କୃଷି ଉତ୍ପାଦନ ବିପଣନ କମିଟି (ଏପିଏମ୍‌ସି) ମଣ୍ଡିଗୁଡ଼ିକ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠିରୁ ଆର୍ଥିକ ସହାୟତା ପାଇବେ। ଏପିଏମ୍‌ସି ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠିକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହା ନିୟନ୍ତ୍ରିତ ବଜାର ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବା ସହ ଚାଷୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇ ଦିଆଯିବ। ସେହିପରି ନଡ଼ିଆ ବୋର୍ଡ ପୁନର୍ଗଠନ ପାଇଁ ବୈଠକରେ ଘୋଷଣା କରାଯାଇଛି। ନୂଆ କୃଷି ଆଇନ ଯୋଗୁ ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହୋଇଯିବ ନାହିଁ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। କୃଷି ଆଇନ କାର୍ଯ୍ୟକାରୀ ହେବା ପରେ ଏପିଏମ୍‌ସି କେନ୍ଦ୍ର ☞ପୃଷ୍ଠା-୪

# ଦେଶର ଆଇନ ସବୁଠୁ ଉର୍ଦ୍ଧ୍ୱରେ

## ଟୁଇଟରକୁ ନିୟମ ମାନିବାକୁ ପଡ଼ିବ: ଆଇଟି ମନ୍ତ୍ରୀ

**ନୂଆଦିଲ୍ଲୀ,୮।୭**

ଭାରତରେ ଯେଉଁମାନେ ରହି କାର୍ଯ୍ୟ କରିବେ ସେମାନଙ୍କୁ ଦେଶର ଆଇନ ମାନି ଚଳିବାକୁ ପଡ଼ିବ। କେନ୍ଦ୍ର ସରକାର ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ମଧ୍ୟରେ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଗୁରୁବାର ନୂଆ ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟୁଇଟର ଉଦ୍ଦେଶ୍ୟରେ ଏହି କଡ଼ା ସନ୍ଦେଶ ଦେଇଛନ୍ତି।

ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦେଶର ନୂଆ ରେଲୱେ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଟୁଇଟରକୁ ନେଇ ପୂର୍ବ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଭଳି ସେ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଅଶ୍ୱିନୀ କହିଛନ୍ତି, ଦେଶର ଆଇନ ସବୁଠୁ ଉର୍ଦ୍ଧ୍ୱରେ। ଟୁଇଟରକୁ ଏହା ମାନିବାକୁ ପଡ଼ିବ। ପ୍ରକାଶ ଯେ, ଫେସ୍‌ବୁକ୍, ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଓଭର ଦି ଟପ୍ (ଓଟିଟି) ପ୍ଲେୟାର୍ସଙ୍କୁ ନିୟନ୍ତ୍ରଣ କରିବା ପାଇଁ ଗତ ଫେବୃୟାରୀ ୨୫ରେ କେନ୍ଦ୍ର ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ,୨୦୨୧ ଆଣିଥିଲେ। ନୂଆ ନିୟମ ଅନୁସାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଥାର୍ଡ ପାର୍ଟି କଣ୍ଟେଣ୍ଟ ପାଇଁ ଦାୟୀ ହେବେ। ସେମାନଙ୍କୁ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଲାଗି ଦେଶରେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ପଡ଼ିବ। ସମ୍ପୃକ୍ତ ଅଧିକାରୀ କର୍ତ୍ତୃପକ୍ଷ ଓ କୋର୍ଟ ଭର୍ତ୍ସନା କରୁଥିବା କଣ୍ଟେଣ୍ଟଗୁଡ଼ିକୁ ହଟାଇବା ପାଇଁ ପଦକ୍ଷେପ ନେବେ। ତେବେ ଟୁଇଟର ଏହି ନିୟମ ପାଳନ କରିନାହିଁ।


ଅଶ୍ୱିନୀ ବୈଷ୍ଣବ


ରଥଯାତ୍ରା ପାଇଁ ଗୁରୁବାର ପୁରୀ ବଡ଼ଦାଣ୍ଡରେ ଥିବା ରଥରେ କନା ଲଗାଯାଉଛି।

## ୧୦ ସପ୍ତାହରେ ୧୦ ଟଙ୍କାରୁ ଅଧିକ ବଢ଼ିଲା ପେଟ୍ରୋଲ



**ନୂଆଦିଲ୍ଲୀ/ଭୁବନେଶ୍ୱର,୮।୭:** କ୍ରମାଗତ ୨ ଦିନ ଲାଗି ତୈଳ ଦରରେ ବୃଦ୍ଧି ଘଟିଛି। ଆଇଓସିଏଲ୍ ଅନୁଯାୟୀ ଗୁରୁବାର ପେଟ୍ରୋଲ ୩୭ ପଇସା ଏବଂ ଡିଜେଲ ୧୦ ପଇସା ବଢ଼ିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୧.୩୭ ଟଙ୍କା ଏବଂ ଡିଜେଲ ୯୭.୬୭ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକରେ ପେଟ୍ରୋଲ ୧୦୧.୬୯ ଟଙ୍କା ଏବଂ ଡିଜେଲ ୯୭.୯୮ ଟଙ୍କା ଛୁଇଁଛି। ଗତ ୧୦ ସପ୍ତାହରେ ପେଟ୍ରୋଲ ୩୭ ଥର ଏବଂ ଡିଜେଲ ୩୫ ଥର ବଢ଼ିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ୧୦.୨୫ ଟଙ୍କା ଏବଂ ଡିଜେଲ ୯.୬୯ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ମୁଦ୍ରାସ୍ଫୀତି ସଙ୍କଟ


# ୧୧ ଖଣି ପାଇଁ ଇ- ନିଲାମ ଆରମ୍ଭ

**ଭୁବନେଶ୍ୱର,୮।୭(ବ୍ୟୁରୋ)**

ରାଜ୍ୟ ସରକାର ଆଉ ୧୧ ଖଣିର ନିଲାମ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିରେ ୭ଟି ଲୁହାପଥର, ୨ଟି ଲୁହାପଥର ଓ ମାଙ୍ଗାନିଜ, ଗୋଟିଏ ଲୁହାପଥର ଓ ଡୋଲୋମାଇଟ ଓ ଗୋଟିଏ ବକ୍ସାଇଟ୍ ଖଣି ରହିଛି।

୭ଟି ଲୁହାପଥର ଖଣି ହେଉଛି ନଦୀଡିହି ଲୁହାପଥର ଖଣି, ପୁରେଇବାହାଲ, ଚାନ୍ଦିପୋଷି, ଜୁମକା ପଥରିପୋଷି ପାହାଡ଼, ଡୋଲଟାପାହାଡ଼, ନେତ୍ରବନ୍ଧ ପାହାଡ଼(ୱେଷ୍ଟ) ଏବଂ ଗନ୍ଧଲପଡ଼ା। ସେହିଭଳି ୨ଟି ଲୁହାପଥର-ମାଙ୍ଗାନିଜ ଖଣି ମଧ୍ୟରେ ନଦୀଡିହି ଲୁହାପଥର ଓ ମାଙ୍ଗାନିଜ ଏବଂ ତେହେରାଇ ଲୁହାପଥର ଓ ମାଙ୍ଗାନିଜ ଖଣି ରହିଛି। ଏଥିସହିତ କାଶିଆ ଲୁହାପଥର ଓ ଡୋଲୋମାଇଟ ବ୍ଲକ ଏବଂ କର୍ଲାପାଟ ବକ୍ସାଇଟ୍ ଖଣି ଅନ୍ତର୍ଭୁକ୍ତ।

ତେବେ ଏହି ୧୧ଟି ଖଣି ମଧ୍ୟରୁ ୪ଟି ଖଣିର ଲିଜ୍ ଅବଧି ସରିଥିବାବେଳେ ୭ଟି ସମ୍ପୂର୍ଣ୍ଣ ନୂଆ ଖଣି ରହିଛି। ଲିଜ୍ ଅବଧି ସରିଥିବା ଖଣିଗୁଡ଼ିକ ହେଲା କାଶିଆ ଲୁହାପଥର ଓ ଡୋଲୋମାଇଟ ଖଣି, ନଦୀଡିହି ଲୁହାପଥର ଖଣି, ନଦୀଡିହି ଲୁହାପଥର ଏବଂ ମାଙ୍ଗାନିଜ ଖଣି ଏବଂ ତେହେରି ଲୁହାପଥର ଓ ମାଙ୍ଗାନିଜ ଖଣି।

ଏହି ସମସ୍ତ ୧୧ଟି ଖଣି ପାଇଁ ଅନ୍‌ଲାଇନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନକାରୀମାନଙ୍କୁ ୱେବ୍‌ସାଇଟ ମାଧ୍ୟମରେ ପଞ୍ଜୀକରଣ କରିବାକୁ କୁହାଯାଇଛି। ସଫଳତାର ସହିତ ପଞ୍ଜୀକୃତ ହେଲା ପରେ ସେମାନଙ୍କୁ ଲଗ୍‌ଇନ୍ ଆଇଡି ଓ ପାସ୍‌ୱାର୍ଡ ମିଳିବ, ଯେଉଁଥିରେ ସେମାନେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଏମ୍‌ଏସ୍‌ଟିସି ୱେବ୍‌ସାଇଟରେ ମଡେଲ ଟେଣ୍ଡର କାଗଜପତ୍ର ମଧ୍ୟ ମାଗଣାରେ ଉପଲବ୍ଧ କରାଯାଇଛି। ଟେଣ୍ଡର ଫି’ ଦାଖଲ ପରେ ଅଗଷ୍ଟ ୧୯ ତାରିଖ ☞ପୃଷ୍ଠା-୪

# ଘର ନ କଲେ ପ୍ଲଟ୍ ରଦ୍ଦ ହେବ

## ଜମି ମାଲିକଙ୍କୁ ବିଡିଏର ଚେତାବନୀ

**ଭୁବନେଶ୍ୱର,୮।୭(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଠାରୁ ଦୀର୍ଘବର୍ଷ ହେଲା ଜାଗା ନେଇ ଘର କରି ନ ଥିବା ବ୍ୟକ୍ତିଙ୍କ ପ୍ଲଟ୍ ରଦ୍ଦ ହେବ। ଏ ନେଇ ପ୍ଲଟ୍ ନେଇଥିବା ବ୍ୟକ୍ତିଙ୍କୁ ସତର୍କ କରାଇଛି ବିଡିଏ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଅନୁମୋଦିତ ପ୍ଲଟ୍‌ରେ ଘର ନିର୍ମାଣ ନ ହେଲେ ସମ୍ପୃକ୍ତ ପ୍ଲଟ୍‌ର ଅନୁମୋଦନ ରଦ୍ଦ କରାଯିବ। ଏପରିକି ସମ୍ପୃକ୍ତ ପ୍ଲଟ୍‌କୁ ନୋ-ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ବିଡିଏ ଚେତାବନୀ ଦେଇଛି।

ବିଡିଏଠାରୁ ପ୍ଲଟ ନେଇ ନିର୍ମାଣ କାର୍ଯ୍ୟ କରି ନ ଥିବା ବ୍ୟକ୍ତିଙ୍କୁ ୨୦୦୯ରୁ ବାରମ୍ବାର ଅବଗତି କରାଯାଉଛି। ଏ ନେଇ ୨୦୦୯, ୨୦୧୫, ୨୦୧୭, ୨୦୧୮ ଏବଂ ୨୦୨୦ରେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ହେଲେ ଜମିକୁ ଆକାଶ ଛୁଆଁ ଦରରେ ବିକ୍ରି କରିବାକୁ ଯୋଜନା କରି ପ୍ଲଟ ମାଲିକମାନେ କୌଣସି ନିର୍ମାଣ କରୁନାହାନ୍ତି, ଯାହା ବିଡିଏର ଲ୍ୟାଣ୍ଡ ଆଲଟମେଣ୍ଟ ସ୍କିମ୍‌ର ଖୋଲାଖୋଲି ଉଲ୍ଲଂଘନ କରୁଛି। ଏହି କାର୍ଯ୍ୟରେ ବିଡିଏର କେତେଜଣ ଅସାଧୁ ଅଧିକାରୀଙ୍କରସମ୍ପୃକ୍ତି ରହିଥିବା ଅଭିଯୋଗ ହେଉଛି। ଜମି ନେଇଥିବା ଅନେକ ବ୍ୟକ୍ତି ବିଦେଶରେ ରହୁଛନ୍ତି। କରୋନା ମହାମାରୀ ଯୋଗୁ ସମସ୍ତଙ୍କୁ ଅଧିକ ବର୍ଷେ ସମୟ ଦିଆଯାଇଛି। ପ୍ଲଟ୍ ନେଇଥିବା ବ୍ୟକ୍ତିଙ୍କୁ ଶେଷ ଥର ପାଇଁ ସୁଯୋଗ ଦିଆଯାଇଛି। ସମୟ ସୀମା ମଧ୍ୟରେ ଖାଲି ଜମିରେ ଘର ନିର୍ମାଣ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଜମି ଅନୁମୋଦନକୁ ରଦ୍ଦ କରାଯିବ ବୋଲି ବିଡିଏ ସେକ୍ରେଟାରି କବୀନ୍ଦ୍ର କୁମାର ସାହୁ କହିଛନ୍ତି।

## ୪ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର କୁଲଗାମ୍ ଏବଂ ପୁଲ୍‌ୱାମା ଜିଲାରେ ଗୁରୁବାର ଦୁଇଟି ପୃଥକ୍ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲା। କୁଲଗାମ୍‌ର ଜୋଡାର ଅଞ୍ଚଳରେ ତଲାସି ବେଳେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଯବାନମାନେ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏଥିରେ ୨ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ପୁଲ୍‌ୱାମାର ପୁଚଲଠାରେ ଗୁଳିବିନିମୟ ବେଳେ ଅନ୍ୟ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି।



## ସଂକ୍ଷେପରେ

### ବେଙ୍ଗାଲୁରୁ ଗଣବଳାତ୍କାର: ୧୨ ଗିରଫ

**ବେଙ୍ଗାଲୁରୁ, ୮।୭:** ବେଙ୍ଗାଲୁରୁଠାରେ ଜଣେ ବାଂଲାଦେଶୀ ଯୁବତୀଙ୍କ ଉପରେ ଅମାନବୀୟ ନିର୍ଯାତନା ଓ ଗଣବଳାତ୍କାର ମାମଲାରେ ପୋଲିସ ଗୁରୁବାର ୨ ମହିଳାଙ୍କ ସମେତ ୧୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରୁ ୧୧ ଜଣ ବାଂଲାଦେଶର ନାଗରିକ। ଘଟଣାର ତଦନ୍ତ ଶେଷ ହୋଇଥିବା ଏବଂ ଅଦାଲତରେ ଚାର୍ଜଶିଟ୍ ଦାଖଲ କରାଯାଇଥିବା ବେଙ୍ଗାଲୁରୁ ପୋଲିସ କମିଶନର କମଲ ପନ୍ତ କହିଛନ୍ତି। ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ବାଂଲାଦେଶରୁ ବେଙ୍ଗାଲୁରୁ ଅଣାଯାଇ ଅତି ନୃଶଂସ ଭାବେ ଗଣବଳାତ୍କାର କରିବା ପରେ ଅଭିଯୁକ୍ତମାନେ ଏହାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।

### ବୀରଭଦ୍ର ସିଂଙ୍କ ପରଲୋକ



**ଶିମଲା, ୮।୭(ପି.ଟି.):** ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ବୀରଭଦ୍ର ସିଂଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ୬ ଥର ହିମାଚଳପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିବା ବୀରଭଦ୍ରଙ୍କୁ ସୋମବାର ହୃଦ୍‌ଘାତ ହେବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା। ବୁଧବାର ତାଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ହସ୍ପିଟାଲର ଭେଣ୍ଟିଲେଟରରେ ରଖାଯାଇଥିଲା। ଗୁରୁବାର ଭୋର ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ବରିଷ୍ଠ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଜନକ ରାଜ୍ କହିଛନ୍ତି।

୧୯୩୪ ଜୁନ୍ ୨୩ରେ ସରାହନସ୍ଥିତ ରାମପୁର ବୁଶାର ରାଜ ପରିବାରରେ ଜନ୍ମ ହୋଇଥିବା ବୀରଭଦ୍ର ୯ ଥର ବିଧାୟକ ଏବଂ ୫ ଥର ଏମ୍‌ପି ହୋଇଥିଲେ। ଶନିବାର ଅପରାହ୍ନ ୩ଟାରେ ରାମପୁରଠାରେ ତାଙ୍କର ଶେଷକୃତ୍ୟ ଅନୁଷ୍ଠିତ ହେବ। ତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଭାଜପା ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ହିମାଚଳପ୍ରଦେଶ ସରକାର ବୀରଭଦ୍ରଙ୍କ ସମ୍ମାନରେ ୩ଦିନିଆ ରାଜ୍ୟ ଶୋକ ଘୋଷଣା କରିଛନ୍ତି।

### କୃଷି ଆଇନ ପ୍ରତ୍ୟାହାର ହେବନି: ତୋମାର

**ନୂଆଦିଲ୍ଲୀ, ୮।୭(ପି.ଟି.) :** କେନ୍ଦ୍ର ସରକାର ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବେ ନାହିଁ ବୋଲି ଗୁରୁବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପୁଣିଥରେ ଦୋହରାଇଛନ୍ତି। ଏହାର ଅନ୍ୟ ବିକଳ୍ପ ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା ପାଇଁ ସରକାର ପ୍ରସ୍ତୁତ। ଚାଷୀମାନେ ଆନ୍ଦୋଳନରୁ ଓହରିଯାଇ ବୁଝାମଣା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ବିବାଦୀୟ କୃଷି ଆଇନକୁ ବିରୋଧ କରି ୪୦ କୃଷକ ସଂଗଠନ ଗତବର୍ଷ ନଭେମ୍ବରରୁ ଆନ୍ଦୋଳନ ଚଳାଇଛନ୍ତି। ଏହାର ସମାଧାନ ପାଇଁ ଚାଷୀନେତା ଓ ସରକାରଙ୍କ ମଧ୍ୟରେ ୧୧ ପର୍ଯ୍ୟାୟ ଆଲୋଚନା ହୋଇଥିଲା ବେଳେ ସମାଧାନର ସୂତ୍ର ବାହାରିପାରି ନ ଥିଲା।



## ଟ୍ୱିଟର ବିରୋଧରେ ଏତଲା ଦେଲେ ଟ୍ରମ୍ପ୍

କ୍ୟାପିଟୋଲ ବିଲ୍ଡିଂ ହିଂସା ପରେ ଗତ ଜାନୁୟାରୀରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକାଉଣ୍ଟକୁ ଟେକ୍ ଜିଆଣ୍ଟ ଫେସ୍‌ବୁକ୍, ଟ୍ୱିଟର, ୟୁଟ୍ୟୁବ୍ ରଦ୍ଦ କରିଦେଇଛନ୍ତି। ଏହ ସୋସିଆଲ୍ ସାଇଟଗୁଡ଼ିକ ତାଙ୍କୁ ଭୁଲ୍ ଭାବେ ଉପସ୍ଥାପିତ କରିଥିବାରୁ ଟ୍ରମ୍ପ୍ ସେହି କମ୍ପାନୀଗୁଡ଼ିକ ବିରୋଧରେ ଏତଲା ଦେଇଛନ୍ତି। ବୁଧବାର ନ୍ୟୁଜର୍ସିରେ ଏକ ଖବରଦାତା ସମ୍ମିଳନୀରେ କହି ଟ୍ରମ୍ପ୍ ଏହି ସୂଚନା ଦେବା ସହ ତାଙ୍କ ଆକାଉଣ୍ଟଗୁଡ଼ିକ ପୁନଃ ଚାଲୁ କରାଯିବାକୁ ଦାବି କରିଛନ୍ତି।



## ଶ୍ରୀଲଙ୍କା ସରକାରରେ ରାଜପାକ୍ସେଙ୍କ ଚତୁର୍ଥ ଭାଇ

ଶ୍ରୀଲଙ୍କା ସରକାରରେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେଙ୍କ ଚତୁର୍ଥ ଭାଇ ସାମିଲ ହୋଇଛନ୍ତି। ଗୁରୁବାର ବାସିଲ ରାଜପାକ୍ସେ(୭୦)ଙ୍କୁ ଶ୍ରୀଲଙ୍କାର ଅର୍ଥମନ୍ତ୍ରୀ କରାଯାଇଛି। ଗୋଟାବାୟା ରାଜପାକ୍ସେ ଦେଶର ରାଷ୍ଟ୍ରପତି ଥିବାବେଳେ ମହିନ୍ଦା ପ୍ରଧାନମନ୍ତ୍ରୀ, ଚମଲ କୃଷିମନ୍ତ୍ରୀ ଅଛନ୍ତି। ବସିଲଙ୍କୁ ଅର୍ଥମନ୍ତ୍ରୀ ଭାବେ ଗୋଟାବାୟା ଶପଥ ପାଠ କରାଇଥିଲେ। ତାଙ୍କୁ ମିଶାଇ ଶ୍ରୀଲଙ୍କା ସରକାରରେ ଗୋଟାବାୟା ପରିବାର ସଦସ୍ୟ ସଂଖ୍ୟା ୭ରେ ପହଞ୍ଚିଛି। ମହିନ୍ଦାଙ୍କ ପୁଅ ନମାଲ କ୍ରୀଡାମନ୍ତ୍ରୀ ଥିବାବେଳେ ଚମଲଙ୍କ ପୁଅ ଶଶୀନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ରାଜପାକ୍ସେ ଭ୍ରାତାଙ୍କ ପୁତୁରା ନିପୁନା ରାନାୱାକା ସରକାରୀ ଦଳର ଏମ୍‌ପି ରହିଛନ୍ତି।

# ବଢ଼ିବ ସୋସିଆଲ ମିଡିଆ ଅଡୁଆ

**ନୂଆଦିଲ୍ଲୀ, ୮।୭**

ଛୋଟ ଟିମ୍‌କୁ ନେଇ ସୁଶାସନ ପ୍ରଦାନର ପ୍ରତିଶ୍ରୁତି ଦେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନିଜ ଦ୍ୱିତୀୟ ପାଳି ସରକାରର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ଏଥିରେ ବଡ଼ ଧରଣର ଅଦଳବଦଳ, ଡ୍ୟାମେଜ୍ କଣ୍ଟ୍ରୋଲ ସହ ସେହି ରାଜ୍ୟଗୁଡ଼ିକରେ ଭାଜପାର ଭବିଷ୍ୟତ ଉପରେ ଧ୍ୟାନ ଦିଆଯାଇଛି, ଯେଉଁଠି ଦଳ ସାଙ୍ଗଠନିକ ବିସ୍ତାର ପାଇଁ ଆଶା ବାନ୍ଧିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ନୂଆ ସଦସ୍ୟଙ୍କ ଅପେକ୍ଷା କ୍ୟାବିନେଟରୁ ବାଦ୍ ପଡ଼ିଥିବା ନେତାଙ୍କୁ ନେଇ ଅଧିକ ଚର୍ଚ୍ଚା ହେଉଛି। ବାହାର ରାସ୍ତା ଦେଖାଇ ଦିଆଯାଇଥିବା ନେତାଙ୍କ ମଧ୍ୟରୁ ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି ରବିଶଙ୍କର ପ୍ରସାଦ। ପୂର୍ବରୁ ଆଇନ ଏବଂ ଆଇଟି ମନ୍ତ୍ରୀ ଥିବା ରବିଶଙ୍କର ଭାଜପାର ସବୁଠୁ ଦୃଶ୍ୟମାନ ଚେହେରା ଥିଲେ। ସେ ନିଜ 'ଡୋମେନ୍'ର ସମସ୍ୟାଗୁଡ଼ିକର ସମାଧାନ କରିପାରି ନ ଥିବା ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ନୂଆ ଆଇଟି ନିୟମକୁ ନେଇ ଟ୍ୱିଟର ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ସହ ବିବାଦ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏଥିଲାଗି ସରକାରଙ୍କ ଛବି ଖରାପ ହୋଇଛି। ଉକ୍ତ ବିବାଦର ସମାଧାନରେ ରବିଶଙ୍କରଙ୍କ ବିଫଳତା ଓ ଟେକ୍ ଫାର୍ମଗୁଡ଼ିକ ସହ ମୋଦି ସରକାର ମୁହାଁମୁହିଁ ହେବା ତାଙ୍କ ବିରୋଧରେ ଯାଇଛି। କାରିଗରି ଅଡୁଆର ସମାଧାନ ଦାୟିତ୍ୱ ଏବେ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଆଯାଇଛି, ଯିଏକି ଆଇଆଇଟି କାନପୁର ଏବଂ ପେନ୍‌ସିଲଭାନିଆ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରିଛନ୍ତି। ଅଶ୍ୱିନୀ ଜେନେରାଲ ଇଲେକ୍ଟ୍ରୋନିକ୍ ଆଣ୍ଡ ସିମେନ୍ସ ଭଳି ବିଶ୍ୱର ପ୍ରମୁଖ କମ୍ପାନୀରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ନୂଆ ଆଇଟି ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅଶ୍ୱିନୀ ମଧ୍ୟ ରବିଶଙ୍କରଙ୍କ ଭଳି ଅନୁରୂପ ଆଭିମୁଖ୍ୟ ପ୍ରଦର୍ଶନ କରିଥିବାରୁ ଟ୍ୱିଟର ସମେତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ବିରୋଧରେ କେନ୍ଦ୍ରର ଲଢ଼େଇ ଜାରି ରହିବ ବୋଲି ଅନୁମାନ କରାଯାଉଛି।

## ଟ୍ୱିଟର ବିରୋଧରେ କେନ୍ଦ୍ର କାର୍ଯ୍ୟାନୁଷ୍ଠାନ ନେଇପାରିବ

**ନୂଆଦିଲ୍ଲୀ, ୮।୭**

କେନ୍ଦ୍ରର ନୂଆ ଆଇଟି ନିୟମ ପାଳନ ନ କଲେ ଟ୍ୱିଟର ବିରୋଧରେ ସରକାର ନିର୍ଦ୍ୱନ୍ଦ୍ୱରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଗୁରୁବାର ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏଥିସହ ନିୟମ ଅନୁସାରେ ଅନ୍ତରୀଣ ଅଧିକାରୀ ନିଯୁକ୍ତିକୁ ନେଇ ଅଦାଲତ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମକୁ ପ୍ରଶ୍ନ କରିଛନ୍ତି। ଟ୍ୱିଟର ଆଇନ ମାନୁ ନ ଥିବା ନେଇ ଆବେଦନ ହୋଇଥିବା ଏକ ପିଟିଶନର ଶୁଣାଣି କରି ଜଷ୍ଟିସ୍ ରେଖା ପାଲି ଏହି ସୋସିଆଲ ମିଡିଆ ସାଇଟ୍‌କୁ ୨ ସପ୍ତାହ ଦେଇଛନ୍ତି। ଏହି ସମୟ ମଧ୍ୟରେ ଟ୍ୱିଟର ଜଣେ ଦକ୍ଷ ଅଧିକାରୀଙ୍କ ସତ୍ୟପାଠର ହାର୍ଡକପି ବା ଦସ୍ତାବିଜ୍ ଅଦାଲତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ୧୩ ସୁଦ୍ଧା ଡକ୍ୟୁମେଣ୍ଟର ସ୍କାନ କପି ବା ସଫ୍ଟ କପି ଦେବାକୁ ହାଇକୋର୍ଟ କହିଛନ୍ତି। ନିଯୁକ୍ତି ପାଇଥିବା ଏବଂ ନିଯୁକ୍ତ ହେଉଥିବା ଅଧିକାରୀଙ୍କ ସତ୍ୟପାଠ ସହ ଉକ୍ତ ଆଫିଡେଭିଟ୍ ସଂଲଗ୍ନ କରି ଦାଖଲ କରିବାକୁ ହେବ। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖରେ ହେବ।

### ହାଇକୋର୍ଟ ରାୟ

ଉତ୍ତରରେ ଟ୍ୱିଟର କହିଥିଲା, ଆଇଟି ନିୟମ-୨୦୨୧ ଅନୁସାରେ ମେ' ୨୬ରୁ ଜୁନ ୨୫ ସମୟର ପ୍ରଥମ କମ୍ପ୍ଲାଏନ୍ସ ରିପୋର୍ଟ ଜୁଲାଇ ୧୧ରେ ଦାଖଲ କରାଯିବ। ନିୟମ ପାଳନ ଏବଂ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପିତ ବିଭିନ୍ନ ପ୍ରସଙ୍ଗରେ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମ କେନ୍ଦ୍ର ସରକାରଙ୍କ ସହ କ୍ରମାଗତ ଯୋଗାଯୋଗରେ ରହିଛି। ଏହାଛଡ଼ା ନିୟମର ବୈଧତା, ଲିଗାଲିଟିକୁ ଚ୍ୟାଲେଞ୍ଜ କରିବା ଅଧିକାରକୁ ଟ୍ୱିଟର ସଂରକ୍ଷଣ କରି ରଖିଛି। ଟ୍ୱିଟର ଜଣେ ସ୍ଥାନୀୟ ଅଧିକାରୀଙ୍କୁ ଅନ୍ତରୀଣ ଚିଫ୍ କମ୍ପ୍ଲାଏନ୍ସ ଅଫିସର ଭାବେ ନିଯୁକ୍ତ କରିଛି, ଯାହାଙ୍କ କାର୍ଯ୍ୟକାଳ ଗତ ୬ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୨ ସପ୍ତାହ ମଧ୍ୟରେ ଜଣେ ସ୍ଥାନୀୟ ଦକ୍ଷ ଅଧିକାରୀଙ୍କୁ ନୋଡାଲ କଣ୍ଟାକ୍ଟ ଅଫିସର ଭାବେ ନିଯୁକ୍ତ କରାଯିବ। ଆସନ୍ତା ୧୧ ତାରିଖ ସୁଦ୍ଧା ମଧ୍ୟବର୍ତ୍ତୀକାଳୀନ ରେସିଡେନ୍ସ ଗ୍ରିଭାନ୍ସ ଅଫିସର ଭାବେ ଭାରତୀୟ ଅଧିକାରୀଙ୍କୁ ନିଯୁକ୍ତ କରିବା ପ୍ରକ୍ରିୟା ଚାଲିଛି ବୋଲି ଟ୍ୱିଟର କହିଛି।

## ସମାଜକୁ ପ୍ରଭାବିତ କରିପାରେ ଫେସ୍‌ବୁକ୍



**ନୂଆଦିଲ୍ଲୀ, ୮।୭**

ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଦେଶ ଓ ବାହାର ଲୋକଙ୍କୁ ପ୍ରଭାବିତ କରିବାର କ୍ଷମତା ରଖିଛନ୍ତି। ବ୍ୟବହାରକାରୀଙ୍କ ବିଭିନ୍ନ ପୋଷ୍ଟ ସମାଜରେ ଧ୍ରୁବୀକରଣ ଆଣିପାରେ ବୋଲି ସୁପ୍ରିମକୋର୍ଟ ଗୁରୁବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୨୦ ଫେବୃୟାରୀରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ଦିଲ୍ଲୀରେ ଘଟିଥିବା ଦଙ୍ଗା ଘଟଣାରେ ଦିଲ୍ଲୀ ବିଧାନସଭା କମିଟି ଫେସ୍‌ବୁକ୍ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଅଜିତ୍ ମୋହନଙ୍କୁ ସମନ କରିଥିଲି। ଏହାକୁ ସେ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ସୋସିଆଲ ମିଡିଆରେ ପୋଷ୍ଟ ହେଉଥିବା ବିଭିନ୍ନ ପ୍ରସଙ୍ଗର ସତ୍ୟତା ଲୋକେ ଜାଣିପାରି ନ ଥାନ୍ତି। ଫଳରେ ଏହା ଦେଶବିଦେଶରେ ରହୁଥିବା ଲୋକଙ୍କୁ ସହଜରେ ପ୍ରଭାବିତ କରିଥାଏ। ତେଣୁ ମୋହନଙ୍କ ଆବେଦନ ଅପରିପକ୍ୱ ଏବଂ ଦିଲ୍ଲୀ ବିଧାନସଭା ପ୍ୟାନେଲ ତାଙ୍କୁ ସମନ କରିବା ମନ୍ଦ ନୁହେଁ ବୋଲି ସୁପ୍ରିମକୋର୍ଟ କହିବା ସହ ଏହାକୁ ଖାରଜ କରିଦେଇଛନ୍ତି। ଦିଲ୍ଲୀ ଦଙ୍ଗା ମାମଲାରେ ଫେସବୁକ୍ ସାକ୍ଷୀ ଭାବେ ହାଜର ନ ହେବାରୁ ତାଙ୍କୁ ସମନ କରାଯାଇଥିଲା। ପ୍ରକାଶ ଯେ, ଏହି ପ୍ରସଙ୍ଗରେ ଜଷ୍ଟିସ୍ ସଞ୍ଜୟ କିଷାନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଗତ ଫେବୃୟାରୀ ୨୪ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

## ଗୁଗଲ୍ ନାଁରେ ୩୬ ରାଜ୍ୟରେ ମାମଲା




**ୱାଶିଂଟନ, ୮।୭**

ଆଣ୍ଟିଟ୍ରଷ୍ଟ ଆଇନ ଉଲ୍ଲଂଘନ ଅଭିଯୋଗରେ ଗୁଗଲ୍ ବିରୋଧରେ ଆମେରିକାର ୩୬ ରାଜ୍ୟ ଏବଂ ୱାଶିଂଟନ ଡିସି ପକ୍ଷରୁ ମାମଲା ଦାଏର ହୋଇଛି। ଏହି ସର୍ଚ୍ଚ ଇଞ୍ଜିନ୍ ଆଇନ ଉଲ୍ଲଂଘନ କରି ଏହାର ଆଣ୍ଡ୍ରଏଡ୍ ଆପ୍ ଷ୍ଟୋର୍‌କୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଗୁଗଲ୍ ବହୁବର୍ଷ ଧରି ଇଣ୍ଟରନେଟ୍‌ର ଗେଟ୍‌କିପର ଭାବେ କାର୍ଯ୍ୟ କରିଆସୁଥିଲା। କିନ୍ତୁ ଏବେ ଏହି ସର୍ଚ୍ଚ ଇଞ୍ଜିନ ଡିଜିଟାଲ ଡିଭାଇସ୍‌ଗୁଡ଼ିକର ଗେଟ୍‌କିପର ପାଲଟିଛି। ଫଳରେ ଆମେ ବ୍ୟବହାର କରୁଥିବା ସଫ୍ଟୱେରଗୁଡ଼ିକ ପାଇଁ ଅଧିକ ପୈଠ କରିବାକୁ ପଡୁଛି ବୋଲି ନ୍ୟୁୟର୍କ ଆର୍ଟର୍ନି ଜେନେରାଲ ଜେମ୍ସ ଅଭିଯୋଗ କରିଛନ୍ତି। ଜେମ୍ସ ଓ ଅନ୍ୟ ରାଜ୍ୟଗୁଡ଼ିକର ଆର୍ଟର୍ନି ଜେନେରାଲମାନଙ୍କ କହିବା ଅନୁଯାୟୀ ଗୁଗଲ୍ ପ୍ଲେଷ୍ଟୋର ମାଧ୍ୟମରେ ଆପ୍ କିଣିବା ବେଳେ ଏହା ମଧ୍ୟସ୍ଥ ଭୂମିକା ନେଉଛି ଏବଂ ବ୍ୟବହାରକାରୀମାନଙ୍କଠାରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ କମିଶନ ନେଉଛି।

## ଦାୟିତ୍ୱ ନେଲେ



"ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ପ୍ରଣୟନ ସହ ଭାରତର ଶିକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ବଡ଼ ପଦକ୍ଷେପ ନିଆଯାଇଛି। ଏହାକୁ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ସ୍ୱାଗତ କରାଯାଇଛି। ଭାରତକୁ ଏକ ଯଥାର୍ଥ ଜ୍ଞାନ ସମାଜ ଆଡ଼କୁ ନେବାରେ ଛାତ୍ରୀଛାତ୍ର ଓ ଯୁବପିଢ଼ିଙ୍କ ଭୂମିକାକୁ ଗୁରୁତ୍ୱ ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

**-ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରୀ**



"ଆଇନରେ ସ୍ନାତକ ହୋଇଥିଲେ ମଧ୍ୟ କେବେ ଓକିଲାତି କରିନାହିଁ। କିନ୍ତୁ ଉପଯୁକ୍ତ ମାର୍ଗଦର୍ଶନ ସହ ସମସ୍ତ ପ୍ରସଙ୍ଗକୁ ଠିକ୍ ଭାବେ ବୁଝି ବୁଦ୍ଧି ଖଟାଇଲେ ସବୁକିଛିକୁ ପରିଚାଳନା କରିହେବ। ପ୍ରଧାନମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ 'ଆତ୍ମନିର୍ଭର ଭାରତ' ଯୋଜନା ପାଇଁ ଦେଶରେ ମଜଭୁତ ଆଇନଗତ ବ୍ୟବସ୍ଥା ଆବଶ୍ୟକ।

**-କିରନ ରିଜିଜୁ, ଆଇନ ଓ ନ୍ୟାୟ ମନ୍ତ୍ରୀ**



"ପ୍ରଧାନମନ୍ତ୍ରୀ ଦେଇଥିବା ଗୁରୁଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜରିଆରେ ଜନସାଧାରଣଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିବି।

**-ଅନୁରାଗ ସିଂ ଠାକୁର, ସୂଚନା ଓ ପ୍ରସାରଣ, ଯୁବ ବ୍ୟାପାର ମନ୍ତ୍ରୀ**



"ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଜିଡିପିକୁ ପ୍ରୋତ୍ସାହନ ଦେବା ପାଇଁ କାର୍ଯ୍ୟ କରିବ। ଏହା ଉପରେ ପଦକ୍ଷେପ ନେବା ଲାଗି ଚିନ୍ତା କରିବୁ।

**-ନାରାୟଣ ରାଣେ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ**



"କୋଭିଡ୍ ରିଲିଫ୍ ପ୍ୟାକେଜ୍ ସହ ଭବିଷ୍ୟତରେ ମହାମାରୀ ବିରୋଧରେ ଲଢ଼େଇ ପାଇଁ ଦେଶର ପ୍ରସ୍ତୁତିକୁ ଆମେ ସୁନିଶ୍ଚିତ କରିଛୁ। ଆସନ୍ତା ୯ ମାସ ଧରି ଏହାକୁ କାର୍ଯ୍ୟକାରୀ କରାଯିବ।

**-ମନସୁଖ ମାଣ୍ଡବ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ**



"ମୁଁ ଲୋକ ଜନଶକ୍ତି ପାର୍ଟି ପ୍ରତିଷ୍ଠାତା ରାମବିଳାସ ପାଶ୍ୱାନଙ୍କ ରାଜନୈତିକ ଉତ୍ତରାଧିକାରୀ। ହିନ୍ଦୁ ଉତ୍ତରାଧିକାରୀ ଆଇନ ଅନୁସାରେ ଚିରାଗ ପାଶ୍ୱାନ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଇପାରନ୍ତି।

**-ପଶୁପତି କୁମାର ପାରସ, ଖାଦ୍ୟ ଓ ପ୍ରକ୍ରିୟାକରଣ ମନ୍ତ୍ରୀ**



"ଇସ୍ପାତ ପ୍ରତ୍ୟେକ ଭାରତୀୟଙ୍କ ଜୀବନର ଏକ ଅଙ୍ଗ। ଭାରତକୁ ୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ ଦିଗରେ ଏହି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

**-ରାମଚନ୍ଦ୍ର ପ୍ରସାଦ ସିଂ, ଇସ୍ପାତ ମନ୍ତ୍ରୀ**



"ନୂଆ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ପାଳନ କରିବା ଲାଗି ଶୃଙ୍ଖଳିତ ଭାବେ କଠିନ ପରିଶ୍ରମ କରିବି।

**-ଡ. ବୀରେନ୍ଦ୍ର କୁମାର, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ**



"ପୂର୍ବରୁ ବିଦ୍ୟୁତୀକରଣର ଲକ୍ଷ୍ୟ ପୂରଣ କରିଛୁ। ଶକ୍ତି କ୍ଷେତ୍ରର ସୁବିଧା ଯେପରି ସମସ୍ତଙ୍କ ପାଖରେ ପହଞ୍ଚିବ ତାହା ସୁନିଶ୍ଚିତ କରିବୁ।

**-ରାଜକୁମାର ସିଂ, ଶକ୍ତି ଏବଂ ନୂଆ ଓ ନବୀକରଣୀୟ ଉର୍ଜା ମନ୍ତ୍ରୀ**



"ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କାର୍ଯ୍ୟ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପହଞ୍ଚିଛି। ପରିବର୍ତ୍ତିତ ସମୟରେ ନୂଆ ଟେକ୍ନୋଲୋଜିକୁ ନେଇ କାମ କରାଯିବ। ମୁଁ ଏବେ ଦାୟିତ୍ୱ ସମ୍ଭାଳିଛି। ତେଲ ଦର ବୃଦ୍ଧି ଉପରେ କହିବା ଉଚିତ ହେବ ନାହିଁ।

**-ହରଦୀପ ସିଂ ପୁରୀ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରୀ**

# ୪୦ ଲକ୍ଷ ଟପିଲା କୋଭିଡ୍ ମୃତ୍ୟୁ

**ୱାଶିଂଟନ, ୮।୭**

ଟିକାକରଣ ସତ୍ତ୍ୱେ ସାରା ବିଶ୍ୱରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟା ୪୦ ଲକ୍ଷ ଅତିକ୍ରମ କରିଛି। କୋଭିଡ୍ ଭାକ୍ସିନ ଏବଂ ସବୁଠୁ ସଂକ୍ରାମକ କରୋନା ଭୂତାଣୁର ଡେଲ୍ଟା ଭାରିଆଣ୍ଟ ମଧ୍ୟରେ ପ୍ରତିଯୋଗିତା ସଙ୍କଟକୁ ବଢ଼ାଇ ଦେଇଥିବା କୁହାଯାଉଛି। ବିଭିନ୍ନ ସରକାରୀ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଜନ୍‌ସ ହପ୍‌କିନ୍ସ ୟୁନିଭର୍ସିଟି ଉପରୋକ୍ତ ରିପୋର୍ଟ ପ୍ରକାଶ କରିଛି। କରୋନାରେ ପ୍ରାଣ ହରାଇଥିବା ଲୋକସଂଖ୍ୟା ୧୯୮୨ରୁ ସାରା ବିଶ୍ୱରେ ହୋଇଥିବା ଯୁଦ୍ଧରେ ନିହତଙ୍କ ସଂଖ୍ୟା ସହ ସମାନ ବୋଲି ଓସ୍‌ଲୋର ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଆକଳନ କରିଛି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଯେତିକି ଲୋକ ପ୍ରାଣ ହରାଉଛନ୍ତି, କୋଭିଡ୍ ମୃତ୍ୟୁସଂଖ୍ୟା ତା'ର ୩ ଗୁଣ। ଏହା ଲସ୍ ଏଞ୍ଜେଲସ୍ କିମ୍ବା ଜର୍ଜିଆର ଜନସଂଖ୍ୟା ସହ ସମାନ ଏବଂ ହଂକଂ କିମ୍ବା ନ୍ୟୁୟର୍କ ସହରର ଲୋକସଂଖ୍ୟାର ୫୦%ରୁ ଅଧିକ ବୋଲି କୁହାଯାଇଛି। ଗତ ଜାନୁୟାରୀରେ ଦୈନିକ ମୃତ୍ୟୁସଂଖ୍ୟା ସର୍ବାଧିକ ୧୮,୦୦୦ରୁ ଅଧିକ ରହିଥିଲା। ଟିକାକରଣ ପରେ ଏହା ୭,୯୦୦କୁ ହ୍ରାସ ପାଇଛି। ତେବେ ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା ଭୂତାଣୁର ଡେଲ୍ଟା ଭାରିଆଣ୍ଟ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଆମେରିକା, ବ୍ରିଟେନ, ଇସ୍ରାଏଲ୍ ଭଳି ଦେଶରେ ଟିକାକରଣ ଯଥେଷ୍ଟ ସଫଳ ହୋଇଥିଲେ ମଧ୍ୟ ଡେଲ୍ଟା ଭାରିଆଣ୍ଟ ସଂକ୍ରମଣକୁ ରୋକିପାରି ନାହିଁ। ବ୍ରିଟେନରେ ଚଳିତ ସପ୍ତାହର ଗୋଟିଏ ଦିନରେ ୩୦,୦୦୦ରୁ ଊର୍ଦ୍ଧ୍ୱ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।



ଆମେରିକାରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ୬ ଲକ୍ଷ ରହିଛି। ଏହା ପଛକୁ ବ୍ରାଜିଲରେ ମୃତ୍ୟୁସଂଖ୍ୟା ୫,୨୦,୦୦୦ ରହିଥିଲାବେଳେ ପ୍ରକୃତ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ବୋଲି ବିଶ୍ୱାସ କରାଯାଉଛି।

### ପୁଣି ବଢ଼ିଲା ସଂକ୍ରମଣ

**ନୂଆଦିଲ୍ଲୀ, ୮।୭:** ଦେଶରେ କରୋନାର ଦୈନିକ ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି। ଦିନକରେ ୪୫,୮୯୨ ସଂକ୍ରମିତ ହୋଇଥିବାବେଳେ ୮୧୭ ଜଣଙ୍କ ମୃତ୍ୟୁ ଘଟିଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୭,୦୯,୫୫୭ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୪,୦୫,୦୨୮କୁ ବୃଦ୍ଧି ପାଇଛି ବୋଲି ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କ୍ରମାଗତ ୫୫ ଦିନ ଧରି ସକ୍ରିୟ ମାମଲା ହ୍ରାସ ପାଉଥିବାବେଳେ ଏବେ ଏଥିରେ ସାମାନ୍ୟ ବୃଦ୍ଧି ଘଟି ୪,୬୦,୭୦୪ ରହିଛି। ବୁଧବାର ମୋଟ ୧୮,୯୩,୮୦୦ ନମୁନା ପରୀକ୍ଷା କରାଯାଇଥିବାବେଳେ ଦୈନିକ ପଜିଟିଭ୍ ହାର ୨.୪୨% ରହିଛି। ଅପରପକ୍ଷେ ଦେଶରେ ଏ ପର୍ଯ୍ୟନ୍ତ ୩୬.୪୮ କୋଟି ଲୋକଙ୍କ ଟିକାକରଣ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**୪୫,୮୯୨ ଆକ୍ରାନ୍ତ, ୮୧୭ ମୃତ**

# ଅସ୍ୱାଭାବିକ ତାପମାତ୍ରା ନେଉଛି ଜୀବନ

**ନୂଆଦିଲ୍ଲୀ, ୮।୭(ପି.ଟି.)**

**ଭାରତରେ ବର୍ଷକୁ ୭,୪୦,୦୦୦ ଜଣଙ୍କ ମୃତ୍ୟୁ**



- ଗ୍ଲୋବାଲ୍ ୱାର୍ମିଂର ପ୍ରଭାବ
- ୧୦ ବର୍ଷରେ ୦.୨୬% ହାରରେ ବଢ଼ୁଛି ବିଶ୍ୱ ତାପମାତ୍ରା

ଜଳବାୟୁ ପରିବର୍ତ୍ତନ ଜନିତ ଅସ୍ୱାଭାବିକ ଗ୍ରୀଷ୍ମ ଓ ଶୀତ ଯୋଗୁ ଭାରତରେ ପ୍ରତିବର୍ଷ ପ୍ରାୟ ୭,୪୦,୦୦୦ ଲୋକଙ୍କ ଜୀବନ ଯାଉଛି। ଏ ସମ୍ପର୍କିତ ଏକ ଅଧ୍ୟୟନ ଲାନ୍‌ସେଟ୍ ପ୍ଲାନେଟାରି ହେଲ୍‌ଥ ପତ୍ରିକାରେ ପ୍ରକାଶ ପାଇଛି। ଅଷ୍ଟ୍ରେଲିଆର ମୋନାଶ ୟୁନିଭର୍ସିଟି ଗବେଷକମାନଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଟିମ୍ ଏହି ଅଧ୍ୟୟନ କରିଥିଲା। ସେମାନଙ୍କ ଆକଳନ ଅନୁଯାୟୀ ସାରା ବିଶ୍ୱରେ ଏହି କାରଣରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥାଇପାରେ। ୨୦୦୦ରୁ ୨୦୧୯ ମଧ୍ୟରେ ସବୁ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜନିତ ମୃତ୍ୟୁସଂଖ୍ୟା ବଢ଼ିଥିଲା। ଜଳବାୟୁ ପରିବର୍ତ୍ତନ ଜନିତ ବିଶ୍ୱ ତାପନ ଯୋଗୁ ଭବିଷ୍ୟତରେ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଇଛି।

ଗବେଷକମାନଙ୍କ କହିବା ଅନୁଯାୟୀ ଭାରତରେ ଅସ୍ୱାଭାବିକ ଶୀତ ପ୍ରତିବର୍ଷ ୬,୫୫,୪୦୦ ଲୋକଙ୍କ ଜୀବନ ନେଉଥିଲା ବେଳେ ଅତ୍ୟଧିକ ଗ୍ରୀଷ୍ମ ଯୋଗୁ ୮୩,୭୦୦ ଜଣଙ୍କ ମୃତ୍ୟୁ ଘଟୁଛି। ଗବେଷକ ଦଳ ୨୦୦୦ରୁ ୨୦୧୯ ମଧ୍ୟରେ ବିଭିନ୍ନ ଅଞ୍ଚଳର ତାପମାତ୍ରା ଏବଂ ମୃତ୍ୟୁହାରକୁ ଅନୁଧ୍ୟାନ କରି ଉପରୋକ୍ତ ରିପୋର୍ଟ ପ୍ରକାଶ କରିଛନ୍ତି। ଏହି ସମୟ ମଧ୍ୟରେ ବିଶ୍ୱ ତାପମାତ୍ରା ୧୦ ବର୍ଷରେ ୦.୨୬ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଅଧ୍ୟୟନ ଅନୁଯାୟୀ ବିଶ୍ୱର ମୋଟ ମୃତ୍ୟୁସଂଖ୍ୟାର ୯.୩୪ ପ୍ରତିଶତ ଅତ୍ୟଧିକ ଉତ୍ତାପ ଓ ଥଣ୍ଡା ଯୋଗ ବୃଦ୍ଧି ପାଇଛି। ଅର୍ଥାତ୍ ପ୍ରତି ଲକ୍ଷେ ମୃତ୍ୟୁରେ ୭୬ ଅଧିକ ମୃତ୍ୟୁ ତାପମାତ୍ରା ପରିବର୍ତ୍ତନ ଯୋଗୁ ହେଉଛି। ତେବେ ବିଶ୍ୱ ତାପନ ବଢୁଥିବାରୁ ଅତ୍ୟଧିକ ଶୀତ ଜନିତ ମୃତ୍ୟୁସଂଖ୍ୟା ସାମାନ୍ୟ କମିଥାଇପାରେ ବୋଲି ମୋନାଶ ୟୁନିଭର୍ସିଟିର ପ୍ରଫେସର ୟୁମିଙ୍ଗ ଗୁଓ କହିଛନ୍ତି। ଅନ୍ୟପକ୍ଷରେ ଉତ୍ତାପଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ବଢ଼ିଚାଲିଥିବାରୁ ଏହା ଆଗାମୀ ଦିନରେ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଗବେଷକମାନେ ୫ ମହାଦେଶ ଅନ୍ତର୍ଗତ ୪୩ ଦେଶରୁ ତଥ୍ୟ ସଂଗ୍ରହ କରିଥିଲେ। ଭିନ୍ନ ଭିନ୍ନ ଜଳବାୟୁ, ସାମାଜିକ-ଅର୍ଥନୈତିକ ସ୍ଥିତି, ଜନସଂଖ୍ୟା ସ୍ଥିତି, ଭିତ୍ତିଭୂମି ଓ ଜନସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ ଦିଗକୁ ବିଚାରକୁ ନିଆଯାଇ ଅନୁଧ୍ୟାନ କରାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୬୦,୮୧,୦୮୩ | ୪୦,୨୧,୩୨୦ | ୧୭,୦୨,୩୫,୨୫୭ |
| ଭାରତ | ୩,୦୭,୪୧,୮୩୩ | ୪,୦୫,୫୦୩ | ୨,୯୮,୬୯,୯୭୪ |
| ଓଡ଼ିଶା | ୯,୩୨,୩୩୦ | ୪୪୧୫(+୫୩) | ୯,୦୩,୧୭୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଧାର୍ଯ୍ୟ ସମୟରେ ନୀତିକାନ୍ତିକୁ ଗୁରୁତ୍ୱ




ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

- ପୁରୀବାସୀ ଓ ସେବାୟତଙ୍କ ସହଯୋଗ ଲୋଡ଼ିଲେ
- କୋଭିଡ୍ ଗାଇଡ୍‌ଲାଇନ୍ ମାନିବାକୁ ନିବେଦନ କଲେ

**ପୁରୀ ଅଫିସ/ଭୁବନେଶ୍ୱର (ବ୍ୟୁରୋ), ୮।୭**

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏ ନେଇ ସମୀକ୍ଷା କରିଛନ୍ତି। ଗତବର୍ଷ ବିନା ଭକ୍ତରେ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଚଳିତ ବର୍ଷ ମଧ୍ୟ କୋଭିଡ୍ କଟକଣା ମଧ୍ୟରେ ବିନା ଭକ୍ତରେ କିଭଳି ଭାବେ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବ ଏବଂ ଶ୍ରଦ୍ଧାଳୁମାନେ ଘରେ ରହି ଘୋଷଯାତ୍ରା ଦେଖିପାରିବେ ସେନେଇ ମୁଖ୍ୟମନ୍ତ୍ରୀ ପୁରୀ ସହରବାସୀ ଓ ସେବାୟତମାନଙ୍କ ସହଯୋଗ କାମନା କରିଛନ୍ତି। ଧାର୍ଯ୍ୟ ସମୟରେ ସମସ୍ତ ନୀତିକାନ୍ତି ସହ ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରା ଏକ ଅସାଧାରଣ ପରିସ୍ଥିତି ମଧ୍ୟରେ ହେଉଛି। ବିଶ୍ୱବାସୀ ଟେଲିଭିଜନ୍ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ହିଁ କାଳିଆ ଠାକୁରଙ୍କୁ ଦର୍ଶନ କରିବେ। ତେଣୁ ମହାପ୍ରଭୁଙ୍କ ନୀତି ଠିକ୍ ସମୟରେ ହେବା ଦରକାର। ଏଥିସହ କୋଭିଡ୍ ନିୟମର ଅନୁପାଳନ ମଧ୍ୟ ଠିକ ଭାବେ କରାଯିବା ଆବଶ୍ୟକ। କୋଭିଡ୍ ମହାମାରୀ ସମ୍ପର୍କରେ ସଚେତନ କରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦ୍ୱିତୀୟ ଲହରର ପ୍ରଭାବ କମୁଥିଲେ ମଧ୍ୟ ବିପଦ ଏପର୍ଯ୍ୟନ୍ତ ଟଳିନାହିଁ। ତେଣୁ ଚଳିତ ବର୍ଷ ରଥଯାତ୍ରା ସୁରୁଖୁରୁରେ ଶେଷ ହେବା ନେଇ ସେ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି।

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ସେବାୟତ ଓ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ କୋଭିଡ୍ ଟେଷ୍ଟ, ଟିକାକରଣ ସହ ଫାଷ୍ଟ ଏଡ୍ କେନ୍ଦ୍ର, ଆମ୍ବୁଲାନ୍ସ, ଜରୁରିକାଳୀନ ସେବା ବ୍ୟବସ୍ଥା ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଗତବର୍ଷ ଭଳି ଏବର୍ଷ ମଧ୍ୟ ରଥଯାତ୍ରା ସୁରୁଖୁରୁରେ ଶେଷ ହେବ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ରଥଯାତ୍ରା ପାଇଁ କରାଯାଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ଏହି ଭର୍ଚୁଆଲ ବୈଠକକୁ ପରିଚାଳନା କରିଥିଲେ। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧରାପଡ଼ିବା ଭୟରେ ପ୍ରେମିକଙ୍କୁ ବାକ୍ସରେ ଲୁଚାଇଲେ ପ୍ରେମିକା

**ଭିଡିଓ ଭାଇରାଲ୍**

**ବାରିପଦା ଅଫିସ,୮।୭**

ମୟୂରଭଞ୍ଜ ଜିଲା ଶୁକ୍ରୁଳି ବ୍ଲକ ଅଞ୍ଚଳର ଜଣେ ଯୁବତୀ ଧରାପଡ଼ିବା ଭୟରେ ନିଜ ପ୍ରେମିକଙ୍କୁ ବାକ୍ସରେ ଲୁଚାଇ ରଖିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଭଲପାଇଥିଲେ। ଘରେ କେହି ନ ଥିବା ବେଳେ ସେ ତାଙ୍କ ପ୍ରେମିକଙ୍କୁ ଡାକିଥିଲେ। ଉଭୟେ ପ୍ରେମାଳାପରେ ମାତିଥିବା ବେଳେ ଯୁବତୀଙ୍କ ଭାଇ ଘରକୁ ପଳାଇ ଆସିଥିଲେ। ଯୁବତୀ ନିରୁପାୟ ହୋଇ ଘରେ ଥିବା ଏକ ବାକ୍ସ ଭିତରେ ପ୍ରେମିକଙ୍କୁ ପୂରାଇ ତାଲା ପକାଇ ଦେଇଥିଲେ। ତେବେ ପରିବାର ଲୋକେ ଏହା ଜାଣିପାରି ଯୁବତୀଙ୍କୁ ବାକ୍ସର ତାଲା ଖୋଲିବାକୁ କହିଥିଲେ। ଯୁବତୀ ଜଣକ ଭୟରେ ବାକ୍ସ ଖୋଲି ନ ଥିଲେ। ପ୍ରେମିକଙ୍କୁ ବଞ୍ଚାଇବା ପାଇଁ ମାଡ଼ ମଧ୍ୟ ଖାଇଥିଲେ। ପରେ ବାକ୍ସ ଖୋଲି ପ୍ରେମିକଙ୍କୁ ପଦାକୁ ବାହାର କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହି ଘଟଣାର ଭିଡିଓ ରେକର୍ଡ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଯୁବତୀଙ୍କ ଘରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା।


XIME •Bangalore •Chennai •Kochi
Shaping Future Leaders

**PGDM**
**Business Analytics**

**Programme Highlights:** AICTE Approved
- Two-year full-time residential Programme at Bangalore Campus
- Application of Data Analytics to improve the Business Outcomes
- Working with Leading Technical Tools and Methodologies
- Experienced Faculty from Academia and Industry

**Eligibility:**
- 50% in Engineering / Other Graduates with Mathematics as one of the main subjects
- Credible score in CAT / XAT / MAT / CMAT / ATMA / GMAT

**To Apply Visit:**
**https://www.xime.org / pgdmba**
**Last Date: 26.07.2021**

**Admissions also open for**
**One-year Construction Management Programme**

**Xavier Institute of Management & Entrepreneurship**
Electronics City, Phase II, Hosur Road, Bangalore 560100, Karnataka
Mob: +91-8296905883, Tel: +91-80-2852 8597 / 8598
e-mail: pgdmba@xime.org






BIG SAVINGS
SWIFT ₹45 000* VITARA BREZZA ₹45 000* DZIRE ₹38 000*

5ଟି ଆକର୍ଷକ ଫାଇନାନସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^ • 7.25% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଚୁକତ^ • ₹899 ର କମ ମାସିକ କିସ୍ତି^

GOLD VOUCHER ₹2 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#

SWIFT VITARA BREZZA DZIRE

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

| SKY AUTOMOBILES | ORBIT MOTORS | LEGEND CARS | ODYSSEY MOTORS |
|---|---|---|---|
| BERHAMPUR: 9778202019. | ROURKELA: 9040404444, 9040404333. SUNDARGARH: 9437049161. DEOGARH: 9437061223. | JEYPORE: 7894442905. BHAWANIPATNA: 7894442907. | SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. |

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. #Gold Voucher is applicable on select models/variants. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.25% is provided by Bank of Baroda. ##100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2021.

**ଆଜିର ମନ୍ତବ୍ୟ**

"କେନ୍ଦ୍ରର ଭୁଲ ନୀତି ପେଟ୍ରୋଲ-ଡିଜେଲ ମୂଲ୍ୟରେ ନିଆଁ ଲଗାଇଦେଇଛି। ଏହି ନିଆଁ କେବେ ଲିଭିବ ତାହା ଲୋକେ ଜାଣିବାକୁ ଚାହାଁନ୍ତି।

—ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଦକ ଜିତିଲେ ପୁରସ୍କାର

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

- ରାଜ୍ୟ ସରକାର ଘୋଷଣା କଲେ ପୁରସ୍କାର ରାଶି
- ସ୍ୱର୍ଣ୍ଣ ପାଇଁ ୬ କୋଟି, ରୌପ୍ୟ ୪ କୋଟି, ବ୍ରୋଞ୍ଜ ୨.୫ କୋଟି
- ଓଡ଼ିଶାର ଅଲିମ୍ପିୟାନଙ୍କୁ ଉତ୍ସାହିତ କଲେ ମୁଖ୍ୟମନ୍ତ୍ରୀ

ଟୋକିଓ ଅଲିମ୍ପିକ୍ସରେ ଓଡ଼ିଆ ଅଲିମ୍ପିୟାନମାନେ ପଦକ ଜିତିଲେ ସେମାନଙ୍କୁ ବଡ଼ ଧରଣା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ସ୍ୱର୍ଣ୍ଣ ପଦକ ଜିତିଲେ ୬ କୋଟି ଟଙ୍କା, ରୌପ୍ୟ ପଦକ ଜିତିଲେ ୪ କୋଟି ଏବଂ ବ୍ରୋଞ୍ଜ ପଦକ ଜିତିଲେ ୨.୫ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ। ଏ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏଥିସହିତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରତି ଖେଳାଳିଙ୍କ ପ୍ରସ୍ତୁତି ନିମନ୍ତେ ୧୫ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ଘୋଷଣା କରାଯାଇଛି।

ଅଲିମ୍ପିକ୍ସରେ ଭାଗ ନେଉଥିବା ଓଡ଼ିଆ ଅଲିମ୍ପିୟାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଗୁରୁବାର ଭର୍ଚୁଆଲ ମାଧ୍ୟମରେ କଥା ହେବା ସହିତ ସେମାନଙ୍କୁ ଉତ୍ସାହିତ କରାଇଛନ୍ତି। ଅଲିମ୍ପିୟାନ ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଦୀପ ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ପ୍ରତି ଖେଳାଳିଙ୍କ ପାଇଁ ଅଲିମ୍ପିକ୍ସ ହେଉଛି ଜୀବନର ଶ୍ରେଷ୍ଠ ସ୍ୱପ୍ନ। ତୁମେମାନେ ଓଡ଼ିଶାର ଯୁବ ସମାଜ ପାଇଁ ରୋଲ୍ ମଡେଲ ପାଲଟିବା ସହିତ ସମସ୍ତଙ୍କ ପାଇଁ ଗର୍ବ ଆଣିଛ। କଠୋର ପରିଶ୍ରମ, ନିଷ୍ଠା ଓ ଶୃଙ୍ଖଳା ଦ୍ୱାରା ତୁମେମାନେ ନିଶ୍ଚୟ ପଦକ ଜିତିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ଅଲିମ୍ପିୟାନମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଖେଳାଳିଙ୍କ ଅଲିମ୍ପିକ୍ସ ପ୍ରସ୍ତୁତି ଏବଂ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଏବଂ ସ୍ୱତନ୍ତ୍ର ସଚିବ ଆର୍. ଭିନିଲ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି. କେ. ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଉପସ୍ଥିତ ଥିଲେ।

# ଅଣ୍ଡର ଗ୍ରାଜୁଏଟ ପିଲାଙ୍କ ଲାଗି ଇ-କଲ୍‌ଚର ଲୋକାର୍ପିତ

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

କୋଭିଡ୍-୧୯ ସ୍ଥିତିରେ ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନ ବିଶେଷଭାବେ ବାଧାପ୍ରାପ୍ତ ହୋଇଛି। ତେଣୁ ଛାତ୍ରୀଛାତ୍ରଙ୍କୁ ବିକଳ୍ପ ଶିକ୍ଷା ପ୍ରଦାନ ନିମନ୍ତେ ଇ-ଲେକ୍‌ଚର ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଇ-ଲେକ୍‌ଚର ମାଧ୍ୟମରେ ଅଣ୍ଡର ଗ୍ରାଜୁଏଟ୍ ଛାତ୍ରୀଛାତ୍ରମାନେ ଅଧିକ ଭାବେ ଉପକୃତ ହୋଇପାରିବେ। ଏହା ଶିକ୍ଷାଦାନ ପଦ୍ଧତିକୁ ଅଧିକ ସୁଦୃଢ଼ କରିବ ବୋଲି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। କୃଷି ଭବନ ଠାରେ ଗୁରୁବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ ଇ-ଲେକ୍‌ଚର କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି।

ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଅନ୍ତର୍ଗତ ଭର୍ଚୁଆଲ ଟ୍ୟୁଟୋରିଆଲ ପ୍ରକଳ୍ପ ୨୦୧୭ରେ ଆରମ୍ଭ ହୋଇଥିଲା। ସମୁଦାୟ ୫ କୋଟି ଟଙ୍କାର ଏହି ପ୍ରକଳ୍ପରେ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ଅର୍ଥ ପ୍ରଦାନ କରିଥିଲେ। ବିଭିନ୍ନ ଅଣ୍ଡର ଗ୍ରାଜୁଏଟ୍ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ବିଷୟରେ ଇ-ଲେକ୍‌ଚର ପ୍ରସ୍ତୁତ କରିବା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ(ଡିଡିସିଇ)ଠାରେ ଏକ ଉତ୍ସର୍ଗୀକୃତ ଷ୍ଟୁଡିଓ ନିର୍ମାଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ସହଜରେ ଉପଲବ୍ଧ କରାଇବା ପାଇଁ ଏନ୍‌ଆଇସି ଦ୍ୱାରା ବିକଶିତ କରାଯାଇଥିବା ଏକ ସ୍ୱତନ୍ତ୍ର ପୋର୍ଟାଲ http://vtputkal.odisha.gov.in ରେ ପ୍ରସ୍ତୁତ ଇ-ଲେକ୍‌ଚରଗୁଡ଼ିକୁ ସ୍ଥାନିତ କରାଯାଇଛି। ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଏହି ଇ-ଲେକ୍‌ଚରଗୁଡ଼ିକୁ ନିଃଶୁଳ୍କ ପାଇପାରିବେ। ବର୍ତ୍ତମାନ ପାଇଁ ଯୁକ୍ତ ୩ର ପ୍ରଥମ ଓ ୨ୟ ସେମିଷ୍ଟରର ୧୧ଟି ବିଷୟ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ରାଜନୀତି ବିଜ୍ଞାନ, ଓଡ଼ିଆ, ଇତିହାସ, ଇଂଲିଶ, ମନୋବିଜ୍ଞାନ, ବାଣିଜ୍ୟ ଓ ଅର୍ଥନୀତି ବିଷୟର କୋର୍ ପେପରର ଇ-ଲେକ୍‌ଚର ପ୍ରସ୍ତୁତ କରାଯାଇ ୱେବ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇଛି।

# ପୁଅ ବୋହୂର ହତ୍ୟାକାରୀ

## ଥାନାରେ ଅଭିଯୋଗ କଲେ ଅଭିଯୁକ୍ତଙ୍କ ମାଆ

**କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ, ୮।୭(ସ୍ୱ.ପ୍ର.)**

- ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କୁ ହତ୍ୟା
- ଅଭିଯୁକ୍ତ ଗିରଫ

ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ସ୍ତ୍ରୀ ଓ ମାଆ ବିରୋଧ କରୁଥିଲେ। ଏଥିରେ ଉତ୍ତେଜିତ ହୋଇ ଜଣେ ଯୁବକ ନିଜ ମା'ଙ୍କୁ ମାଡ଼ ମାରି ଘରୁ ତଡ଼ି ଦେବା ସହ ସ୍ତ୍ରୀଙ୍କୁ ବୁଧବାର ରାତିରେ ହତ୍ୟା କରି ଫ୍ୟାନ୍‌ରେ ଟାଙ୍ଗି ଦେଇଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପୁଅ ହତ୍ୟାକାରୀ ବୋଲି ଅଭିଯୁକ୍ତଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଡାମରପୁରର ବାଲିପାଟଣା ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଦୀପିକା ବାଇ। ସ୍ୱାମୀ ଦେବାଶିଷ ବାଇ ତାଙ୍କୁ ପୂର୍ବ ଯୋଜନା ଅନୁଯାୟୀ ହତ୍ୟା କରିଥିବା ତାଙ୍କ ମା' ଶ୍ରୀମତୀ ବାଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଦେବାଶିଷଙ୍କ ଶାଶୁ ସାବିତ୍ରୀ ତରାଇ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବାଲିପାଟଣା ଗାଁର ନିମାଇଁ ଚରଣ ବାଇଙ୍କ ପୁଅ ଦେବାଶିଷ ସେହି ଥାନା ଅନ୍ତର୍ଗତ ଖର୍ଦ୍ଧାପାଟଣା ବଳଭଦ୍ରପୁର ଗାଁର ବସନ୍ତ ତରାଇଙ୍କ ଝିଅ ଦୀପିକାଙ୍କୁ ୨୦୧୮ରେ ଭଲ ପାଇ ବିବାହ କରିଥିଲେ। ତେବେ ପ୍ରାୟ ୫ ମାସ ହେବ ଜଣେ ପଡ଼ୋଶୀ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ନେଇ ଦୀପିକା ଓ ତାଙ୍କ ମାଆ ଶ୍ରୀମତୀ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁହିଁଙ୍କୁ ଶାରୀରିକ ନିର୍ଯାତନା ଦେବାଶିଷ ଦେଇ ଆସୁଥିଲେ। ଏପରି କି ମାଆଙ୍କୁ ମାଡ଼ ମାରି ଘରୁ ବିଦା କରି ଦେଇଥିଲେ। ଫଳରେ ସେହି ମହିଳା ଅନ୍ୟ ଜଣେ ପଡ଼ୋଶୀଙ୍କ ଘରେ ରହିଥିଲେ। ଗୁରୁବାର ସକାଳେ ଦୀପିକାଙ୍କ ମୃତଦେହ ଘର ଫ୍ୟାନରେ ଝୁଲୁଥିବା ଦେଖି ପଡ଼ୋଶୀମାନେ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ନଂ. ୪୧୯/୨୧ରେ ମାମଲା ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏ ସମ୍ପର୍କରେ ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି, ଦୁଇ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ହୋଇଛି। ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରି ସନ୍ଧ୍ୟାରେ ଦେବାଶିଷଙ୍କୁ ଗିରଫ କରିଥିବା ଜଣାଯାଇଛି।

# ରାଜ୍ୟ ପଣ୍ୟାଗାର ନିଗମ ପୂର୍ବତନ ଅଧୀକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ, ୮।୭**

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା
- ୩ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ପୂର୍ବତନ ଅଧୀକ୍ଷକ ବଲାଙ୍ଗୀର ନିବାସୀ ଗଣପତି ପୁରୋହିତଙ୍କ ଘରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଚଢ଼ାଉ କରାଯାଇଥିଲା। ତାଙ୍କର ୩ କୋଟି ୩୦ଲକ୍ଷ ୪୮ ହଜାର ୬୨୭ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସହ ୫ ଲକ୍ଷ ୭୬ ହଜାର ୨୩ ଟଙ୍କାର ବୀମା ଆକଳନ କରାଯାଇଛି। ଜଣେ ଅବସରପ୍ରାପ୍ତ ସରକାରୀ ଅଧିକାରୀଙ୍କ ପାଖରେ ଏତେ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଆକଳନ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସମ୍ବଲପୁର, ବଲାଙ୍ଗୀର ଭିଜିଲାନ୍ସ ଟିମ୍ ମିଳିତଭାବେ ଗୁରୁବାର ସକାଳୁ ପୁରୋହିତଙ୍କ ପ୍ୟାଲେସ ଲାଇନ୍‌ସ୍ଥିତ ଦୁଇଟି ଘର ଏବଂ ରାଜେନ୍ଦ୍ରପଡାର ଗୋଟିଏ ଘରେ ଚଢ଼ାଉ କରିଥିଲେ। ଏଥିସହ ସଦର ବ୍ଲକ ଖଇସବାହାଲି ଗ୍ରାମର ସରକାରୀ ସ୍କୁଲରେ ଚାକିରି କରୁଥିବା ତାଙ୍କ ସ୍ତ୍ରୀ ସବିତା କୁମାରୀ ଦାଶଙ୍କ ସ୍କୁଲ ଅଫିସରେ ମଧ୍ୟ ଚଢ଼ାଉ କରାଯାଇଥିଲା। ୨ କୋଟି ୨୩ ଲକ୍ଷର ଦୁଇଟି ତିନି ମହଲା ବିଶିଷ୍ଟ କୋଠା ଏବଂ ବଲାଙ୍ଗୀର ସହର ପ୍ୟାଲେସ ଲାଇନଠାରେ ଥିବା ଏକ ପ୍ଲଟ୍, ୧୫ଲକ୍ଷ ଟଙ୍କାର କାର, ବାଇକ, ୯୦ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ୨ ହଜାର ୮୦ ନଗଦ ଟଙ୍କା ଠାବ କରାଯାଇଥିଲା। ପୂର୍ବତନ ଅଧୀକ୍ଷକ ପୁରୋହିତ ଟିଟିଲାଗଡ଼ସ୍ଥିତ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ୱେରହାଉସରେ ଅଧୀକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## କୋଭିଡ୍ ପାଣ୍ଠି ଲାଗି...

ସରକାରଙ୍କ ଭିତ୍ତିଭୂମି ପାଣ୍ଠିରୁ କୋଟି କୋଟି ଟଙ୍କା ପାଇବ, ଯାହା କୃଷକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି ତୋମାର କହିଛନ୍ତି। କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ତୋମାର କହିଥିଲେ, ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହେବନାହିଁ ବୋଲି ଗତ ବଜେଟ ଉପସ୍ଥାପନ ବେଳେ କୁହାଯାଇଥିଲା। ମଣ୍ଡି ବ୍ୟବସ୍ଥାକୁ ଅଧିକ ମଜଭୂତ କରିବା ଲକ୍ଷ୍ୟରେ ଏହାକୁ କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଲକ୍ଷେ କୋଟି ଟଙ୍କା ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ମାର୍କେଟ ୟାର୍ଡ ମଧ୍ୟରେ ଶୀତଳ ଭଣ୍ଡାର, ସର୍ଟିଂ, ଗ୍ରେଡ଼ିଂ ଆଦି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ଲାଗି ଏପିଏମ୍‌ସିକୁ କମ୍ ସୁଧରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିବିଶେଷ, ସଂଗଠନ, ସମବାୟ ସଂସ୍ଥା, କୃଷି ଉତ୍ପାଦନ ସଂଗଠନ (ଏଫ୍‌ପିଓ) ଏବଂ କୃଷି ଷ୍ଟାର୍ଟଅପ୍‌ଗୁଡ଼ିକୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବାର୍ଷିକ ୩ ପ୍ରତିଶତ ସୁଧ ଛାଡ଼ ସୁବିଧା ମିଳୁଛି।

## ୧୧ ଖଣି ପାଇଁ...

ସୁଦ୍ଧା ଟେଣ୍ଡର କାଗଜପତ୍ର ଖରିଦ ପାଇଁ କୁହାଯାଇଛି। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୨୪ତାରିଖକୁ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ଖଣି ପାଇଁ ଟେଣ୍ଡର କାଗଜର ଦର ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ଯେଉଁ ବିଡରମାନେ ୨୦୧୯ ଅକ୍ଟୋବର ୧୮ ତାରିଖରେ ଜାରି ବିଜ୍ଞପ୍ତି ଅନୁଯାୟୀ ପୁରେଇବାହାଲ, ଚାନ୍ଦିପୋଷି, ଜୁମକା ପଥରିପୋଷି, ଢୋଲଟାପାହାଡ଼, ନେତ୍ରବନ୍ଧ ପାହାଡ଼ ଏବଂ ଗନ୍ଧଲପଡା ଲୁହାପଥର ଖଣି ପାଇଁ ଟେଣ୍ଡର ପେପର ଖରିଦ କରିଥିଲେ ସେମାନେ ଏବେ ବିନା ଦେୟରେ ସେହିସବୁ ଖଣି ପାଇଁ ଟେଣ୍ଡର ପକାଇ ପାରିବେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ରାଜ୍ୟର ୨୪ଟି ଖଣି ପାଇଁ ନିଲାମ ପ୍ରକ୍ରିୟା ହୋଇଥିଲା। ସେଥିରୁ ୧୯ଟି ଖଣି ଲିଜଧାରୀମାନଙ୍କୁ ହସ୍ତାନ୍ତର କରାଯାଇଛି। ଏହାଛଡ଼ା ରାଜ୍ୟ ସରକାର ଏବେ ଆଉ ୧୧ ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ୧୦ ସପ୍ତାହରେ...

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ଏବଂ ଡିଜେଲ ୯ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୦.୫୬ ଟଙ୍କା ଏବଂ ଡିଜେଲ ୮୯.୬୨ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୧.୩୭ ଟଙ୍କା, ୧୦୦.୬୨ ଟଙ୍କା ଏବଂ ୧୦୬.୫୯ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଏହିସବୁ ସହରରେ ଡିଜେଲ ଦର ଯଥାକ୍ରମେ ୯୪.୧୫ ଟଙ୍କା, ୯୨.୬୫ ଟଙ୍କା ଏବଂ ୯୭.୧୮ ଟଙ୍କାରେ ପହଞ୍ଚିଛି।

# ୫-ଟି ମନ୍ତ୍ରକୁ ଜିଲାରେ କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କୁ ନେଇ ଗୁରୁବାର ପୂର୍ବାହ୍ନରେ ଭର୍ଚୁଆଲ ମାଧ୍ୟମରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଛନ୍ତି, କରୋନା ମହାମାରୀର ଭୟାବହତା ସତ୍ତ୍ୱେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀମାନେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ଲକ୍‌ଡାଉନ୍, ଶଟ୍‌ଡାଉନ୍, କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା, ଶ୍ରମଜୀବୀଙ୍କ ଯିବା ଆସିବା, ଟିକାକରଣ ଆଦି ସମସ୍ତ କ୍ଷେତ୍ରରେ ଜଡ଼ିତ ରହି ଗଣମାଧ୍ୟମକୁ ସମୁଚିତ ସୂଚନା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

ସେହିପରି ଅମ୍ଫନ, ୟଶ୍ ବାତ୍ୟା ପରିପ୍ରେକ୍ଷୀରେ ପ୍ରଭାବିତ ଜିଲାଗୁଡ଼ିକରେ ଅଧିକାରୀମାନଙ୍କ ଦାୟିତ୍ୱ ନିର୍ବାହ ପ୍ରଶଂସନୀୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ୫-ଟି ମନ୍ତ୍ରକୁ ଜିଲା ଓ ଉପଖଣ୍ଡ ସ୍ତରରେ କାର୍ଯ୍ୟକାରୀ କରି ରାଜ୍ୟର ବିକାଶ କ୍ଷେତ୍ରରେ ଆଶାନୁରୂପ ପରିବର୍ତ୍ତନର ବାର୍ତ୍ତାବହ ହେବା ପାଇଁ ମନ୍ତ୍ରୀ ଦାସ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ବର୍ତ୍ତମାନ ସମୟରେ ତୁରନ୍ତ ଗଣମାଧ୍ୟମକୁ ଖବର ତଥା ସୂଚନା ପ୍ରସାର ଦିଗରେ ସୋସିଆଲ ମିଡିଆର ଅବଦାନ ଅନସ୍ୱୀକାର୍ଯ୍ୟ। କାର୍ଯ୍ୟରତ ଖବରଦାତାମାନଙ୍କ କଲ୍ୟାଣ ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର ସ୍ଥିତି, ସେମାନଙ୍କ ଅଧିସ୍ୱୀକୃତି, ସୋସିଆଲ ଓ ୱେବ୍ ମିଡିଆ ସମ୍ବନ୍ଧରେ ବିଶଦ ତଥ୍ୟ ପ୍ରଦାନ କରିବା ସହ ଜିଲାସ୍ତରରେ ୫-ଟି କିପରି ଅଧିକ ଫଳପ୍ରଦ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲା ସୂଚନା ଅଧିକାରୀମାନେ ମଧ୍ୟ ସେମାନଙ୍କ ସମସ୍ୟାଗୁଡ଼ିକ ବାବଦରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କରିବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** — ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମାଧିପଙ୍କ ଦୁର୍ବଳତା କାରଣରୁ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶା ରହିଛି।

**ମିଥୁନ** — ପାରିବାରିକ କ୍ଷେତ୍ରରେ କେତୁଙ୍କ କୁପ୍ରଭାବରୁ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ନୂତନ ଯାନବାହନ କ୍ରୟ କରିବା କିମ୍ବା ଗୃହସଜ୍ଜା ପ୍ରତି ଆଗ୍ରହ ବଢିପାରେ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ** — ଚାରୋଟିଗ୍ରହ ବଳବାନ୍ ଥିବା ହେତୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ** — ଏକାଦଶସ୍ଥ ଚନ୍ଦ୍ରଙ୍କ ଗ୍ରହ ସାନ୍ନିଧ୍ୟ କାରଣରୁ ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ସମସ୍ୟା ସମାଧାନ କରିବାକୁ ଯାଇ ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିପାରିବେ।

**କନ୍ୟା** — କର୍ମଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବିଭିନ୍ନ ସମସ୍ୟା ମଧ୍ୟରେ ଉନ୍ନୟନ କାମ ବାଧାପ୍ରାପ୍ତ ହେବାରୁ ରକ୍ଷା ମିଳିଯିବ। କିନ୍ତୁ ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** — ଆଜିର ଫେରନ୍ତା ବାଟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଦଶମସ୍ଥ ଗ୍ରହଜନିତ କାରଣରୁ ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ସହକର୍ମୀମାନଙ୍କ କୃତ ମିଥ୍ୟାଗୁଜବ ସାମୟିକ ମନକୁ ଆତଙ୍କିତ କରିପାରେ। ଯାତ୍ରା, ପ୍ରଶାସନ କ୍ଷେତ୍ର ମନ୍ଦ ହେବନି।

**ବିଛା** — ଭାଗ୍ୟସ୍ଥଗ୍ରହ ଜନିତ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ହାସଲ କରି ସଫଳତା ପ୍ରାପ୍ତ କରିବେ। ପାରିବାରିକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ଧନୁ** — ଆଜି ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ବୃହସ୍ପତିଙ୍କ ପ୍ରଭାବରୁ ପଡ଼ୋଶୀଙ୍କ ସାହାଯ୍ୟ ହେତୁ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡିପାରେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**ମକର** — ସମସ୍ୟାର ସରଳ ସମାଧାନ ହେବାରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହାନୁଭୂତି ଅବିସ୍ମରଣୀୟ ରହିବ। କୌଣସି ମୂଲ୍ୟବାନ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ହଠାତ୍ ଘରର ବରାଦ ଅନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ** — ରାହୁଙ୍କ ପ୍ରଭାବରେ ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ସହକର୍ମୀମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ** — ରାଶିସ୍ଥ ଗ୍ରହପ୍ରଭାବରୁ ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୂର୍ବଭାଦ୍ରପଦ ନକ୍ଷତ୍ର ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯିବ। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି।

ଆଜି ଆଷାଢ଼ ଅମାବାସ୍ୟା ଶୁକ୍ରବାର, ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଅମାବାସ୍ୟାର ନିଶାପାଳନ, ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨।୧୮ ଗତେ ଘ.୦୨।୫୫ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୧୦ ଗତେ ଘ.୦୭।୦୨ ମଧ୍ୟେ, ଘ.୦୯।୪୦ ଗତେ ଘ.୧୦।୩୩ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୩ ଗତେ ଘ.୧୧।୫୧ମଧ୍ୟେ ରାହୁକାଳ।

**classifieds** **Everyday** 0674-2580101, 2549302




**SALE**

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati- 6371010864. D-70861

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

Pay 1Lakh, registration ready to move Duplex at Gudiapokhari, Bhubaneswar. Bank loan available. 7537874306. D-71114

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK 3rd floor family Metromasion Ravitalkies Square, Bhubaneswar. 9437033384. D-70860

**LOST**

LOST B.Tech Certificate and Gradesheets on 28/9/2020 (Sukanya Mohapatra, Regd. No.- 1001227589,2010-14,BPUT,Odisha). If found kindly contact 7978605942. D-21041

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I Sri Umakanta Nayak, S/o- Late Udayanatha Nayak, At/Po/Ps- Baideswar, District- Cuttack have changed my surname from Nayak to Acharya. Henceforth. I shall be known as Umakanta Acharya for all purposes. D-21042

By virtue of an affidavit made before Executive Magistrate, Bhubaneswar on 07.07.21, I Kumari Sudeshna Nanda, hereby declare that my certificate of Class 10th Board & Class 12th certificate mentioned name Sudesna Nanda is same as my actual name Sudeshna Nanda, both are one & same person. I will be known as Sudeshna Nanda for all purpose. D-56670

ଧରିତ୍ରୀ DHARITRI
ଶୁକ୍ରବାର, ୯ ଜୁଲାଇ, ୨୦୨୧

## ଗଞ୍ଜେଇ ଜବତ, ମହିଳା ଗିରଫ

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପାଟପୁର ଥାନା ରାଧାଦେଇପୁର ଗ୍ରାମରେ ଚଢ଼ଉ କରି ୫୦କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ହେଲେ ବାଙ୍କି ସୁଆଁସିଆ। ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ପାଟପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ରାଧାଦେଇପୁର ଗାଁ ଛକରେ ସନ୍ଦିଗ୍ଧ ଅବସ୍ଥାରେ ଛିଡ଼ା ହୋଇଥିବା ମହିଳାଙ୍କୁ ଅଟକ ରଖି ଯାଞ୍ଚ କରାଯାଇଥିଲା। ସେ ଧରିଥିବା ବସ୍ତାରୁ ୫୦କେଜି ଗଞ୍ଜେଇ ଜବତ ହୋଇଥିଲା।



## ଦୁର୍ଘଟଣାରେ ଟ୍ରକ୍ ମାଲିକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୭:** ଜାତୀୟ ରାଜପଥ-୫୯ ହଳଦିଆପଦର ଓଭରବ୍ରିଜ ଓ ପୁଷ୍ପା ହୋଟେଲ ମଧରେ ହୋଇଥିବା ଏକ ଦୁର୍ଘଟଣାରେ ଜଣେ ଟ୍ରକ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ହଳଦିଆପଦର ଛକ ରାଳବ ରୋଡ ତ୍ରିପତି ନଗରରେ ରହୁଥିବା ସ୍ୱାଧୀନ କୁମାର ନାୟକ (୩୬)। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଜଣା ଗାଡି ଧକ୍କାରେ ଭାଇଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରି ତାଙ୍କ ଭାଇ ରଞ୍ଜନ ଗୁରୁବାର ଟ୍ରାଫିକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୫/୨୧ ରେ ଏକ ମାମଲା ରୁଜୁ କରିଛି। ଟ୍ରକ ମାଲିକ ସ୍ୱାଧୀନ କୌଣସି ଏକ କାମରେ ବୁଧବାର ରାତିରେ ଘରୁ ବାହାରିଥିଲେ। ଜାତୀୟ ରାଜପଥ କଡରେ ଗୁରୁତର ଆହତ ହୋଇ ଜଣେ ଯୁବକ ପଡ଼ିଥିବା ବେଳେ ତାଙ୍କୁ କିଛି ଲୋକ ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଯୁବକଙ୍କ ପକେଟରୁ ମିଳିଥିବା ମୋବାଇଲ ନମ୍ବର ଜରିଆରେ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବା ସହ ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ କରିଥିଲା।

# ମନ୍ଦିରମାଳିନୀ ଭୈରବ ପୋଖରୀ ଅବହେଳିତ

**ବ୍ରହ୍ମପୁର ଅଫିସ,୮।୭**

ବ୍ରହ୍ମପୁର ମହାନଗର ନିଗମର ୩୭ନଂ.ୱାର୍ଡ ଅନ୍ତର୍ଗତ ଶିଳ୍ପାଞ୍ଚଳର ପୁରାତନ ଭୈରବ ପୋଖରୀ ଅବହେଳିତ ହୋଇ ରହିଛି। ଲୋକଙ୍କ ଗାଧୁଆ ତୁଠଗୁଡ଼ିକ ଭଙ୍ଗାରୁଜା ହୋଇଯାଇଛି। ଏହି ବୃହତ୍ ଜଳାଶୟର

### ଆଧୁନିକୀକରଣ ପାଇଁ ଶିଳ୍ପାଞ୍ଚଳବାସୀଙ୍କ ଦାବି


ଭୈରବ ପୋଖରୀ

ପୁନରୁଦ୍ଧାର, ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ବିଏମ୍‌ସି ପକ୍ଷରୁ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପ୍ରତିବାଦରେ ଜନ ଆନ୍ଦୋଳନ ସୂତ୍ରପାତ କରାଯିବା ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି ପୋଖରୀ ପାର୍ଶ୍ୱରେ ସକଳେଶ୍ୱର ଶୈବପୀଠ, ହନୁମାନଙ୍କ ପୂର୍ଣ୍ଣାଙ୍ଗ ବିଗ୍ରହ, ଶନିଶ୍ଚର ଦେବ ପୀଠ, ଜଗନ୍ନାଥ ମନ୍ଦିର, ଗଣେଶ ମନ୍ଦିର, କନକ ଦୁର୍ଗା, ବିମଳା, ଭାଗବତ ଟୁଙ୍ଗି, ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କେନ୍ଦ୍ର ଅଛି। ଜଳାଶୟରେ ରଙ୍ଗିନ ମାଛ ଛଡ଼ାଯାଇଥିବାରୁ ପିଲାଙ୍କ ମନୋରଞ୍ଜନ ପାଇଁ ଗହଳି ଜମୁଛି। ପୋଖରୀ ନିକଟରେ ବିରାଟ ରଘୁନାଥ ମନ୍ଦିର ଓ ଦିବ୍ୟ ଜୀବନ ସତ୍‌ସଙ୍ଗ କେନ୍ଦ୍ର ମଧ ଅଛି। ପ୍ରତିଦିନ ଦେଖଣାହାରିମାନେ ମାଛ ଗୁଡ଼ିକୁ ଖାଦ୍ୟ ଯୋଗାଉଛନ୍ତି ଓ ସୁରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଏହି ଜଳାଶୟରେ ଅନେକ ଅଞ୍ଚଳବାସୀ ଓ ଯିବାଆସିବା କରୁଥିବା ବାଟୋଇମାନେ ସ୍ନାନ କରୁଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୋଖରୀ ପରିଷ୍କାର କରାଯାଉଥିବାରୁ ପାଣି ଉପଯୁକ୍ତ ବ୍ୟବହାର ଯୋଗ୍ୟ ହୋଇଛି। ମହିଳା ଓ ପୁରୁଷଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ୫ ତୁଠ ରହିଛି। ପାହାଚଗୁଡ଼ିକ ଭଙ୍ଗାରୁଜା ହୋଇଯାଇଛି। ତାହା ପୁନଃ ନିର୍ମାଣ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଗତ ୨୪ ତାରିଖରେ ଅନୁଷ୍ଠିତ ବିଏମ୍‌ସିର ବାର୍ଷିକ ବଜେଟ ବୈଠକରେ ସହରାଞ୍ଚଳ ଜଳାଶୟଗୁଡ଼ିକର ଉନ୍ନତୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗୋଷାଣୀନୂଆଗାଁ ବେଢ଼ା ବନ୍ଧ ସୌନ୍ଦର୍ଯ୍ୟକରଣ ପାଇଁ ୫୦ କୋଟି ଏବଂ ଆଗୁଳାବନ୍ଧ ଆଧୁନିକୀକରଣ ଲାଗି ବଜେଟରେ ୪ କୋଟି ଟଙ୍କା ବରାଦ କରାଯାଇଛି। ବିଏମ୍‌ସିର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲ ସ୍ୱାଗତ କରିଛନ୍ତି। ତେବେ ଭୈରବ ପୋଖରୀ ବିକାଶ କରାଯିବାକୁ ଦାବି ହୋଇଛି।

# ସର୍ବଭାରତୀୟ ସ୍ତରରେ ୮୩ତମ ର୍ୟାଙ୍କ୍‌ରେ ସୌମ୍ୟ

**ବ୍ରହ୍ମପୁର ଅଫିସ,୮।୭**

ସର୍ବଭାରତୀୟ ସ୍ତରରେ ଏନ୍‌ଡିଏ (ନ୍ୟାଶନାଲ ଡିଫେନ୍ସ ଏକାଡେମୀ) ପରୀକ୍ଷାରେ ବ୍ରହ୍ମପୁର ସାମନ୍ତରାୟ ଏକାଡେମୀ ଛାତ୍ର ସଫଳତା ହାସଲ କରିଛନ୍ତି। ଏକାଡେମୀ ଛାତ୍ର ସୌମ୍ୟରଞ୍ଜନ ସାହୁ ସର୍ବଭାରତୀୟ ସ୍ତରରେ ୮୩ତମ ସ୍ଥାନରେ ରହି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ପ୍ରଥମେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଏସ୍‌ଏସ୍‌ବି ଇଣ୍ଟରଭ୍ୟୁ ଓ ମେଡିକାଲରେ ଉତ୍ତୀର୍ଣ୍ଣ ହୋଇ ସର୍ବଭାରତୀୟସ୍ତରରେ ଏହି ର୍ୟାଙ୍କ୍ ହାସଲ କରିଛନ୍ତି। ଏକାଡେମୀ ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ କହିଛନ୍ତି, ଏହି ସଫଳତା ବ୍ରହ୍ମପୁର ତଥା ଗଞ୍ଜାମ ଜିଲା ଯୁବ ପିଢିଙ୍କ ପାଇଁ ଏକ ପ୍ରେରଣା । ବର୍ତ୍ତମାନ ଅଧିକରୁ ଅଧିକ ଯୁବକ ସୈନ୍ୟବାହିନୀରେ ଅଫିସର୍ ଭାବେ ଯୋଗ ଦେବା ପାଇଁ ଆଗ୍ରହ ପ୍ରକାଶ କରିବେ।

### ଏନ୍‌ଡିଏ ପରୀକ୍ଷାରେ ସାମନ୍ତରାୟ ଏକାଡେମୀ ଛାତ୍ରଙ୍କ ସଫଳତା


ସୌମ୍ୟ ରଞ୍ଜନ ସାହୁ

ସୌମ୍ୟ ତାଙ୍କ ସଫଳତାର ସମସ୍ତ ଶ୍ରେୟ ପିତା ତଥା ଅବସରପ୍ରାପ୍ତ ସୁବେଦାର ମେଜର କୃଷ୍ଣ ଚନ୍ଦ୍ର ସାହୁ ଓ ମା' ରାଜଲକ୍ଷ୍ମୀ ସାହୁ ଏବଂ ସାମନ୍ତରାୟ ଏକାଡେମୀର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି।

# ରେକର୍ଡ ଲକ୍ଷ୍ୟରେ ବାଲୁକା ଶିଳ୍ପୀ

**ବ୍ରହ୍ମପୁର ଅଫିସ,୮।୭**

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ପୁଣି ଥରେ କ୍ଷୁଦ୍ର କଳାକୃତି କରି ଚର୍ଚ୍ଚା ପରିସରକୁ ଆସିଛନ୍ତି। ଚଳିତ ଥର ସେ ପୁରୀ ଜଗନ୍ନାଥଙ୍କ ନବଯୌବନ ବେଶ ନେଇ ଅବିକଳ ଜଗନ୍ନାଥଙ୍କ ୨କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏଥିପାଇଁ ସେ ଅଦରକାରୀ କାଠ ବ୍ୟବହାର କରିଛନ୍ତି। ଏହି ସୂକ୍ଷ୍ମ କାରୁକାର୍ଯ୍ୟକୁ ୩୦ ମିନିଟ୍ ମଧରେ ନିର୍ମାଣ କରିଥିବା ସତ୍ୟ କହିଛନ୍ତି। ସେ ନିର୍ମାଣ କରିଥିବା ପ୍ରଥମ ଜଗନ୍ନାଥ ପ୍ରତିମୂର୍ତ୍ତିର ଉଚ୍ଚତା ୧ ଏମ୍‌ଏମ୍ ଓ ଅନ୍ୟ ଏକ ଜଗନ୍ନାଥଙ୍କ ଉଚ୍ଚତା ୨ ଏମ୍‌ଏମ୍ ରହିଛି। ଏହା ବିଶ୍ୱର ସବୁଠାରୁ ଛୋଟ କଳାକୃତି ବୋଲି ସତ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିପୂର୍ବରୁ ସତ୍ୟ ୧ ସେଣ୍ଟିମିଟର ବିଶିଷ୍ଟ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ଏସିଆ ବୁକ୍ ଅଫ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଥିଲେ। ବର୍ତ୍ତମାନ ନିର୍ମାଣ

### ନିର୍ମାଣ କଲେ ୧ ଏମ୍‌ଏମ୍ କ୍ଷୁଦ୍ର ଜଗନ୍ନାଥ



କରିଥିବା ସବୁଠାରୁ କ୍ଷୁଦ୍ର ଓ ସୂକ୍ଷ୍ମ କାରୁକାର୍ଯ୍ୟ ଆଗାମୀ ଦିନରେ ରେକର୍ଡ ହାସଲ କରିବ ବୋଲି ସତ୍ୟ କହିଛନ୍ତି।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ବିରଞ୍ଚି ନାରାୟଣ, ମାରଦା ମନ୍ଦିର ପରିଦର୍ଶନ


ଆଲୋଚନା କରୁଛନ୍ତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ।

**ବୁଗୁଡ଼ା/ପୋଲସରା,୮।୭(ଡି.ଏନ.ଏ.)**

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର ବୁଗୁଡ଼ା ଗସ୍ତରେ ଆସି ଦ୍ୱିତୀୟ ଅର୍କ କ୍ଷେତ୍ର ବିରଞ୍ଚି ନାରାୟଣ ମନ୍ଦିର ପରିଦର୍ଶନ କାଳରେ ଏହାର କାଷ୍ଠ କାରୁକାର୍ଯ୍ୟ ଦେଖି ବିମୋହିତ ହେବା ସହ ଏହାର ପୁନରୁଦ୍ଧାର ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବୁଦ୍ଧଖୋଲ ପରିଦର୍ଶନ ବେଳେ ସୁଉଚ୍ଚ ଶିବ ପାର୍ବତୀ ମୂର୍ତ୍ତି ଓ ହନୁମାନଙ୍କ ମୂର୍ତ୍ତି ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପର୍ଯ୍ୟଟନ ସ୍ଥଳୀର ରୂପରେଖକୁ ଆକର୍ଷଣୀୟ କରିବା ପାଇଁ ଯଥେଷ୍ଟ ଭିତ୍ତିଭୂମି ରହିଥିବା ସେ ସ୍ୱୀକାର କରିଥିଲେ। ବର୍ତ୍ତମାନ ଚାଲିଥିବା ବିକାଶ ପ୍ରକ୍ରିୟାରେ ସେ ସନ୍ତୋଷ ପ୍ରକାଶ କରିଥିଲେ ମଧ ରାଜ୍ୟ ତଥା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହେଲେ ଆହୁରି ଅଧିକ ବିକାଶର ଆବଶ୍ୟକତା ରହିଥିବା କହିଥିଲେ। ଏହି ଅବସରରେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ଅଭ୍ୟର୍ଥନା ପୂର୍ବକ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ମନ୍ତ୍ରୀ ପାଣିଗ୍ରାହୀ ପୋଲସରା ବ୍ଲକ ଗସ୍ତ କରି ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର କିପରି ଉନ୍ନତୀକରଣ ହେବ ଏବଂ କିପରି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ ଆଲୋଚନା କରାଯାଇଥିଲା। ମାରଦା ମନ୍ଦିରର ଐତିହ୍ୟ ପରମ୍ପରାକୁ ମନ୍ଦିର ସେବକ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମନ୍ଦିରକୁ ଆହୁରି କିପରି ସୌନ୍ଦର୍ଯ୍ୟକରଣ ଯାଇପାରିବ ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ନିଜେ ତଦାରଖ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ପର୍ଯ୍ୟଟନ ମନ୍ତ୍ରୀଙ୍କ ଉକ୍ତ ପରିଦର୍ଶନ କାଳରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୋଲସରା ବିଡ଼ିଓ ସୁରଞ୍ଜନ ସାହୁ, ପୋଲସରା ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷ ସଂଯୁକ୍ତ ବାଡ଼ତ୍ୟା, ଜିଲା ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ସୁରଥ ପ୍ରଧାନ, ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା, ମହନ୍ତ ଭକ୍ତରାମ ଦାଶଙ୍କ ସମେତ ବୁଦ୍ଧଖୋଲ ଉନ୍ନୟନ ସମିତିର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ମୋବାଇଲ ଲୁଟ୍

**ବ୍ରହ୍ମପୁର ଅଫିସ,୮।୭:** ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିବା ସୂର୍ଯ୍ୟନାରାୟଣ ମହାନ୍ତି (୭୭)ଙ୍କୁ ବାଇକରେ ଆସି ଦୁଇ ଜଣ ଯୁବକ ଧକ୍କା ଦେଇଥିଲେ। ଜାଣିଶୁଣି ରାସ୍ତା ଉପରେ ଗାଡିଟି ପକାଇ ଯୁବକ ଦୁଇ ଜଣ ଗାଡି ତଳେ ପଡି ରହିଥିଲେ। ସୂର୍ଯ୍ୟନାରାୟଣ ସେମାନଙ୍କୁ ସହାୟତା ଦେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ପକେଟରୁ ମୋବାଇଲ ଓ ବେକରୁ ସୁନା ଚେନ ଝାମ୍ପି ଥିଲେ। ସୌଭାଗ୍ୟବଶତଃ ସୁନା ଚେନଟି ଛିଣ୍ଡି ଯିବାରୁ ତାହା ସୂର୍ଯ୍ୟନାରାୟଣଙ୍କ ଶାର୍ଟ ଭିତରେ ରହିଯାଇଥିଲା। ସେ ଚିତ୍କାର କରିବାରୁ ଦୁର୍ବୃତ୍ତ ତାଙ୍କ ମୋବାଇଲ ନେଇ ଫେରାର ହୋଇଯାଇଥିଲେ।


## ପୂର୍ବ ତଟ ରେଳପଥ

### ବ୍ରହ୍ମପୁର ଏବଂ ଗୋଳନ୍ଥରା ଷ୍ଟେସନଗୁଡ଼ିକ ମଧ୍ୟରେ ଜଗୁଆଳୀଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀକ ସୂଚନା।

ସଂଯୋଗ ରାସ୍ତା ଖୋଲାଯିବା ପରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିମ୍ନ ବର୍ଣ୍ଣିତ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିଦିଆଯାଇଛି । ତେଣୁ, ନିମ୍ନ ପ୍ରଦତ୍ତ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ବନ୍ଦ କରିଦିଆଯାଇଛି ।

| କ୍ର. ସଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଶ୍ରେଣୀ (M/UM) | ଗଣନା ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|---|---|
| 1 | B | ବ୍ରହ୍ମପୁର-ଗୋଳନ୍ଥରା | 316 | 607/26-24 | "B2"ଶ୍ରେଣୀ (M) | ଅଗଷ୍ଟ 2018 | 21062 |

ବନ୍ଦ ହେବା କାରଣ: ଲେଭେଲ କ୍ରସିଙ୍ଗ୍ ସଂଖ୍ୟା 316 ରୁ 315 ପର୍ଯ୍ୟନ୍ତ ସଂଯୋଗ ରାସ୍ତା ନିର୍ମାଣ ।
ପତ୍ର ସଂ.01/G&M, ତା.02.01.2020ରିଖ ଦ୍ୱାରା ଅତିରିକ୍ତ କଲେକ୍ଟର/ଗଞ୍ଜାମ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି । ପତ୍ର ସଂ.W-4/351/A/Pt.VIII, ତା.12.04.2021ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି ।
ଏଥି ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ ପ୍ରଦାନ କରାଗଲା ।

PR-201/M/21-22 ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସାଉଥ), ଖୋର୍ଦ୍ଧା ରୋଡ୍


## ବ୍ରାହ୍ମଣଛାଇ ଗୋଷ୍ଠୀ ସଂଘର୍ଷ ଘଟଣା, ୭ ଗିରଫ

**ହିଞ୍ଜିଳିକାଟୁ,୮।୭(ଡି.ଏନ୍.ଏ.):** ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ମଙ୍ଗଳବାର ରାତିରେ ବିବାହ ପାଇଁ ଆୟୋଜିତ କୁଳ ବୈଠକରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଗୁରୁବାର ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟନ ମଲ୍ଲିକ , ମଗୁଲୁ ପୃଷ୍ଟି , ସୀତାରାମ ଜେନା, ଅନନ୍ତ ଆପଟ, ସନ୍ତ ପ୍ରଧାନ , ଡ଼ାକ ପ୍ରଧାନ ଓ କାଳା ପ୍ରଧାନ। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ସୂଚନାଯୋଗ୍ୟ, ୨ଗୋଷ୍ଠୀ ମଧରେ ବିଭିନ୍ନ କାରଣରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ସରପଞ୍ଚଙ୍କ ସମେତ ୯ ଜଣ ଆହତ ହୋଇଥଲେ।ଗ୍ରାମରସଞ୍ଜୁପ୍ରଧାନଙ୍କଅଭିଯୋଗକ୍ରମେନଂ.୩୫୧/୨୧ଓବିଜୟ ଜେନାଙ୍କ ଅଭିଯୋଗକ୍ରମେ ନଂ. ୩୫୨/୨୧ରେ ୨ଟି ମାମଲା ରୁଜୁ ହୋଇଛି।

## ଅଡିଟ୍ ପରେ ବଢୁଛି କରୋନା ମୃତ୍ୟୁ ସଂଖ୍ୟା

**ଛତ୍ରପୁର,୮।୭(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ କମିବାରେ ଲାଗିଛି। ଦୈନିକ ୨୦ ଭିତରେ ନୂଆ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଏହାର ତୁଳନାରେ ସେହି ସଂଖ୍ୟକ କରୋନା ସଂକ୍ରମିତ ସୁସ୍ଥ ହେବାରେ ଲାଗିଛନ୍ତି। ଏଥିଲାଗି ଜିଲାରେ ଥିବା କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ବନ୍ଦ ହେଲାଣି। ଅପରପକ୍ଷରେ ଗଞ୍ଜାମରେ କରୋନାଜନିତ ମୃତ୍ୟୁ ସଂଖ୍ୟା କମୁ ନ ଥିବା ଜଣାପଡିଛି । ପୁଣି ଜିଲାରେ ଆଉ ୫ ଜଣଙ୍କ କରୋନାରେ ଜୀବନ ଯାଇଥିବା ସୂଚନା ଦିଆଯାଇଛି। ସେଥିମଧରେ ୩୬,୪୫,୩୯,୫୩ ଓ ୩୯ ବର୍ଷ ବୟସର ପୁରୁଷ ଅଛନ୍ତି। ତେବେ ଅଡିଟ୍ ପରେ କରୋନାଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା ଜଣାଯାଇଛି । ଏହା ଦିନକରେ ନୁହେଁ ଏବଂ ପୂର୍ବର ମୃତ୍ୟୁକୁ ମିଶାଇ ଏହା ଘୋଷଣା ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ କରୋନା ଦ୍ୱିତୀୟ ଲହରରେ ଜିଲାର ୧୧୬ ଜଣଙ୍କ ଜୀବନ ଗଲାଣି । ମିଳିଥିବା ସୂଚନା ଅନୁସାରେ କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଏଯାବତ ୩୬୪ ଜଣଙ୍କ ମୃତ୍ୟୁ ହୋଇଛି । ଜିଲାରେ ଆଉ ୧୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୭ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ଗଞ୍ଜାମରେ ୧୧୨ ଜଣ କରୋନା ସଂକ୍ରମିତ ସକ୍ରିୟ ଅଛନ୍ତି । ବୁଧବାର ଜିଲାରେ ୨୬୮୦ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ବିଜୟ ଅମୃତା ସୂଚନା ଦେଇଛନ୍ତି ।


## ODISHA PUBLIC SERVICE COMMISSION
### CUTTACK
### NOTICE

**No. 4541/PSC, (1R-38-21-22) (DR-V), Dt. 7.7.21**

**No. D-48:-** It is for information of all concerned that, pursuant to the advertisement No. 08 of 2020-2021, 07 (Seven) candidate, bearing the following **PPSAN** have been shortlisted for the physical verification of original documents and interview to determine their eligibility and suitability for recruitment to the post of Assistant Professor.

The physical verification of original certificates / documents etc and the interview, in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 19.7.2021 & 20.07.2021 as per the programme mentioned below.

**PROGRAMME OF VERIFICATION & INTERVIEW**

| Date | Time of Verification | Time of Interview | Subject | PPSAN number of candidates |
|---|---|---|---|---|
| 19.07.2021 | 10.00 AM | 02.00 PM | Marine Science (Oceanography) | 00085448OD000820APU-00005469, 00094079OD000820APU-00008131, 00042817OD000820APU-00002925 & 00079185OD000820APU-00008940 = 04 Candidates |
| 20.07.2021 | 10.00 AM | 02.00 PM | Marine Science (Oceanography) | 00091291OD000820APU-00008396, 00091755OD000820APU-00007914 & 00089851OD000820APU-00002163 = 03 Candidates |

The candidates are required to submit the following documents at the time of verification:-
1. the hard copies of **online application forms** indicating their **PPSAN at the top right hand corner**.
2. three passport size **photographs**.
3. **self-attested** photo copies of all relevant certificates and such other documents etc. **with original** as per Para-9 of the advertisement
4. duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of document verification to be brought by all candidates.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISION FOR THE PURPOSE.**

OIPR-12002/11/0028/2122 **Sd./- Secretary**



## ODISHA PUBLIC SERVICE COMMISSION
### CUTTACK
### NOTICE

**No. 4573/PSC, (1R-17-21-22) (DR-V), Dt. 8.7.21**

**No. D-49:-** It is for information of all concerned that, pursuant to the advertisement No. 08 of 2020-2021, 05 (five) candidates, bearing following **PPSAN** have been allowed to face the invterview to determine their eligibility for recruitment to the post of Assistant Professor. The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 23.07.2021 as per the programme mentioned below.

| Date | Time of Interview | Subject | PPSAN number of candidates |
|---|---|---|---|
| 23.07.2021 | 11.00 A.M. | Gender Studies | 00083828OD000820APU-00004428, 00097601OD000820APU-00011307, 00049824OD000820APU-00006993, 00069758OD000820APU-00001897 & 00036163OD000820APU-00002498 = 05 Candidates |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of Interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of interview to be brought by all candidates.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISION FOR THE PURPOSE.**

OIPR-12002/11/0029/2122 **Sd./- Secretary**



## ODISHA PUBLIC SERVICE COMMISSION
### CUTTACK
### NOTICE

**No. 4577/PSC, (1R-33-21-22) (DR-V), Dt. 8.7.21**

**No. D-50:-** It is for information of all concerned that, pursuant to the advertisement No. 08 of 2020-2021, 07 (seven) candidates, bearing following **PPSAN** have been allowed to face the invterview to determine their eligibility for recruitment to the post of Assistant Professor. The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 27.07.2021 as per the programme mentioned below.

| Date | Time of Interview | Subject | PPSAN number of candidates |
|---|---|---|---|
| 27.07.2021 | 11.00 A.M. | Marine Science (Marine Biology) | 00077583OD000820APU-00002580, 00090226OD000820APU-00008586, 00091706OD000820APU-00008556, 00098186OD000820APU-00012221, 00094945OD000820APU-00011807, 00088158OD000820APU-00010490 & 00094370OD000820APU-00008824 = 07 Candidates |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process. **COVID-19 test report (RT-PCR) showing negative** obtained from authorized laboratories of ICMR within 48 hours of the date of interview to be brought by all candidates.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISION FOR THE PURPOSE.**

OIPR-12002/11/0030/2122 **Sd./- Secretary**

> ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିମ୍ବା କେବଳ ଇନ୍ଦ୍ରିୟଗତ ଆମୋଦ–ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ। –ଶ୍ରୀଅରବିନ୍ଦ

# ମୁଦ୍ରାସ୍ଫୀତି ସଙ୍କଟ



ଡାରୋନ ଆକେମୋଗ୍ଲୁ

ମେ'ରେ ଆମେରିକାର ବାର୍ଷିକ ମୁଦ୍ରାସ୍ଫୀତି ୫%କୁ ଛୁଇଁବା ପରେ ଦେଶର ଅର୍ଥନୀତିଜ୍ଞ ଏବଂ ନିବେଶକମାନେ ଖର୍ଚ୍ଚରେ ନିଅଣ୍ଟିଆ ସ୍ଥିତି, ସରକାରୀ ଋଣ ଏବଂ ଅହେତୁକ ମୂଲ୍ୟ ବୃଦ୍ଧିକୁ ନେଇ ଆଶଙ୍କା ପ୍ରକାଶ କରିବା ସ୍ୱାଭାବିକ। ଏବକାର ମୁଦ୍ରାସ୍ଫୀତି ହାର ୪ ଦଶନ୍ଧି ମଧ୍ୟରେ ସବୁଠୁ ବେଶି। ତେବେ ଅର୍ଥ ବ୍ୟବସ୍ଥାକୁ ମାନ୍ଦା ସ୍ଥିତିରେ ରଖି ଏହି ସବୁ ସମସ୍ୟାକୁ ସାମ୍ନା କରିବା ଭୁଲ୍ ହୋଇଯିବ। ଯେଉଁମାନେ ମୁଦ୍ରାସ୍ଫୀତିକୁ ନେଇ ବିବ୍ରତ ସେମାନେ ଆମେରିକାକୁ ବିପଦରେ ପକାଉଥିବା ଗମ୍ଭୀର ସମସ୍ୟାଗୁଡ଼ିକୁ ଅଣଦେଖା କରିପାରିବେ ନାହିଁ। ଗମ୍ଭୀର ସମସ୍ୟାଗୁଡ଼ିକ ମଧ୍ୟରେ ରହିଛି ରାଜନୈତିକ ଧ୍ରୁବୀକରଣ ଓ ସରକାରଙ୍କ ଉପରେ ବିଶ୍ୱାସ କମିବା ଭଳି ସ୍ଥିତି। ସମ୍ପ୍ରତି ସରକାର ଓ ଲୋକତନ୍ତ୍ର ଉପରେ ଲୋକଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ନିଯୁକ୍ତି ଓ ବେତନ ଅଭିବୃଦ୍ଧିକୁ ଉତ୍ସାହିତ କରୁଥିବା ସରକାରୀ ନୀତିଗୁଡ଼ିକ ଦ୍ୱାରା ଏକ ଦ୍ରୁତ ଅଥର୍ନୈତିକ ସୁଧାର ଆଣିବା ଆମେରିକା ପାଇଁ ସବୁଠୁ ଭଲ ସୁଯୋଗ ହେବ। କିନ୍ତୁ ମୁଦ୍ରାସ୍ଫୀତିରୁ ଯେଉଁ ବାସ୍ତବ ସଙ୍କଟ ସୃଷ୍ଟି ହୋଇଛି ତାହା ଏହି ମୌଳିକ ସମସ୍ୟାରୁ ଆମର ଧ୍ୟାନ ହଟାଇ ନେବ। ଏଣୁ ଆମକୁ ନିଶ୍ଚିତ ହେବାକୁ ପଡ଼ିବ ଯେ,ରାଜନୈତିକ ନିଷ୍କ୍ରିୟତା ଯୋଗୁ ଆମ ପାଇଁ କୌଣସି ସହଜ ସମାଧାନର ପଥ ନାହିଁ। ଆମେରିକା ଏବେ ଏଭଳି ଏକ ଜାଗାରେ ପହଞ୍ଚିଛି ଯେଉଁଠୁ ଫେରିବା କଷ୍ଟକର ବୋଲି କେତେକ ସମୀକ୍ଷକ ଚିନ୍ତାପ୍ରକଟ କରିଛନ୍ତି। ତେବେ ୨୦୨୦ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଥିଲେ ବୋଲି ସଂଖ୍ୟାଧିକ ରିପବ୍ଲିକାନ୍‌ଙ୍କ ମନରେ ଭ୍ରାନ୍ତ ଧାରଣ ଏବେ ବି ଦୃଢ ଭାବେ ରହିଛି। ଆକଳନ ଅନୁଯାୟୀ,ଆମେରିକାର ୧୫% ଲୋକ ଟ୍ରମ୍ପଙ୍କ କ୍ୟୁଆନନ କନ୍‌ସିପରେସୀ ଥିଓରିର ଦୃଢ ସମର୍ଥକ ଭାବେ ରହିଛନ୍ତି। ଏହି ସଂଖ୍ୟା ଭବିଷ୍ୟତରେ ଏକ ଜଟିଳ ପଥକୁ ସୂଚିତ କରେ। କିନ୍ତୁ ଆମେ ମନେ ରଖିବା ଉଚିତ ଯେ, ଯେତେବେଳେ ଗଣତନ୍ତ୍ରରେ ଏକ ସରକାର ତା'ର ସ୍ଥିରତା,ସହଭାଗୀ ସମୃଦ୍ଧି ଏବଂ ଗରିବୀ ବିରୋଧରେ ପ୍ରଭାବୀ ପଦକ୍ଷେପ ନେବାରେ ପ୍ରତିବଦ୍ଧତା ପ୍ରକାଶ କରିବ ସେତେବେଳେ ଲୋକେ ଗଣତନ୍ତ୍ରକୁ ବିଶ୍ୱାସ କରିବାକୁ ଲାଗିବେ। ଉଦାହରଣ ସ୍ୱରୂପ , ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ପର୍ଯ୍ୟାପ୍ତ ସରକାରୀ ସେବା ସମ୍ପନ୍ନ ଲୋକତନ୍ତ୍ରରେ ଯେଉଁମାନେ ବିକାଶ ଲାଭ କରିଛନ୍ତି ସେମାନେ ଏକଚ୍ଛତ୍ରବାଦ ଓ ଦାୟିତ୍ୱଶୂନ୍ୟ ଟେକ୍‌ନୋକ୍ରାଟ୍‌ଗୁଡ଼ିକୁ ବିରୋଧ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଆର୍ଥିକ ମାନ୍ଦାବସ୍ଥାର ଅବଧି ଏବଂ ବର୍ଦ୍ଧିତ ଅସମାନତା ଧ୍ରୁବୀକରଣକୁ ବଢ଼ାଇବା ସହ ଲୋକଙ୍କ ବିଶ୍ୱାସ କମ୍ କରିଦେବ। ଚଳିତ ଦଶନ୍ଧିରେ ଏଭଳି ସ୍ଥିତି ଆମେରିକା ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ଘଟିଛି।

ଆମେରିକା ଅର୍ଥବ୍ୟବସ୍ଥା ସବୁ ବର୍ଗରୁ ଆସିଥିବା ତଥା ସମସ୍ତ କୌଶଳରେ ପରିପୂର୍ଣ୍ଣ କର୍ମଚାରୀଙ୍କ ପାଇଁ ଆକର୍ଷଣୀୟ ଦରମା, ଉପଯୁକ୍ତ ସୁରକ୍ଷା ସହ ଭଲ ଚାକିରି ଏବଂ କ୍ୟାରିୟର ଗଢ଼ିବାର ସୁଯୋଗ ସୃଷ୍ଟି କରିବାରେ ଅଭ୍ୟସ୍ତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୩୫ ବର୍ଷ ଧରି ଉଚ୍ଚ ଓ ନିମ୍ନ ଆୟ ସ୍ତରରେ ଥିବା କର୍ମଚାରୀମାନେ ଏହି ଶକ୍ତିଶାଳୀ ନିଯୁକ୍ତି ଅଭିବୃଦ୍ଧି ଏବଂ ଦ୍ରୁତ ମଜୁରି ବୃଦ୍ଧିରୁ ଲାଭବାନ ହୋଇଥିଲେ। କିନ୍ତୁ ମଧ୍ୟମ ହାରର ମଜୁରି ବନ୍ଦ ହୋଇଯିବା ଏବଂ ଅସମାନତା ବ୍ୟାପିଯିବା ପରେ ୧୯୮୦ ଦଶକରେ ଏହି ଯୁଗର ଅବସାନ ଘଟିଲା। ବେତନର ଲାଭ ପାଇବା ବଦଳରେ କଲେଜ ଡିଗ୍ରୀ ନ ଥିବା ଲୋକମାନେ ଏକ ସଙ୍କଟଜନକ ପରିସ୍ଥିତି ସାମ୍ନା କଲେ। ସେମାନଙ୍କ ପାଇଁ ଚାକିରି ଏବଂ ଆୟପନ୍ଥା ବିକଳ୍ପର ଦ୍ରୁତ ହ୍ରାସ ଘଟିଲା। ସେବେଠୁ ଆମେରିକୀୟମାନେ କମ୍ ମଜୁରି ଓ ସଙ୍କୁଚିତ ସୁଯୋଗଗୁଡ଼ିକର ଭୟାନକ ପରିସ୍ଥିତିକୁ ସାମ୍ନା କରିଆସୁଛନ୍ତି । ଆମେରିକା ରାଜନୀତିର ଚରମପନ୍ଥୀ ଆଡ଼କୁ ଯେଉଁମାନେ ମୁହାଁଇଛନ୍ତି ସେମାନଙ୍କ ମଧ୍ୟରେ ଏମାନଙ୍କ ପ୍ରତିନିଧିତ୍ୱ ଅତ୍ୟଧିକ। ଯଦି ତୁମେ ଭାବିବ , ଅର୍ଥନୀତି ଠିକ୍ ଭାବେ କାମ କରୁନାହିଁ କି ଆମ ପାଇଁ କିଛି କରୁନାହିଁ , ତେବେ ଏଥିରୁ ବୁଝାପଡ଼ିବ ଯେ, ତୁମର ନିଶ୍ଚିତ ଭାବେ ସୁବିଧାବାଦୀ ରାଜନେତା ଏବଂ ଗଣମାଧ୍ୟମ ଯେଉଁ ଭୁଲ ବ୍ୟବସ୍ଥାଠୁ ଦୂରେଇ ରହିବାକୁ କହୁଛି ତାହା ପ୍ରତି ସହାନୁଭୂତି ରହିଛି।

ଆର୍ଥିକ ସମସ୍ୟାଗୁଡ଼ିକ କେବଳ ଆମେରିକା ରାଜନୀତିର ଦୁଃଖଦାୟକ ଅବସ୍ଥା ପାଇଁ ଦାୟୀ ନୁହନ୍ତି। ରିପବ୍ଲିକାନ ପାର୍ଟି ମଧ୍ୟ ବ୍ୟବସ୍ଥାର ନିଷ୍କ୍ରିୟତା କ୍ଷେତ୍ରରେ ଏକ ବଡ଼ ଭୂମିକା ରହିଛି। ରିଚାର୍ଡ ନିକ୍ସନଙ୍କ ସଦର୍ନ ଷ୍ଟ୍ରାଟେଜି ଯେଉଁଥିରେ ଡେମୋକ୍ରାଟ୍‌ମାନଙ୍କର ୧୯୬୦ ନାଗରିକ ଅଧିକାର କାର୍ଯ୍ୟକ୍ରମ ବିରୋଧରେ ଗୋରା ଲୋକଙ୍କ ମଧ୍ୟରେ ନକାରାତ୍ମକ ପ୍ରତିକ୍ରିୟା ପୁଞ୍ଜିଭୂତ କରିବାକୁ ପ୍ରୟାସ କରିଥିଲା। ଧ୍ରୁବୀକରଣ ଏକ ଉତ୍ତମ ରାଜନୀତି ବୋଲି ଏହି ସର୍ବପୁରାତନ ପାର୍ଟି ନିଷ୍ପତ୍ତି ନେଇଥିଲା। ଅଧିକନ୍ତୁ ଏହି ପାର୍ଟି ଶ୍ୱେତାଙ୍ଗ , କଲେଜ ଶିକ୍ଷା ପ୍ରାପ୍ତ କରି ନ ଥିବା ଭୋଟର ବା ମତଦାତାଙ୍କ ପ୍ରତିନିଧିତ୍ୱ କରିଆସିଛି। ଆଉ ମଧ୍ୟ କ୍ଷମତାରେ ରହିବା ପାଇଁ ମତଦାତା ଦମନ ଓ ଅନ୍ୟ ଲୋକତନ୍ତ୍ର ବିରୋଧୀ କୌଶଳ ଉପରେ ଭରସା କରିଆସିଛି। ଏହି ଧାରାକୁ ଟ୍ରମ୍ପ ମଧ୍ୟ ଆପଣାଇଛନ୍ତି। ଅନ୍ୟପକ୍ଷରେ ଡେମୋକ୍ରାଟିକ ପାର୍ଟି ବି ଦୋଷମୁକ୍ତ ନୁହେଁ। ୨୦୦୮ରେ ଦେଶରେ ଆର୍ଥିକ ସଙ୍କଟର କାରଣ ହୋଇଥିବା ଦି ୱାଲ ଷ୍ଟ୍ରିଟ୍ ବ୍ୟାଙ୍କର୍ସଙ୍କୁ ଜର୍ଜ ଡବ୍ଲ୍ୟୁ ବୁଶ୍ ଓ ବାରାକ ଓବାମା ଉଦ୍ଧାର କରିଥିଲେ। ଓବାମା ପ୍ରଶାସନ ଶେଷରେ ଯେ କୌଣସି ମୂଲ୍ୟରେ ବ୍ୟାଙ୍କ ଓ ବ୍ୟାଙ୍କରମାନଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲା ଓ ପରେ ଏଥିରେ ଦୋଷୀ ପକ୍ଷ ବିରୋଧରେ ନ୍ୟାୟିକ ମକଦ୍ଦମା ଚଳାଇବାକୁ ଚାହିଁ ନ ଥିଲା। ଏଥିରେ ସରକାର ଓ ଅର୍ଥ ବ୍ୟବସ୍ଥା ମଧ୍ୟରେ ଅତି ମଧୁର ସମ୍ପର୍କ ଉପରେ ମତଦାତାଙ୍କ ସନ୍ଦେହ ରହିଥିବା ନିଶ୍ଚିତ ହୋଇଥିଲା। ଏହା ଯୋଗୁ ସଂସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଆହୁରି କମ୍ ହୋଇଗଲା। ଯେଉଁମାନେ ସରକାରଙ୍କୁ ଏକ ସମାଧାନ ନୁହେଁ ବରଂ ସମସ୍ୟା ଭାବେ ଗ୍ରହଣ କରୁଥିଲେ ସେମାନଙ୍କୁ ଏହା ପର୍ଯ୍ୟାପ୍ତ ଶକ୍ତି ଯୋଗାଇଦେଲା।

ଏହି ଆକଳନ ଯଦି ଠିକ୍ ହୁଏ, ତେବେ ପ୍ରଥମତଃ ଆମେରିକାର ରାଜନୈତିକ ବ୍ୟବସ୍ଥାରେ ଥିବା ତ୍ରୁଟି ବା ନିଷ୍କ୍ରିୟତା ପରିବର୍ତ୍ତନ କରି ଦେଖାଇବାକୁ ପଡ଼ିବ ଯେ,ଉଭୟ ସରକାର ଏବଂ ଅର୍ଥବ୍ୟବସ୍ଥା ସମସ୍ତଙ୍କ ପାଇଁ କାମ କରିପାରିବ। ଆମେରିକାର ସବୁ ବର୍ଗ ଓ ସବୁ କୌଶଳର ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ଏବଂ ବେତନ ବୃଦ୍ଧି ଲାଗି ପ୍ରାଥମିକତା ଦିଆଯିବା ଉଚିତ। ଆମେ ସାମଗ୍ରିକ ଆର୍ଥିକ କ୍ଷେତ୍ରର ଆକାର ସମ୍ପ୍ରସାରିତ କରିବା ଏବଂ ପରେ ଏହାକୁ ପୁନଃ ବଣ୍ଟନ ଉପରେ ଧ୍ୟାନ ଦେଉଛେ। ଏହି ରଣନୀତି ଅର୍ଥବ୍ୟବସ୍ଥାରେ ନିବେଶ କରିବାର ସମ୍ଭାବନା ସୃଷ୍ଟି କରୁନାହିଁ। ଅର୍ଥବ୍ୟବସ୍ଥା ଓ ସମାଜକୁ ଉଲ୍ଲେଖନୀୟ ଯୋଗଦାନ ଦେବାକୁ ଲୋକମାନଙ୍କୁ ସକ୍ଷମ କରି ଏହି କ୍ଷେତ୍ରକୁ ଆଣିବା ସବୁଠୁ ଭଲ ହେବ। ଯଦି ଭିତ୍ତିଭୂମି ଖର୍ଚ୍ଚ, ସମ୍ପ୍ରସାରଣଶୀଳ ବିତ୍ତୀୟ ଓ ଆର୍ଥିକ ନୀତି, ସାମଗ୍ରିକ ସୁରକ୍ଷା ବୃଦ୍ଧି, ନିଯୁକ୍ତି ସୃଷ୍ଟିକାରୀ ନିବେଶ ଏବଂ ଅନ୍ୟ ସରକାରୀ ପଦକ୍ଷେପକୁ ଅର୍ଥବ୍ୟବସ୍ଥା ସୁଧାରିବାର ଅଂଶ ଭାବେ ଗଣାଯାଏ, ତେବେ ସରକାର ଏବେ ଯେମିତି କାର୍ଯ୍ୟ କରୁଛନ୍ତି ତାହାକୁ ପୁଣି ସମର୍ଥନ କରିବ। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ବୃଥା ଗୁଣଗାନ କଲେ ତା' ଉପରେ ପୁଣି ଭରସା ଆସିପାରିବ ନାହିଁ। ଏଣୁ ଲୋକମାନେ ନିରୀକ୍ଷଣ କରିବା ଉଚିତ ଏବଂ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକରୁ ପ୍ରାପ୍ତ ଲାଭକୁ ଅନୁଭବ କରିବା ଦରକାର।

ଆମେରିକୀୟ ଲୋକତନ୍ତ୍ର ଏକ ଉତ୍ତମ ଅର୍ଥନୈତିକ ସୁଧାର ବଳରେ ଉଦ୍ଧାର ହୋଇ ପାରିବ କି? ଏହା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। ଆମେରିକା ଅର୍ଥ ବ୍ୟବସ୍ଥା କଲେଜ ଡିଗ୍ରୀ ନ ଥିବା କର୍ମଚାରୀଙ୍କୁ ଅବହେଳା କରିଛି। ଏପରିକି କଲେଜ ଡିଗ୍ରୀଧାରୀ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିନାହିଁ। ବୃହତ କର୍ପୋରେଶନଗୁଡ଼ିକର ଆବଶ୍ୟକତା ପୂରଣ କରିବାରେ ଏତେ ସମୟ ନେଲା ଯେ ଏବେ ସେଥିରେ ପରିବର୍ତ୍ତନ ଆଣିବାରେ ବହୁ ବିଳମ୍ବ ହୋଇପାରେ। ଟେକ୍‌ନୋଲୋଜିରୁ ଆରମ୍ଭ କରି ମେଶିନ ଦ୍ୱାରା କରାଯାଉଥିବା କାର୍ଯ୍ୟ, କର୍ପୋରେଟ ଆମେରିକା ନିବେଶ ବୃଦ୍ଧି ଏବଂ ବେତନ କମ୍ କରୁଥିବା ଯୋଗୁ ହାରାହାରି ଆମେରିକୀୟ କର୍ମଚାରୀଙ୍କ ଦୁଃଖ ଆହୁରି ସାଂଘାତିକ ହୋଇଯିବ। ଏହା ମଧ୍ୟ ବିଷାକ୍ତ ଆମେରିକୀୟ ସମାଜକୁ ବିଭାଜିତ କରୁଥିବା ଧ୍ରୁବୀକରଣରେ ପରିବର୍ତ୍ତନ ଆଣିବାରେ ବହୁ ବିଳମ୍ବ ହୋଇଯିବ। ଟ୍ରମ୍ପଙ୍କ ଅଧିକାଂଶ ଦୃଢ ସମର୍ଥକମାନେ କୌଣସି ପରିସ୍ଥିତିରେ ସେମାନଙ୍କ ମାନସିକତା ପରିବର୍ତ୍ତନ କରିବେ ନାହିଁ ବୋଲି ଜଣାଇ ସାରିଲେଣି। ଏହାବାଦ ଯଦି ସମସ୍ତେ ଏକ ହୋଇ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ କାମ କରନ୍ତି ତେବେ ତାହା ଆମେରିକା ଲୋକତନ୍ତ୍ରକୁ ଉଦ୍ଧାର କରିବାର ଏକ ସର୍ବୋତ୍ତମ ସୁଯୋଗ ହେବ। ତେବେ ସାମାନ୍ୟ ଅଧିକ ମୁଦ୍ରାସ୍ଫୀତିର ସଙ୍କଟ ସୁଯୋଗ ହରାଇବାର କୌଣସି କାରଣ ହେବନାହିଁ।

ପ୍ରଫେସର ଅଫ୍ ଇକୋନୋମିକ୍ସ, ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି

## ଏଇ ଭାରତରେ

ବହୁ ସମୟରେ ସଂସ୍କୃତିକୁ ଲୋପ ହେବାକୁ ନ ଦେବା ଲାଗି ଅନେକ ଅଜବ ଅଭିଯାନ ଚଳାଇବା ଦେଖାଯାଏ। ଏହି କ୍ରମରେ ଏବେ ଉଦାମପୁର ଜିଲାରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା କୂଅଗୁଡ଼ିକର ପୁନରୁଦ୍ଧାର କରିବାରେ ଲାଗିଛନ୍ତି ଡ. ବିଜୟ ଅତ୍ରି। ଡ. ଅତ୍ରି ହର୍ଟିକଲ୍‌ଚର ବିଭାଗରେ କାମ କରନ୍ତି। ତାଙ୍କ ବୟସ ୩୮ । ବିଭାଗୀୟ କାର୍ଯ୍ୟ ମଧ୍ୟରୁ ସମୟ ବାହାର କରି ସେ କୂଅ ଓ ଝରଣାଗୁଡ଼ିକର ପୁନରୁଦ୍ଧାରରେ ଲାଗିଛନ୍ତି। ବିଜୟଙ୍କ ସହ ଜମ୍ମୁ–କଶ୍ମୀରର ଉଦାମପୁର ଜିଲାର ୧୩ ଜଣ ସାମିଲ ହୋଇଛନ୍ତି। ମାର୍ଚ୍ଚ ୨୦୨୧ରେ 'ବାଉଲି ବଚାଓ ଅଭିଯାନ' ଆରମ୍ଭ କରି ମାତ୍ର ୪ ମାସ ମଧ୍ୟରେ ସେମାନେ ୬୫ଟି କୂଅର ପୁନରୁଦ୍ଧାର କରିସାରିଲେଣି। ଏହା ସହ ୨୦ଟି ପ୍ରାକୃତିକ ଝରଣା ଉତ୍ସର ପୁନରୁଦ୍ଧାର ଶେଷ କରିଛନ୍ତି। ଡ. ଅତ୍ରି ଓ ତାଙ୍କ ଟିମ୍ ଉଦାମପୁର ଜିଲାରେ ୬୭୭ କୂଅ ଚିହ୍ନଟ କରି ଏଗୁଡ଼ିକର ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାକୃତିକ ଜଳଉତ୍ସର ପୁନରୁଦ୍ଧାର ହୋଇପାରିଲେ ବହୁ ଅଞ୍ଚଳରେ ଜଳ ସଙ୍କଟ ଦୂର ହୋଇପାରିବ ବୋଲି କହନ୍ତି ବିଜୟ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୯୬

- ରୁଷ୍‌ସ୍ଥିତ ଦସନବେର ସଙ୍ଗାର ପୂର୍ବରେ ଥିବା କୋମ୍ ସୋ ମୋଲାବାଦଠାରେ ସୈନ୍ୟ ବାହିନୀ ଏବଂ ତାଜିକ୍ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୭ ନିହତ।
- ନିର୍ବାଚନ ବ୍ୟବସ୍ଥାରୁ ଦୁର୍ନୀତି ଦୂର ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ୍ ରମଣ ମାଗାସେସେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ରାଜ୍ୟରେ ଗଢ଼ିଉଠୁଥିବା ଚିଟ୍‌ଫଣ୍ଡ ଏବଂ ଏହାର ଆନୁଷଙ୍ଗିକ କାର୍ଯ୍ୟକଳାପର ନିୟନ୍ତ୍ରଣ ନିମନ୍ତେ ସ୍ୱତନ୍ତ୍ର ଚିଟି ନିର୍ଦ୍ଦେଶାଳୟ ସ୍ଥାପିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | | |
| | 3 | 2 | | 7 | | 1 | 8 | |
| 8 | | 5 | | 9 | | | | |
| | | | | | | | | 5 |
| | | 6 | | 8 | 2 | | 7 | |
| | 9 | | 6 | 1 | | | | |
| | | | 9 | | 1 | | | 2 |
| 4 | | | | | | 6 | | |
| | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 6 | 1 | 9 | 7 | 8 | 4 |
| 6 | 8 | 7 | 4 | 5 | 3 | 9 | 2 | 1 |
| 4 | 1 | 9 | 2 | 7 | 8 | 3 | 6 | 5 |
| 5 | 6 | 1 | 3 | 8 | 4 | 2 | 9 | 7 |
| 2 | 3 | 4 | 7 | 9 | 5 | 8 | 1 | 6 |
| 9 | 7 | 8 | 1 | 2 | 6 | 5 | 4 | 3 |
| 7 | 5 | 2 | 8 | 4 | 1 | 6 | 3 | 9 |
| 8 | 4 | 3 | 9 | 6 | 7 | 1 | 5 | 2 |
| 1 | 9 | 6 | 5 | 3 | 2 | 4 | 7 | 8 |

ଗତକାଲିର ଉତ୍ତର

# ଯତ୍ନ କଲେ ରତ୍ନ ମିଳେ



ଅକ୍ଷୟ କୁମାର ମିଶ୍ର

'ଯତ୍ନ କଲେ ରତ୍ନ ମିଳେ'– ଓଡ଼ିଆରେ ବହୁ ପ୍ରଚଳିତ ଏକ ଲୋକବାଣୀ। ଏହି ଯତ୍ନ ନେବା ପରିସରଟି ବେଶ୍ ବିସ୍ତୃତ ତଥା ବ୍ୟାପକ। ଯଦି ଏହାକୁ ପିଲାମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଏ, ତେବେ ମାତାପିତାଠାରୁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଏମାନଙ୍କ ସହିତ ଯୋଡ଼ି ହେଉଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଭୂମିକା ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସରକାରର ଦାୟିତ୍ୱ ମଧ୍ୟ ବହୁତ ବେଶି। କାରଣ ଆମର ସାମାଜିକ, ଅର୍ଥନୈତିକ ଓ ଭୌଗୋଳିକ ଅବସ୍ଥା ଯାହା ସମସ୍ତ ମାଆବାପା ଚାହିଁଲେ ମଧ୍ୟ ଶିଶୁର ସବୁ ଚାହିଦା ପୂରଣ କରିବା ସମ୍ଭବ ନୁହେଁ।

ଶିଶୁ/ପିଲାମାନଙ୍କର ଯତ୍ନ ନେବା ପ୍ରକ୍ରିୟା ଆରମ୍ଭ ହୁଏ ମାଆର ଗର୍ଭ ଭିତରେ ଥିବା ସମୟରୁ। ଅବଶ୍ୟ ଏଥିପାଇଁ ସରକାର କିଛି ଯୋଜନା ହାତକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିକାଶ ମାଧ୍ୟମରେ ମାଆ ଓ ଶିଶୁର ଯତ୍ନ ନେଉଛନ୍ତି, କିନ୍ତୁ ସମସ୍ତ ଶିଶୁ ନିକଟରେ ଏହି ସୁବିଧା ଉପଲବ୍ଧ ହୋଇପାରୁଛି ଏକଥା ଜୋର ଦେଇ କହିହେବ ନାହିଁ। ଏ ସମ୍ପର୍କରେ ବହୁ ଦୟନୀୟ ଚିତ୍ର ଗଣମାଧ୍ୟମରେ ବାରମ୍ବାର ଉଠିଆସିଛି, ଯାହାକୁ ଦେଖିସାରିବା ପରେ ଏତିକି କୁହାଯାଇପାରେ ବହୁ ମୂଲ୍ୟବାନ୍ ଯତ୍ନକୁ ଆମେ ପ୍ରତି ନିୟତ ହରେଇ ଚାଲିଛୁ।

ମାନବରୂପୀ ଚାରାଗଛର ଯତ୍ନ ନେବାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ଯେତେବେଳେ ସେ ମାଆର ଉଦର ଛାଡ଼ି ଦୁନିଆ ବକ୍ଷକୁ ଆଗମନ କରେ। ଏହି ସମୟରେ ମା'ବାପାର ଭୂମିକା ସର୍ବାଧିକ। କିନ୍ତୁ ଭୋକ ଓ ଭୋଗ ଶିଶୁକୁ ଏଥିରୁ ଯେ ବଞ୍ଚିତ କରୁଛି ଏ କଥାକୁ ଅସ୍ୱୀକାର କରିହେବ ନାହିଁ। କେଉଁଠି ମା'ବାପା ଛୁଆକୁ ତା'ର ବଡ଼ଭାଇ ଅଥବା ବଡ଼ଭଉଣୀ ପାଖରେ ଛାଡ଼ି ଦେଇ ପେଟ ପାଇଁ ମଜୁରି ଖଟିବାକୁ ଯାଉଛନ୍ତି ତ ଆଉ କିଏ ଚାଇଲ୍ଡ କେୟାର ସେଣ୍ଟରରେ ଶିଶୁକୁ ଛାଡ଼ିଦେଇ ନିଜ ଦାୟିତ୍ୱ ସାରୁଛନ୍ତି।

ଏବେ ଯିବା ତୃତୀୟ ପର୍ଯ୍ୟାୟକୁ, ଯାହା ପିଲାର ତିନି ବର୍ଷ ବୟସରୁ ଆରମ୍ଭ ହୋଇ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ପରିବ୍ୟାପ୍ତ । ପ୍ରଥମ ପାଞ୍ଚ ବର୍ଷ ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ନୂତନ ଅନୁଭବର ସମୟ। ମାଆର ସୁରକ୍ଷିତ କୋଳ ଛାଡ଼ି ଏକ ଅପରିଚିତ ଦୁନିଆ ଭିତରକୁ ପ୍ରବେଶ କରନ୍ତି ପିଲାମାନେ। ଅଙ୍ଗନୱାଡ଼ି ଅଥବା ପ୍ଲେ ସ୍କୁଲ, ତା'ପରେ ପ୍ରାଥମିକ ବିଦ୍ୟାଳୟ ଅଥବା ଶିଶୁ ମନ୍ଦିରର ଧରାବନ୍ଧା କାର୍ଯ୍ୟ ସାରଣୀ ଯଦି ଦୈବାତ୍ ତା' ପାଇଁ ଅରୁଚିକର ହେଲା, ତେବେ ତା' ମନରେ ଅନାଗ୍ରହ, ଅନାସ୍ଥା ଭାବ, ଅକୁହା ଭୟ, ଅବ୍ୟକ୍ତ ଘୃଣା ଜାତ ହେବାର ସମ୍ଭାବନା ଯଥେଷ୍ଟ ଥାଏ, ଯଦ୍ଦ୍ୱାରା ପିଲାଟିର ବିପଥଗାମୀ ହେବାର ସମ୍ଭାବନା ଜାତହୁଏ।

ଅପରପକ୍ଷେ ସମ୍ବେଦନଶୀଳତାର ସହିତ ସମୟୋଚିତ ଉପଯୁକ୍ତ ଯତ୍ନ ନେଲେ ଏହି କୋମଳମତି ଶିଶୁମାନଙ୍କର ମସ୍ତିଷ୍କର କ୍ରମବିକାଶ ଘଟେ ଏବଂ ସର୍ଜନଶୀଳତାର ଦ୍ୱାର ଉନ୍ମୁକ୍ତ ହୁଏ। ଏଣୁ ଭରପୂର ସ୍ନେହ, ଶ୍ରଦ୍ଧା ଓ ମମତା ଦେଇ ଖେଳକୁଦ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ସର୍ବାଦୌ ଗ୍ରହଣୀୟ ବୋଲି ମନେହୁଏ। ଦ୍ୱିତୀୟ ଓ ତୃତୀୟ ତିନିବର୍ଷ ପିଲାଙ୍କ ପାଇଁ ମୌଳିକସ୍ତର। ଏହି ଛଅବର୍ଷ ମାତାପିତା ବା ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଶାସକ ଓ ପ୍ରଶାସକର ଏକ ସରଳରୈଖିକ ଅବସ୍ଥାନ ବାଞ୍ଛନୀୟ। ଏଥିସହିତ ବୈଷମ୍ୟ ବିହୀନ ବିଜ୍ଞାନଭିତ୍ତିକ ବ୍ୟବସ୍ଥା ପ୍ରଣୟନ ହେବା ଜରୁରୀ । ଯାହା ଫଳରେ ସମ୍ଭାବନାମୟ ସମୁଜ୍ଜ୍ୱଳ ଭବିଷ୍ୟତର ମୂଳଭିତ୍ତି ସୁଦୃଢ଼ ହୁଏ। ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ପିଲାମାନଙ୍କ ପାଇଁ ଏକ ସମସ୍ୟାବହୁଳ ସମୟ। ଏହି ବୟସରେ ପିଲାମାନେ ସହି ପାରନ୍ତିନି କି ମୁହଁ ଖୋଲି କହିପାରନ୍ତି ନାହିଁ। ବୁଝି ପାରିବାର ଶକ୍ତିଥାଏ, କିନ୍ତୁ ପ୍ରତିବାଦ କରିବାର ସାହସ ନ ଥାଏ। ଆବଶ୍ୟକତା ବଢ଼ିଯାଏ, କିନ୍ତୁ ଅଝଟ ହେବାର ବୟସ ନଥାଏ। ଚାହିଦା ପୂରଣ ନ ହେଲେ ଅବହେଳା କରାଯାଉଛି ବୋଲି ମନକୁ ନିଅନ୍ତି। ସେମାନଙ୍କ ପାଇଁ ଅନୁଶାସନ ଅସହ୍ୟ । ଉପଦେଶକୁ ଉପେକ୍ଷା କରିବାର ବୟସ। ଅଥଚ ଏହି ପର୍ଯ୍ୟାୟଟି ଭବିଷ୍ୟତ ଗଠନର ପ୍ରବେଶ ପଥ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସହଭାଗିତା, ସହଯୋଗ ଏବଂ ସହାୟତା ଦ୍ୱାରା ହିଁ ସମସ୍ତ ସମସ୍ୟା ସମାଧାନ ସମ୍ଭବ ହୋଇଥାଏ।

ଆଲୋଚ୍ୟ ଏହି ଚାରୋଟି ପର୍ଯ୍ୟାୟରେ ଉପଯୁକ୍ତ ଯତ୍ନ ନିଆଗଲେ ମାନବ ସମ୍ବଳର ବିକାଶ ଘଟେ। ବିକଶିତ ମାନବ ସମ୍ବଳ ଦେଶ ପାଇଁ ବୋଝ ନ ହୋଇ ରତ୍ନଭଣ୍ଡାର ପାଲଟିଯାଏ। ପ୍ରଶ୍ନ ହେଉଛି ଏହି ରତ୍ନ ଭଣ୍ଡାରଗୁଡ଼ିକ ପ୍ରତି ଆମର ଆଭିମୁଖ୍ୟ କ'ଣ? ଏମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ଆମେ କେତେ ତତ୍ପର? ନଗଡ଼ାର ନର ଶିଶୁମାନଙ୍କର ଲଙ୍ଗଳା ଚେହେରା ତା'ର ଉତ୍ତର। ପେଟର ଭୋକ ମେଣ୍ଟାଇବା ପାଇଁ ଆମ୍ବ ଟାକୁଆ ଖାଇବା ତା'ର ପ୍ରମାଣ। କୋଟି କୋଟି ଶିଶୁ ହୋଟେଲ, ଗ୍ୟାରେଜ୍ ଆଦି ଅସୁରକ୍ଷିତ ଜାଗାରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାର ଚିତ୍ର ଏହାର ସିଦ୍ଧାନ୍ତ। ଏ କଥାକୁ ନେଇ କେହି କେହି କହିପାରନ୍ତି ଯେଉଁ ଦେଶର ଲୋକସଂଖ୍ୟା ୧୪୦ କୋଟିରୁ ଊର୍ଦ୍ଧ୍ୱ, ସେଠାରେ ଏମିତି କିଛି ଅଭିଯୋଗ ଉଠିବା ବଡ଼ କଥା ନୁହେଁ। ଆଗକୁ ଆସି ଆଉ କିଛି ଲୋକ କହିବା ଆରମ୍ଭ କଲେଣି, ସବୁ କଥା ସରକାର ବୁଝିବା ସମ୍ଭବ ନୁହେଁ। ଜନ୍ମ ଦେଉଥିବା ମା'ବାପା ଏଥିପାଇଁ ଦାୟୀ। ଆଉ କିଛି ଲୋକ କହନ୍ତି, 'କପାଳ ଲିଖନ କେ କରିବ ଆନ'। ଭାଗ୍ୟରେ ଥିଲେ ରାଜା ହେବ। ଭାଗ୍ୟ ବଦଳାଇବାର ଶକ୍ତି କାହାଠି ନାହିଁ।

ବାସ୍ତବତା ହେଉଛି, ଏହି ସମସ୍ତ କଥାକୁ ଯଦି ସତ୍ୟ ବୋଲି ଗ୍ରହଣ କରି ନିଆଯାଏ, ତେବେ ବୈଷମ୍ୟର ପ୍ରାଚୀର କେବେ ହଟିବ ନାହିଁ। ଆମ ଦେଶର ସତୁରି ଭାଗ ଶିଶୁ ଯେଉଁମାନେ ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ଦୁର୍ବଳ ପରିବାରରେ ଜନ୍ମଗ୍ରହଣ କରିଛନ୍ତି, ସେମାନେ ନା ପାଇବେ ପୁଷ୍ଟିକର ଖାଦ୍ୟ ନା ପାଇବେ ଉପଯୁକ୍ତ ଶିକ୍ଷା। ଅନିଶ୍ଚିତତାର ଅତଳ ଗହ୍ୱର ଭିତରୁ ଉଦ୍ଧାର ପାଇପାରିବେନି ଦେଶର ଅଗଣିତ ଶିଶୁ। ବିଶାଳ ପରିବାରର ଶିଶୁ ବାହ୍ୟ ସହାୟତା ବିନା ହୁଏତ ପ୍ରତିଭାତ ହୋଇପାରିବେ, କିନ୍ତୁ ଅନ୍ୟମାନଙ୍କ ପାଇଁ ରାଷ୍ଟ୍ରର ସହଯୋଗ ଅପରିହାର୍ଯ୍ୟ।

ତମାମ ବିଶ୍ଳେଷଣର ପ୍ରାସଙ୍ଗିକତା କେତେ ଅଧିକ, ତାହା ମହାମାରୀ କରୋନାର କାଳଖଣ୍ଡକୁ ଅନୁଶୀଳନ କଲେ ସ୍ପଷ୍ଟ ବାରିହୋଇ ପଡ଼େ । ଯଦି ଅବହେଳିତ କ୍ଷେତ୍ରଗୁଡ଼ିକର ପରିସଂଖ୍ୟାନ ନିଆଯାଏ, ତେବେ ଶୀର୍ଷସ୍ଥାନରେ ଯେ ଦେଶର ଏହି ଭବିଷ୍ୟତ ପିଢ଼ିମାନେ ରହିବେ ଏଥିରେ ଦ୍ୱିରୁକ୍ତି ନାହିଁ।

ପିଲାମାନଙ୍କର ଶିକ୍ଷା ପ୍ରତି ଅଣଦେଖା କଲେ ସେମାନେ ଯେ ଆଗକୁ ବଢ଼ି ପାରିବେନି ଏହା ସୁନିଶ୍ଚିତ। ଏହା ଜ୍ଞାତ ଥିଲେବି ପାଖାପାଖି ଦେଢ଼ବର୍ଷ ଧରି ସମ୍ପୂର୍ଣ୍ଣ ବନ୍ଦ ଥିବା ଶିକ୍ଷାଦାନ ପ୍ରକ୍ରିୟା କେମିତି ସ୍ୱାଭାବିକ ଅବସ୍ଥାକୁ ଫେରିବ ସେ ବାବଦରେ ନା ଅଛି ପ୍ରସ୍ତୁତି ନା ଚିନ୍ତନ। ଗୋଟିଏ ଶିକ୍ଷା ବର୍ଷ ପୂରା ଧୋଇ ଯାଇଥିବା ବେଳେ ଦୁଇଟି ଶିକ୍ଷାବର୍ଷ ଘୋର ପ୍ରଭାବିତ ହୋଇଛି। ଏହି ସଂକଟରୁ ମୁକୁଳିବା ପାଇଁ ଆମ ରାଜ୍ୟରେ ୟୁ–ଟ୍ୟୁବ୍‌ରେ ଶିକ୍ଷାଦାନ ଚାଲିଛି। କିନ୍ତୁ ରାଜ୍ୟର ଅଶୀ ପ୍ରତିଶତ ପିଲା ଏଥିରୁ ବଞ୍ଚିତ। ଏମାନଙ୍କୁ ଏଥିରେ ସାମିଲ କରାଯାଇ ନ ପାରିଲେ ଭବିଷ୍ୟତରେ ଏକ ବିରାଟ ତାରତମ୍ୟ ସୃଷ୍ଟି ହେବ। ଦ୍ୱିତୀୟରେ ଅନ୍‌ଲାଇନ୍ ଶିକ୍ଷାଦାନ ଏକ ସାମୟିକ ତଥା ଖଣ୍ଡିତ ପ୍ରକ୍ରିୟା। ବିଦ୍ୟାଳୟ ଖୋଲିବା ବାବଦରେ ନୂତନ ଭାବନା ଜରୁରୀ। ବ୍ରିଟେନ୍, ନରୱେ, ଡେନ୍‌ମାର୍କ, ସ୍ୱିଡେନ୍ ଆଦି ଦେଶଗୁଡ଼ିକରେ ଯଦି ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ପିଲାଙ୍କୁ ଟିକା ଦିଆଯାଇ ପାରୁଛି, ତେବେ ଆମ ଦେଶରେ କାହିଁକି ହୋଇ ପାରିବନି? ମନରେ ଆଉ ଏକ ପ୍ରଶ୍ନ ଉଙ୍କିମାରେ। ଆଜି ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ବୟସର କେତେ ପିଲା ଆମ ଦେଶରେ ସଂକ୍ରମିତ ହୋଇଛନ୍ତି? ଯଦି ଏହା ନଗଣ୍ୟ, ତେବେ ସମସ୍ତ ଶିକ୍ଷକଙ୍କୁ ଟିକା ଦେଇସାରି କୋଭିଡ୍ ବ୍ୟବହାର ଅନୁସରଣ କରି ବିଦ୍ୟାଳୟ ଖୋଲିବା ବ୍ୟବସ୍ଥା କରାଯାଉ ନାହିଁ କାହିଁକି?

ମୋଟାମୋଟି କହିବାକୁ ଗଲେ 'ଜୀବନର ସୁରକ୍ଷା ଦେବା' ଓ 'ସମର୍ଥ କରି ଗଢ଼ି ତୋଳିବା'– ଶିଶୁ/ପିଲାମାନଙ୍କର ଏହି ଉଭୟ ଦିଗ ପ୍ରତି ଧ୍ୟାନ ଦେଇ ଯତ୍ନ ନେଲେ ରତ୍ନ ମିଳିବ ଏହା ହିଁ ସାର ବଚନ।

ମୋ: ୭୦୦୮୦୭୩୫୯୯

# କରୋନାର ଅନ୍ତ କେବେ



ଡା. ଗୋପାଳ ଚନ୍ଦ୍ର ଦାଶ

ଡିସେମ୍ବର ୨୦୧୯ରୁ ଚାଇନାର ଉହାନ ସହରରୁ ସୃଷ୍ଟି ହୋଇଥିବା ଭୂତାଣୁଜନିତ ରୋଗ କରୋନା ମହାମାରୀର ପ୍ରଭାବ ବିଗତ ଦେଢ଼ ବର୍ଷ ହେଲା ବିଶ୍ୱରେ ଚାଲୁରହିଛି। ନିୟମିତ ବ୍ୟବଧାନରେ ସଂକ୍ରମଣର ଲହର ଆସୁଛି ଓ ଭୂତାଣୁ ନିୟମିତ ଭାବରେ ତାହାର ଗୁଣସୂତ୍ର ପରିବର୍ତ୍ତନ କରୁଛି। ଫଳସ୍ୱରୂପ ମନୁଷ୍ୟ ଶରୀରରେ ଏହାର ରୋଗ ସୃଷ୍ଟି କରିବା ପ୍ରକ୍ରିୟା ସମ୍ବନ୍ଧରେ ବିଶେଷଜ୍ଞମାନେ ଠିକ୍ ଜାଣି ନ ପାରିବାରୁ ଉପଚାର ଜଟିଳ ହେଉଛି। ଇତିମଧ୍ୟରେ ଆଲ୍‌ଫା, ବିଟା, ଗାମା ଓ ଡେଲ୍‌ଟା ପ୍ରଜାତିର ଭୂତାଣୁ ଦେଖାଦେଇଛି। ରୋଗ ପ୍ରାଦୁର୍ଭାବ ଓ ମୃତ୍ୟୁ ହାରକୁ ରୋକିବା ପାଇଁ କରୋନା ଟିକାର ଆପାତକାଳୀନ ବ୍ୟବହାର ପାଇଁ ବିଶ୍ୱର ଅନେକ ରାଷ୍ଟ୍ର ଅନୁମୋଦନ କରିଛନ୍ତି। ଏପରିକି ଆୟୁର୍ବେଦ ଓ ଏଲୋପାଥିକ ଚିକିତ୍ସକମାନେ ନିଜ ନିଜର ଚିକିତ୍ସା ପଦ୍ଧତିକୁ ସର୍ବଶ୍ରେଷ୍ଠ ବୋଲି ପ୍ରତିପାଦନ କଲେ। ପରସ୍ପର ପ୍ରତି ପ୍ରତିକୂଳ ମନ୍ତବ୍ୟ ତୀବ୍ର ସ୍ତରରେ ପହଞ୍ଚିବା ଦ୍ୱାରା ଉଭୟ ପକ୍ଷ ଅଦାଲତର ଦ୍ୱାରସ୍ଥ ହେଲେ। ଏଠାରେ ମନେରଖିବା ଉଚିତ ଯେ ଚିକିତ୍ସା ପଦ୍ଧତି ଯାହା ହେଉନା କାହିଁକି ଏହା ରୋଗୀର ଆରୋଗ୍ୟ ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ପରସ୍ପର ପ୍ରତି ବିରୋଧାତ୍ମକ ମନୋଭାବ ରାଷ୍ଟ୍ରର ହିତକାରକ ନୁହେଁ।

ଇତିହାସକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ କୌଣସି ରୋଗର ସଫଳ ଉପଚାର ପ୍ରାରମ୍ଭିକ ଅବସ୍ଥାରେ ଜାଣିବା କଷ୍ଟକର ହୋଇଥାଏ। ସମୟକ୍ରମେ ରୋଗ ଉପରେ ଗବେଷଣା ଦ୍ୱାରା ଠିକ୍ ଉପଚାରର ମାର୍ଗ ଉପଲବ୍ଧ ହୁଏ। ଏହି ଅବସ୍ଥା ବର୍ତ୍ତମାନ କରୋନା ରୋଗରେ ଦେଖିବାକୁ ମିଳୁଛି। କେତେଗୋଟି ଦୃଷ୍ଟାନ୍ତ ଏଠାରେ ଦିଆଯାଇପାରେ।

ଖ୍ରୀଷ୍ଟପୂର୍ବ ୨୫୦୦ ମସିହା ପୂର୍ବେ ଯେତେବେଳେ ଯକ୍ଷ୍ମା ରୋଗର ପ୍ରାଦୁର୍ଭାବ ହେଲା, ସେତେବେଳେ ଏହା ଏକ ବ୍ୟାକ୍ଟେରିଆଜନିତ ରୋଗ ବୋଲି ଜଣା ନ ଥିଲା। ଉପଚାର ରୂପେ ରୋଗୀର ଛାତିକୁ କଣା କରିଦିଆଯାଇ ସଂକ୍ରମିତ ଫୁସ୍‌ଫୁସ୍‌କୁ ଅକାମୀ କରିଦିଆଯାଉଥିଲା। ସଂକ୍ରମିତ ରୋଗୀକୁ ଟିବି ନାସିଟୋରିଅମରେ ଅଲଗା କରି ରଖାଯାଉଥିଲା। ମାର୍ଚ୍ଚ ୧୮୮୨ରେ ରବର୍ଟ କକ୍‌ଙ୍କ ଦ୍ୱାରା ଟିବି ବାସିଲ୍‌ସର ଆବିଷ୍କାର ଦ୍ୱାରା ଏହା ଏକ ବ୍ୟାକ୍ଟେରିଆଜନିତ ସଂକ୍ରମିତ ରୋଗ ବୋଲି ଜଣାପଡ଼ିଲା। ୧୯୪୩ର ଷ୍ଟ୍ରେପ୍ଟୋମାଇସିନ୍‌ର ଉଦ୍ଭାବନ ଦ୍ୱାରା ଏହି ରୋଗର ଠିକ୍ ଉପଚାର ଆରମ୍ଭ ହେଲା। ଦୀର୍ଘ ୧୩ ବର୍ଷର ଗବେଷଣା ପରେ ୧୯୨୧ରେ ଫ୍ରାନ୍ସ ବୈଜ୍ଞାନିକ ଆଲବର୍ଟ କାଲ୍‌ମିଟ୍ ଓ କ୍ୟାମିଲ ଗୁରିନ ଟିବି ରୋଗ ପାଇଁ ବିସିଜି ଟିକା ଉଦ୍ଭାବନ କଲେ। ବର୍ତ୍ତମାନ ଟିବି ରୋଗ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ। ଆୟୁର୍ବେଦରେ ଖ୍ରୀ:ପୂ: ୧୪୦୦ ଶତାବ୍ଦୀରେ କୁଷ୍ଠ ରୋଗର ପ୍ରମାଣ ମିଳେ। ରୋଗର କାରଣ ଜଣା ନ ଥିବାରୁ ରୋଗୀକୁ ଲେପ୍ରୋସି ହୋମ୍‌ରେ ଅଲଗା ରଖାଯାଉଥିଲା। ନରୱେର ବୈଜ୍ଞାନିକ ଆର୍ମାୟରୁ ହାନ୍‌ସେନ ୧୮୭୩ରେ କୁଷ୍ଠ ରୋଗ ସୃଷ୍ଟି କରୁଥିବା ଲେପ୍ରା ବାସିଲ୍‌ସକୁ ଆବିଷ୍କାର କଲେ। ଏହା ଏକ ବ୍ୟାକ୍ଟେରିଆଜନିତ ରୋଗ ଜାଣିବା ପରେ ଉପଚାର ପାଇଁ ଡାପସନ୍ ଔଷଧର ପରୀକ୍ଷାମୂଳକ ବ୍ୟବହାର କରାଗଲା। ବର୍ତ୍ତମାନ ଏହି ରୋଗର ସଫଳ ଉପଚାର ବିଭିନ୍ନ ଆଧୁନିକ ଔଷଧ ଦ୍ୱାରା କରାଯାଇପାରୁଛି। ଲେପ୍ରୋସି ରୋଗର ଟିକା ପାଇଁ ବର୍ତ୍ତମାନ ସୁଦ୍ଧା ଗବେଷଣା ଚାଲୁରହିଛି।

ଚିକିତ୍ସା ବିଜ୍ଞାନର ଇତିହାସରୁ ଜଣାପଡ଼େ, ମ୍ୟାଲେରିଆ ରୋଗ ଖ୍ରୀ.ପୂ.୨୭୦୦ରୁ ଚାଇନାରେ, ଖ୍ରୀ.ପୂ. ୨୦୦୦ରୁ ମେସୋପଟାମିଆରେ, ଖ୍ରୀ.ପୂ. ୧୫୭୦ରୁ ଇଜିପ୍ଟରେ ଓ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରୁ ଭାରତରେ ଦେଖାଯାଇଥିଲା। ମ୍ୟାଲେରିଆ ଶବ୍ଦର ଅର୍ଥ ଖରାପ ବାୟୁ। ଏହି ଶବ୍ଦ ଇଟାଲୀରୁ ଆସିଛି। ସେତେବେଳେ ଧାରଣା ଥିଲା ଯେ ମ୍ୟାଲେରିଆ ରୋଗ ଖରାପ ବାୟୁ ଯୋଗୁ ସୃଷ୍ଟି ହେଉଛି। ରୋନାଲ୍ଡ ରସ୍ ନାମକ ଜଣେ ବ୍ରିଟିଶ୍ ଡାକ୍ତର ୧୮୯୭ରେ ମଶା ପେଟରୁ ମ୍ୟାଲେରିଆ ରୋଗର ପରଜୀବୀକୁ ଆବିଷ୍କାର କରି ସିଦ୍ଧ କଲେ ଯେ ଏହି ରୋଗ ଦୂଷିତ ବାୟୁରୁ ନୁହେଁ ବରଂ ମଶା କାମୁଡ଼ାରୁ ସଂକ୍ରମିତ ହେଉଛି। ଦୁଇଜଣ ଫ୍ରେଞ୍ଚ କେମିଷ୍ଟ ୧୮୨୦ରେ ସିନ୍‌କୋନା ଗଛର ବକ୍କଲରୁ କୁଇନାଇନ୍‌ର ଆବିଷ୍କାର କରିବା ଦ୍ୱାରା ମ୍ୟାଲେରିଆ ରୋଗର ସଫଳ ଉପଚାର ହୋଇପାରିଲା।

କରୋନା ପରି ଏଡ୍‌ସ ମହାମାରୀ ୧୯୮୧ରୁ ଦେଖାଦେଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ଟିକା ଉପଲବ୍ଧ ହୋଇପାରି ନାହିଁ। ବସନ୍ତ, ମିଳିମିଳା ଓ ହାଡ଼ଫୁଟି ଆଦି ରୋଗକୁ ଠାକୁରାଣୀ ଭାବି ପୂଜା କରାଯାଉଥିଲା। ରୋଗ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଆବିଷ୍କାର ପରେ ଏହାର ଉପଚାର ସମ୍ଭବ ହୋଇପାରିଲା। ବ୍ରିଟିଶ୍ ଡାକ୍ତର ଏଡ୍‌ୱାର୍ଡ୍ ଜେନର ୧୭୯୬ରେ ବସନ୍ତ ରୋଗର ଟିକା ଉଦ୍ଭାବନ କରିବା ଫଳରେ ସଫଳ ଟିକାକରଣ ଦ୍ୱାରା ୧୯୮୦ରୁ ବସନ୍ତ ସମଗ୍ର ବିଶ୍ୱରୁ ଲୋପ ପାଇଲା। ତେଣୁ ଜାଣିରଖିବା ଉଚିତ କୌଣସି ଏକ ରୋଗର ଟିକା ବଜାରରେ ଉପଲବ୍ଧ ହେବା ପୂର୍ବରୁ ଅତିକମ୍‌ରେ ତିନି ସ୍ତରରେ ପରୀକ୍ଷା କରାଯାଇଥାଏ। ସେଥିପାଇଁ ୮ରୁ ୧୦ ବର୍ଷ ସମୟ ଲାଗିଥାଏ। ଯେଉଁ ଟିକା ଯେତେ ଅଧିକ ବ୍ୟକ୍ତିଙ୍କଠାରେ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଥାଏ, ସେହି ଟିକାର ସଫଳତା ସେତେ ଅଧିକ ବୋଲି ଜଣାଯାଏ। ବର୍ତ୍ତମାନ ସୁଦ୍ଧା କରୋନା ଟିକା ଉପରେ ଗବେଷଣା ଚାଲୁ ରହିଛି। ଭାରତରେ ଉପଲବ୍ଧ କରୋନା ଟିକାର ସଫଳତା ଉତ୍ସାହଜନକ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଃସନ୍ଦେହରେ ଟିକା ନେବା ଦରକାର। ପ୍ରତ୍ୟେକ ଔଷଧ ଓ ଟିକାର କିଛିମାତ୍ରାରେ ପାର୍ଶ୍ୱପ୍ରତିକ୍ରିୟା ଥାଏ। ମାତ୍ର ସଫଳତା ତୁଳନାରେ ଏହା ଅତି ନଗଣ୍ୟ। ତେଣୁ ଟିକାର ପାର୍ଶ୍ୱପ୍ରତିକ୍ରିୟା ପ୍ରତି ବିଚଳିତ ହେବା ଅନାବଶ୍ୟକ।

ମୋ: ୭୮୪୮୮୫୦୯୫୦

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା ଆଶାରେ
ପ୍ରକାଶିବ ଛନ୍ଦ ତା'ର ପଲ୍ଲବିତ କୁସୁମ–ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ।

–(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରମିକଙ୍କୁ ସହାୟତା ମିଳୁ

ମହାଶୟ,

ରାଜ୍ୟରେ ଶ୍ରମିକମାନେ ଲକ୍‌ଡାଉନ ଯୋଗୁ କାମ ନ ପାଇ ହଇରାଣ ହେଉଛନ୍ତି। ଏପରି କି ଆର୍ଥିକ ନିଅଣ୍ଟିଆ ସମସ୍ୟା ହେଉଅଛି। ଏଥିପ୍ରତି ଶ୍ରମ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। ଶ୍ରମିକମାନଙ୍କ ପଞ୍ଜୀକୃତ ଆକାଉଣ୍ଟକୁ ଆର୍ଥିକ ରାଶି ପଠାଗଲେ ସେମାନେ ଉପକୃତ ହେବେ। ଶ୍ରମିକ କଲ୍ୟାଣ ପାଣ୍ଠି ବିନିଯୋଗ କରାଗଲେ ପାରିବାରିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୮।୭ (ଡି.ଏନ୍.ଏ.)-ଗୁରୁବାର ୨ ଜଣ କ୍ୟାଡର ମାଓବାଦୀ କୋଟାଗୁଡେମ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ହେମଲା ରାମା ଓ ମାଡକମା। ଉଭୟେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ଆତ୍ମସମର୍ପଣ ପରେ ସେମାନେ କହିଛନ୍ତି , ଅନେକ ମାଓବାଦୀ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ ମଧ ସେମାନଙ୍କୁ ବଡ଼ କମାଣ୍ଡରମାନେ ଡରାଉଛନ୍ତି। ଦଳ ଛାଡ଼ି ଯିବାକୁ ଦେଉନାହାନ୍ତି। ବଡ଼ କମାଣ୍ଡରମାନେ ଛୋଟ କ୍ୟାଡର ମାଓବାଦୀମାନଙ୍କୁ ମୁକ୍ତ ଭାବରେ ବଞ୍ଚିବାକୁ ଦେଉ ନ ଥିବା ଉଭୟେ ପ୍ରକାଶ କରିଥିବା କୋଟାଗୁଡେମ ଏସ୍‌ପି ସୁନୀଲ ଦତ୍ତ କହିଛନ୍ତି।



# ଗର୍ଭବତୀଙ୍କ ପାଇଁ କୋଭିଡ୍ ଟିକା ସୁରକ୍ଷିତ



### ଖୁବ୍‌ଶୀଘ୍ର ରାଜ୍ୟରେ ଆରମ୍ଭ ହେବ

ଭୁବନେଶ୍ୱର,୮।୭(ବ୍ୟୁରୋ)

ଗର୍ଭବତୀଙ୍କ ପାଇଁ କୋଭିଡ୍ ଟିକା ସୁରକ୍ଷିତ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଗାଇଡ୍‌ଲାଇନ ଅନୁସାରେ ଖୁବ୍‌ଶୀଘ୍ର ରାଜ୍ୟରେ ଗର୍ଭବତୀଙ୍କୁ ଟିକା ଦିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଗୁରୁବାର ସୂଚନା ଦେଇଛନ୍ତି। ଟିକା ନେବା ପାଇଁ ଯଦିଓ ଅନ୍ୟମାନଙ୍କ ଭଳି ଗର୍ଭବତୀଙ୍କ ନାମ ପଞ୍ଜୀକରଣ ସମାନ, ତଥାପି ସେମାନେ ସାଧାରଣ ଲୋକଙ୍କ ଭଳି ଲମ୍ବା ଧାଡ଼ିରେ ଠିଆ ହୋଇ ଟିକା ପାଇଁ ଅପେକ୍ଷା କରିବେ ନାହିଁ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷା ପ୍ରକୋଷ୍ଠ କରାଯିବ। ଆଶା ଓ ଅଙ୍ଗନଓ୍ୱାଡ଼ି କର୍ମୀ ସେମାନଙ୍କୁ ଚିହ୍ନଟ କରି ଆବଶ୍ୟକ ସୁବିଧା ଯୋଗାଇଦେବେ ବୋଲି ପାଣିଗ୍ରାହୀ କହିଛନ୍ତି।

ଗର୍ଭବତୀମାନେ ଟିକା ନେବା ପରେ ସେମାନଙ୍କଠାରେ ଟିକାର କି ପ୍ରଭାବ ଦେଖାଯାଉଛି, ତାକୁ ଅନୁଧ୍ୟାନ କରିବା ପାଇଁ ଅଧଘଣ୍ଟା ନିରୀକ୍ଷଣରେ ରଖାଯିବ। ଏଥିନିମନ୍ତେ ରାଜ୍ୟବ୍ୟାପୀ ଜିଲାସ୍ତରରେ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ରାଜ୍ୟରେ ଚାଲିଥିବା ଟିକାକରଣ ସମ୍ପର୍କରେ ସୂଚନା ଦେଇ ପାଣିଗ୍ରାହୀ କହିଛନ୍ତି ଯେ ରାଜ୍ୟରେ ଏବେ ପର୍ଯ୍ୟାପ୍ତ ସଂଖ୍ୟାର କୋଭିଶିଲ୍ଡ ଟିକା ଉପଲବ୍ଧ ନାହିଁ। ଯେତିକି ରହିଛି ତାହା ଆସନ୍ତା ୨ଦିନ ମଧ୍ୟରେ ଶେଷ ହୋଇଯିବ। ବର୍ତ୍ତମାନ ରାଜ୍ୟରେ ୧,୯୦,୩୮୦ ଡୋଜ୍ କୋଭିଶିଲ୍ଡ ଟିକା ଏବଂ ୨,୯୮,୮୧୦ କୋଭାକ୍ସିନ ଟିକା ଉପଲବ୍ଧ ରହିଛି। ଭୁବନେଶ୍ୱର ଏବଂ ଗଞ୍ଜାମରେ ଲୋକମାନଙ୍କୁ ଏବେ କୋଭାକ୍ସିନ ଟିକା ଦିଆଯାଉଥିବାବେଳେ ରାଜ୍ୟର ଅନ୍ୟ ସବୁ ସ୍ଥାନରେ କୋଭିଶିଲ୍ଡ ଟିକା ଦିଆଯାଉଛି। ଆସନ୍ତା ୧୫ସୁଦ୍ଧା ରାଜ୍ୟକୁ ଆଉ ୩,୧୬,୪୭୦ ଡୋଜ୍ କୋଭିଶିଲ୍ଡ ଟିକା ମିଳିବାର ଅଛି। ତାହା ଆସିଗଲେ ପୁଣି ପୂର୍ଣ୍ଣ ପର୍ଯ୍ୟାୟରେ ଟିକାକରଣ କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

# ୨୪ ଘଣ୍ଟାରେ ୫୭ ମୃତ

- ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦ ମୃତ
- ଆଉ ୨୫୪୨ ପଜିଟିଭ୍ ଚିହ୍ନଟ



ଭୁବନେଶ୍ୱର, ୮।୭ (ବ୍ୟୁରୋ)

ରାଜ୍ୟରେ ସଂକ୍ରମଣ କମିଛି, ହେଲେ କରୋନା ସଙ୍କଟ ଟଳିନାହିଁ। ଆକ୍ରାନ୍ତ ସଂଖ୍ୟା ୩ ହଜାର ତଳେ ରହୁଥିବା ବେଳେ ମୃତ୍ୟୁ ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି। ଗତ ୨୪ ଘଣ୍ଟାରେ ଆଉ ୫୭ଜଣଙ୍କ ମୁଣ୍ଡ ନେଇଛି ଏହି ମହାମାରୀ। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିମଧ୍ୟରୁ କେବଳ ଭୁବନେଶ୍ୱରରୁ ୬ଜଣ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବରଗଡ଼, ଗଞ୍ଜାମ, ନୟାଗଡ଼, ପୁରୀ ଓ ସୁନ୍ଦରଗଡ଼ରୁ ୫ଜଣ ଲେଖାଏ, ଢେଙ୍କାନାଳ, କଳାହାଣ୍ଡି ଓ କୋରାପୁଟରୁ ୪ଜଣ ଲେଖାଏ, ଅନୁଗୋଳରୁ ୩ଜଣ, ମାଲକାନଗିରିରୁ ୨ଜଣ ଓ ମୟୂରଭଞ୍ଜ, ରାୟଗଡ଼ା, ବାଲେଶ୍ୱର, କଟକ ଓ ଦେବଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୨୫୪୨ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪୫୮ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧୦୮୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। କଟକ ଜିଲାରୁ ସର୍ବାଧିକ ୪୨୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏହା ତଳକୁ ଥିବା ଖୋର୍ଦ୍ଧା ଜିଲାରୁ ୪୨୪ଜଣ ପଜିଟିଭ୍ ବାହାରିଛନ୍ତି। ସେହିପରି ବାଲେଶ୍ୱରରୁ ୨୨୧, ଭଦ୍ରକରୁ ୧୦୦, ଜଗତ୍‌ସିଂହପୁରରୁ ୧୨୮, ଯାଜପୁରରୁ ୧୩୯, କେନ୍ଦ୍ରାପଡାରୁ ୧୬୭, ମୟୂରଭଞ୍ଜରୁ ୧୨୪, ପୁରୀରୁ ୧୫୦, ସୁନ୍ଦରଗଡ଼ରୁ ୫୭, ସମ୍ବଲପୁରରୁ ୨୮, ରାୟଗଡ଼ାରୁ ୩୭, ନୂଆପଡ଼ାରୁ ୮, ସୋନପୁର ୫, ନୟାଗଡ଼ ୭୮, ନବରଙ୍ଗପୁର ୧୨, ମାଲକାନଗିରି ୪୨, କୋରାପୁଟ ୪୦, କେନ୍ଦୁଝର ୬୯, କନ୍ଧମାଳ ୧୯, କଳାହାଣ୍ଡି ୧୦, ଝାରସୁଗୁଡ଼ା ୨୪, ଗଞ୍ଜାମ ୧୩, ଗଜପତି ୧୫, ଢେଙ୍କାନାଳ ୩୪ , ଦେବଗଡ଼ ୭, ବୌଦ୍ଧ ୭, ବଲାଙ୍ଗୀର ୨, ବରଗଡ଼ ୧୭, ଅନୁଗୋଳ ୬୦ ଓ ଷ୍ଟେଟ୍‌ପୁଲ୍‌ରୁ ୭୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୨୮୯୬ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

# ୧୧ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ



ସମ୍ବଲପୁର, ୮।୭(ବ୍ୟୁରୋ)

ସମ୍ବଲପୁରସ୍ଥିତ ହୀରାକୁଦ ଡ୍ୟାମ୍‌ରୁ ଜୁଲାଇ ୧୧ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ପୂର୍ବାହ୍ନ ୧୧ଟାରେ ଜଳଭଣ୍ଡାର ଗେଟ୍ ଖୋଲାଯିବ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସମ୍ବଲପୁର, ସୋନପୁର, କଟକ, ବୌଦ୍ଧ, ଖୋର୍ଦ୍ଧା, କନ୍ଧମାଳ, ଅନୁଗୋଳ, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ପୁରୀ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏଥିସହ ଡ୍ୟାମ୍ ତଳମୁଣ୍ଡରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ମିଳିଥିବା ରିପୋର୍ଟ ଅନୁଯାୟୀ, ବୁଧବାର ଡ୍ୟାମ୍‌ର ଜଳସ୍ତର ୬୦୭.୭୫ ଫୁଟ୍ ରହିଥିଲା। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୪୧,୨୧୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୦,୮୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ୧୬,୪୬୮ କ୍ୟୁସେକ୍, ବିଭିନ୍ନ କେନାଲରେ ୪୦୬୬ କ୍ୟୁସେକ ଓ ଶିଳ୍ପ ପାଇଁ ୨୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ରୁଲ୍ କର୍ଭ ଅନୁସାରେ ଜୁଲାଇରେ ଡ୍ୟାମରେ ୫୯୦ରୁ ୫୯୫ ଫୁଟ୍ ଜଳସ୍ତର ରହିବା କଥା। ହେଲେ ଏବେ ୬୦୭.୭୫ ଫୁଟ୍ ରହିଛି। ଉପମୁଣ୍ଡରେ ବର୍ଷା ହେଉଛି। ଏହାକୁ ଦୃଷ୍ଟିରେ ରଖି ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ହୋଇଛି।

# ବର୍ଷତମାମ୍ ଇକୋ-କଟେଜ ସୁବିଧା

- ପିପିପି ମୋଡ୍‌ରେ ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ
- ହୀରାକୁଦ, ସାତକୋଶିଆରେ ପରୀକ୍ଷାମୂଳକ ଭାବେ କରାଯିବ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ବିଶ୍ୱସ୍ତରୀୟ ଇକୋ-ରିଟ୍ରିଟ୍‌ର ସଫଳ ଆୟୋଜନ ପରେ ପର୍ଯ୍ୟଟକଙ୍କୁ ଇକୋ-କଟେଜ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଣିକି କେବଳ ପର୍ଯ୍ୟଟନ ଋତୁ ନୁହେଁ, ବରଂ ବର୍ଷସାରା ଇକୋ-କଟେଜରେ ରହିବାର ମଜା ନେଇପାରିବେ ପ୍ରକୃତିପ୍ରେମୀ ପର୍ଯ୍ୟଟକ। ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ହୀରାକୁଦ ଏବଂ କଟକ ଜିଲାର ବାଲିପୁଟ (ସାତକୋଶିଆ)ଠାରେ ଏହି ପ୍ରକଳ୍ପ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ। ଏହାକୁ ବାଦ୍‌ଦେଲେ ପାରାଦୀପ, ଦାରିଙ୍ଗବାଡ଼ି, ପତିସୁନାପୁର ଏବଂ କୋରାପୁଟ ଆଦି ସ୍ଥାନରେ ଇକୋ-କଟେଜ ନିର୍ମାଣ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଥିବା ପ୍ରକଳ୍ପ ଲାଗି ୬ ଏକର ଲେଖାଏ ଜମି ଚିହ୍ନଟ କରାଯାଇଛି। ପ୍ରତ୍ୟେକ ସ୍ଥାନରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରାୟ ୬.୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟଟନ ବିଭାଗ ସଚିବ ବିଶାଲ କୁମାର ଦେବ ଇକୋ-କଟେଜ ନିର୍ମାଣ ଏବଂ ପରିଚାଳନା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ସରକାରୀ-ଘରୋଇ ସହଭାଗିତା (ପିପିପି ମୋଡ୍ )ରେ ଇକୋ-କଟେଜ ପ୍ରକଳ୍ପ ନିର୍ମାଣ ହେବ। ସରକାରଙ୍କ ତରଫରୁ ଭିଜିଏଫ୍ ସ୍କିମ୍ ଜରିଆରେ ପାଣ୍ଠି ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ। ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ସହଭାଗୀ ଚୟନ କରିବାକୁ ମୁଖ୍ୟ ଶାସନ ସଚିବ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପର୍ଯ୍ୟଟନ ବିଭାଗର ପାନ୍ଥନିବାସ ଏବଂ ରାସ୍ତାପାର୍ଶ୍ୱ ସୁବିଧାକେନ୍ଦ୍ରଗୁଡ଼ିକୁ ଘରୋଇ ସହଭାଗିତାରେ କାର୍ଯ୍ୟକ୍ଷମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଇପିକଲ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟିକା କେନ୍ଦ୍ରରେ ଠେଲାପେଲା, ଏକାଧିକ ମହିଳା ଆହତ

ପାତ୍ରପୁର,୮।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ପରାଙ୍କୁଶ ବିଦ୍ୟାପୀଠରେ ଗତ କିଛିଦିନ ହେଲା କୋଭିଡ୍ ଟିକାକରଣ ଚାଲିଛି । ଏହି କେନ୍ଦ୍ରରେ ପ୍ରଥମ ଦିନରୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଗୁରୁବାର ଟିକା ପାଇଁ ହଜାର ହଜାର ମହିଳା ଓ ପୁରୁଷ ରୁଣ୍ଡ ହୋଇ ସାମାଜିକ ଦୂରତ୍ୱକୁ ଭୁଲି ଠେଲାପେଲା ହୋଇଥିଲେ। ଗୁଣ୍ଠୁରା ଗ୍ରାମର ତାମ୍ପା ଲୋଲାମ୍ପା ତଳେ ପଡ଼ି ଯିବାରୁ ତାଙ୍କ ହାତ ଆଙ୍ଗୁଠି ଭାଙ୍ଗିଛି। ସେହିପରି ୟୁ. କଲ୍ୟାଣୀ, ୟୁ. ଯାଡିଆମା, ଶକୁନ୍ତଳା ବେହେରା ପ୍ରମୁଖ ଆହତ ହୋଇଛନ୍ତି। ବ୍ଲକର ତେଲୁଗୁ ଭାଷାଭାଷୀ ଗ୍ରାମରେ ଟିକା ନ ଦେଲେ ରାଶନ ସାମଗ୍ରୀ ମିଳିବନି ବୋଲି ଗୁଜବ ହୋଇଥିବାରୁ ଏଭଳି ସମସ୍ୟା ହୋଇଛି। ଶତାଧିକ ତେଲୁଗୁ ଲୋକ ଗୁଜବ ଶୁଣି ଟିକା ନେବାକୁ ଆସି ଠେଲାପେଲା କରୁଛନ୍ତି। ଟିକାକରଣ ଲାଗି ନିରୂପଣ କରାଯାଇଥିବା ସ୍ଥାନ ପର୍ଯ୍ୟାପ୍ତ ଥିବା ସତ୍ତ୍ୱେ ପରିଚାଳନାଗତ ତ୍ରୁଟି ଯୋଗୁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପେନ୍‌ସନ୍, ଗ୍ରାଚ୍ୟୁଇଟି ବିଳମ୍ବ ମାମଲା | ଅର୍ଥ ସଚିବ, କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍ସଙ୍କୁ ହାଜର ନିର୍ଦ୍ଦେଶ

କଟକ ଅଫିସ,୮।୭

ରାଜ୍ୟ ସରକାର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି ପ୍ରଦାନରେ ବିଳମ୍ବ କରୁଥିବାରୁ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏ ନେଇ ଅର୍ଥ ବିଭାଗ ସଚିବ ଓ କଣ୍ଟ୍ରୋଲର ଅଫ ଆକାଉଣ୍ଟ୍ସଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ସବିତା ରଥଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସୂଚନା ମୁତାବକ, ଶଙ୍କର୍ଷଣ ମିଶ୍ର କୋରାପୁଟ ଜିଲା ନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଅବସରକାଳୀନ ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି ପାଇଁ ଆବେଦନ କରିଥିଲେ। ହେଲେ ଏହା ମିଳିବାରେ ବିଳମ୍ବ ହେବାରୁ ସେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ବିରୋଧରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ସ୍ୟାଟ୍‌ଙ୍କ ଆଦେଶ କାଏମ ରହିଥିଲା। କିନ୍ତୁ ତାଙ୍କୁ ତାଙ୍କର ବକେୟା ପ୍ରାପ୍ୟ ମିଳି ନ ଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୭ଦିନରେ ନିର୍ବିବାଦୀୟ ଜମିଜମା ଦାଖଲ ଖାରଜ ଫଇସଲା

### ପ୍ରମାଣପତ୍ର ଲାଗି ନିର୍ଦ୍ଧାରିତ ସମୟସୀମା ହ୍ରାସ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ରାଜସ୍ୱ ସେବା ଯୋଗାଣରେ ୫-ଟି ଢାଞ୍ଚା କାର୍ଯ୍ୟାନ୍ୱୟନ ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଜାତି, ଆୟ ଓ ଆବାସିକ ଆଦି ବିଭିନ୍ନ ପ୍ରମାଣପତ୍ର ଯୋଗାଣ ନିମନ୍ତେ ଓଡ଼ିଶା ସାଧାରଣ ସେବା ଅଧିକାର ଆଇନ-୨୦୧୨ରେ ନିର୍ଦ୍ଧାରିତ ସମୟସୀମା ହ୍ରାସ କରାଯାଇଛି। ନିର୍ବିବାଦୀୟ ଜମିଜମା ଦାଖଲ ଖାରଜ ମାମଲାର ଫଇସଲା ସମୟ ୭ ଦିନକୁ ହ୍ରାସ କରାଯାଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜସ୍ୱ ବିଭାଗ ସେବା ପ୍ରଦାନ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପରୋକ୍ତ ପ୍ରସ୍ତାବ ସମ୍ବନ୍ଧିତ ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପିତ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷାକରି ଜମି କିଣାବିକା ପ୍ରକ୍ରିୟାକୁ ଅଧିକ ସରଳ ଏବଂ ସ୍ୱୟଂକ୍ରିୟ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି କିଣାବିକା ପ୍ରକ୍ରିୟାରୁ ମଧ୍ୟସ୍ଥଙ୍କୁ ବାଦ୍‌ଦେବା ଏବଂ ସବ୍‌ରେଜିଷ୍ଟ୍ରାର ବା ଜିଲା ରେଜିଷ୍ଟ୍ରାର ଅଫିସ ଲୋକଙ୍କ ସ୍ୱୟଂ ଉପସ୍ଥିତିର ଆବଶ୍ୟକତା କମାଇବା ଦରକାର। ତେଣୁ ଭୂସମ୍ପତ୍ତି ଖର୍ଦ୍ଦବିକ୍ରି ପ୍ରକ୍ରିୟା ସ୍ୱୟଂକ୍ରିୟ ହେଲେ ଅଫିସ୍‌ରେ ଗହଳି କମିବ। ଏହାସହ ସେବା ଯୋଗାଣ ଅଧିକ ସହଜ, ସ୍ୱଚ୍ଛ ଏବଂ ଶୀଘ୍ର ହେବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି। ବିଷ୍ଣୁପଦ ସେଠୀ କହିଛନ୍ତି, ଭୂସମ୍ପତ୍ତି ଦାଖଲ ଖାରଜ ପାଇଁ ପୂର୍ବରୁ ସମୟସୀମା ୯୦ ଦିନ ଧାର୍ଯ୍ୟ କରାଯାଇଥିଲା। ହେଲେ ଏବେ ଅଂଶୀଦାରଙ୍କ ବିରୋଧ ନ ଥିଲେ ଦାଖଲ ଖାରଜ ପ୍ରକ୍ରିୟା ୭ ଦିନ ମଧ୍ୟରେ ଶେଷ କରାଯାଇ ପଟ୍ଟା ପ୍ରମାଣପତ୍ର ଯୋଗାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି, ଓବିସି ଓ ପଛୁଆବର୍ଗ ଆଦି ପ୍ରମାଣପତ୍ର ଯୋଗାଇବା ସମୟସୀମା ୩୦ ଦିନରୁ ୧୫ ଦିନକୁ କମାଯାଇଛି। ଆବାସିକ ଓ ଆୟ ପ୍ରମାଣପତ୍ର ପାଇଁ ସମୟସୀମା ପୂର୍ବ ନିର୍ଦ୍ଧାରିତ ୧୫ ଦିନରୁ ୧୦ ଦିନକୁ ଏବଂ ଅଭିଭାବକତ୍ୱ ପ୍ରମାଣପତ୍ର ଯୋଗାଣ ସମୟସୀମା ୪୫ରୁ ୩୦ ଦିନକୁ କମାଇ ଦିଆଯାଇଛି। ସମ୍ପତ୍ତିଗତ ପ୍ରମାଣପତ୍ର ଏବଂ ଆର୍ଥିକ ଦୁର୍ବଳଶ୍ରେଣୀ ପ୍ରମାଣପତ୍ର ଯୋଗାଣର ସମୟ ମଧ ପୂର୍ବ ନିର୍ଦ୍ଧାରିତ ୧୫ରୁ ୧୦ ଦିନକୁ କମାଯାଇଛି। ସମୟସୀମା ହ୍ରାସ ନେଇ ନିର୍ଦ୍ଦେଶନାମା ଦିଆଯିବା ପରଠାରୁ ବିଭିନ୍ନ ତହସିଲରେ ଏବେ ସୁଦ୍ଧା ପ୍ରାୟ ୪୦,୦୦୦ ଦାଖଲ ଖାରଜ ମାମଲା ୭ ଦିନ ମଧ୍ୟରେ ଫଇସଲା ହୋଇଛି। ସେହିପରି ପ୍ରାୟ ୪.୪୭ ଲକ୍ଷ ଜାତି ଓ ଅନ୍ୟାନ୍ୟ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗାଇ ଦିଆଯାଇଛି।

## ଜୁନାନୀମୁଣ୍ଡାରେ ବେଆଇନ ପାଉଁଶ ଡମ୍ପିଂ | ଏନ୍‌ଜିଟି ନିର୍ଦ୍ଦେଶରେ ମିଳିତ ତଦନ୍ତ

### ମୃତ୍ତିକା, ପାଣି ନମୁନା ସଂଗ୍ରହ

ଝାରସୁଗୁଡ଼ା ଅଫିସ,୮।୭

ଝାରସୁଗୁଡା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରୁ ନିର୍ଗତ ପାଉଁଶ ରାଜପୁର ପଞ୍ଚାୟତ ଜୁନାନୀମୁଣ୍ଡା ମୌଜାରେ ବେଆଇନ ଭାବେ ଡମ୍ପିଂ ଚାଲିଛି। ଏହିସବୁ ପାଉଁଶ ବର୍ଷାଜଳରେ ଭାସିଯାଇ ପୋଖରୀ, ବନ୍ଧ, ଜଙ୍ଗଲ, ଚାଷଜମିରେ ପଶି କ୍ଷତି ଘଟାଉଛି। କ୍ଷତିଗ୍ରସ୍ତ ଲୋକେ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସୁଫଳ ମିଳୁନାହିଁ । ଏଭଳି ସ୍ଥିତିରେ ସ୍ଥାନୀୟ କ୍ଷତିଗ୍ରସ୍ତ ଜମି ମାଲିକ ଅଜିତ ଧଳ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ଅଭିଯୋଗ କରିଥିଲେ। ଏହା ଆଧାରରେ ଗତ ଜାନୁୟାରୀ ୨୮ରେ ଏନ୍‌ଜିଟି କୋର୍ଟରେ କେସ୍ ରେଜିଷ୍ଟ୍ରେଶନ ହୋଇଥିଲା। ଏନ୍‌ଜିଟି କେସ୍ (ନଂ୧୦/୨୧)ରେ ମାମଲା ହୋଇ ତଦନ୍ତ ଆରମ୍ଭ ହୋଇଛି। ପୂର୍ବରୁ ଏନ୍‌ଜିଟି କୋର୍ଟ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ ରିପୋର୍ଟ ମାଗିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ଗୁରୁବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହେମେନ୍ଦ୍ର ନାଥ ନାୟକ, ତହସିଲଦାର କୁଳମଣି ରଣବିଡା ପ୍ରମୁଖ ଜୁନାନୀମୁଣ୍ଡାରେ ପାଉଁଶ ଡମ୍ପିଂ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସ୍ଥାନରୁ ମୃତ୍ତିକା ଓ ପାଉଁଶ ମିଶ୍ରିତ ପାଣି ନମୁନା ସଂଗ୍ରହ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କୁ ପଚରାଉଚରା କରିଥିଲେ। ମିଳିତ ଟିମ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡିଛି ପାଉଁଶ ଡମ୍ପିଂ ସ୍ଥାନରେ କେତେକ ରୟତ ଜମି ଓ ଆଉ କିଛି ସରକାରୀ ଓ ଜଙ୍ଗଲ ଜମି ରହିଛି। ଅଭିଯୋଗକାରୀ ଅଜିତ ଧଳଙ୍କ ପୋଖରୀରେ ବର୍ଷାଜଳରେ ପାଉଁଶ ଭାସିଯାଇ ପୋତି ହୋଇଯାଇଛି ବୋଲି ତଦନ୍ତରୁ ଜଣାପଡିଛି। ଜୁନାନୀମୁଣ୍ଡା ଗ୍ରାମର ରାଜୁ ଗଣ୍ଡଙ୍କ ରୟତ ଜମିରେ ପାଉଁଶ ପକାଇବା ପାଇଁ ବେଦାନ୍ତ କମ୍ପାନୀ ଅନୁମତି ନେଇଥିଲା। ଏହି ଆଧାରରେ କମ୍ପାନୀ ରୟତ ଜମି ବାହାରେ ବେଆଇନ୍ ଭାବେ ପାଉଁଶ ଡମ୍ପିଂ କରିଚାଲିଛି। ଏ ନେଇ ରାଜୁଙ୍କ ପରିବାର ସଦସ୍ୟ ସୁକାନ୍ତୀ ଗଣ୍ଡ ତଦନ୍ତ କମିଟି ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ସାହୁ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ନାୟକ କହିଛନ୍ତି, ଏହାର ତଦନ୍ତ ରିପୋର୍ଟ ୧ସପ୍ତାହ ମଧ୍ୟରେ ଏନ୍‌ଜିଟି କୋର୍ଟରେ ଦାଖଲ କରାଯିବ।

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadeva Vatika Square, Khandagiri, Bhubaneswar-751030, Ph. : 0674-2975390
**NOTICE**
EOI published in Sambad & Dharitri on 22.06.2021 inviting bids for Selection of Digital Marketing & Sales Agency is hereby extended up to **19th July, 2021 (5.00 PM)**. Interested parties may download the fresh relevant documents available at our website www.utkalikaodisha.in for reference and apply afresh in the prescribed norms within the above stipulated time.
Authority reserves the right to reject any or all bids without assigning any reason thereof.
**Sd/- Managing Director**

**DISTRICT PLANNING AND MONITORING UNIT, BOUDH**
Tender No. 56 Date: 08.07.2021
Sealed tenders are invited from reputed Manpower Agencies/ Service Providers for award of contract for providing services of manpower for District WODC Office of District Planning and Monitoring Unit, Boudh. The last date of submission of offer is 23.07.2021 upto 05.00 P.M. The tender document in details may be downloaded from the website www.boudh.nic.in.
**Sd./- OIC-WODC-cum-Deputy Director (P&S)**
**DPMU, Boudh**

**ZILLA SWASTHYA SAMITI, RAYAGADA (UNDER NATIONAL HEALTH MISSION)**
Advt No. 5726/NHM/2021 Date: 7.7.21
**CONTRACTUAL ENGAGEMENT**
No.E-210:- ZSS, Rayagada invites the applications from suitable candidates for engagement of Pharmacist-cum-Logistic Assistant, Work Consultant, Block Data Manager, MO AYUSH RBSK & RMNCH+A Counsellor on contractual basis under NHM, Rayagada, Odisha. The complete filled in application forms along with other documents should reach the Office of CDM&PHO, Rayagada, At- DHH Rayagada, Dist.- Rayagada, Pin- 765001 on or before 31.07.2021 at 5.00 P.M. positively. Interested candidates are requested to log on to the district official website (www.rayagada.nic.in) for downloading the application forms, detail qualification & eligibility criteria etc. for all the post.
**Sd./- CDM&PHO-cum-District Mission Director, Rayagada**
OIPR-10035/11/0002/2122

**Odisha State Council of Occupational Therapy & Physiotherapy**
**(DIRECTORATE OF MEDICAL EDUCATION & TRAINING, ODISHA)**
**Notice for Online Registration**
Memo No. 8865/H, Dt. 8.7.21
No.E-211:- In pursuance to Govt. of Odisha Law Department Notification dated 16.05.2020 & Odisha State Council for Occupational Therapy & Physiotherapy Act 2019 and proceeding of meeting of above said council on 15.03.2021, online application are invited from BPT, BOT, MPT passed out students for new registration from 13.07.2021 onwards. The detail procedure shall be available on https://oscotp.in and http://www.dmetodisha.gov.in.
**Sd./- Chairman & Director**
**Medical Education & Training, Odisha**
**Odisha State Council for Occupational Therapy & Physiotherapy**
OIPR- 10016/11/0003/2122

**CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
Advt. Letter No.2905 Date: 6.7.21
**Tender Call Notice for Disposal of Out of Service EMAS Ambulances (108)**
No.E-206:- Sealed tenders are invited for disposal of condemned EMAS Ambulances lying at different Blocks of Kalahandi district. Intending bidders may obtain tender paper containing terms & conditions, detail of vehicles and its location in the district website i.e. www.kalahandi.nic.in. Also they may inspect the said Ambulances to be disposed off in 'as is where is conditions' or any working day during office hours at the designated locations. The filled in Formats (Annexure-1 to 4) as single sealed envelope subscribing at the top of the envelope 'TENDER FOR DISPOSAL OF CONDEMNED AMBULANCES (108)' to the CDM&PHO, Kalahandi-766001 on or before 23.07.2021 by Regd Post/ Speed Post by 11 A.M. and the same will be opened on same dt.23.07.2021 at 12 Noon in the Office Chamber of CDM&PHO, Kalahandi.
The authority reserves the right cancel or reject the any or all tender without assigning any reason thereof.
**Sd./- Chief District Medical & Public Health Officer, Kalahandi**
OIPR-10076/11/0004/2122

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION**
AT/P.O.- ATHMALLIK, DIST.-ANGUL-759125
E-mail: dfoathmallikt@gmail.com, Tel.: 06763-254236
Tender Notice No. 08/IF-547/2021 Dated 7th July 2021
**Short Tender Notice for Construction of Loose Boulder Check Dams in Athmallik Forest Divisionunder CAMPA APO 2021-2022.**
No. MM-124:- Sealed tender is hereby invited by the undersigned on behalf of the Governor of Odisha for following works from the eligible contractor as detail below.
1. Name of the work: Construction of Loose Boulder Check Dams in Athamallik Forest Division under CAMPA APO 2021-2022 for approx. 18,000 CUM. (Eighteen thousand cubic meters).
2. Place of work: Within jurisdiction of Athmallik Forest Division.
3. Period of completion: 60 days.
4. Commencement of download RFP document on website: Dt.07.07.2021 www. odishaforest.in.
5. Date of bid submission (by messenger / courier/post): 30.07.2021, 11.00 A.M., Office of Divisional Forest Officer, Athmallik Division, P.O./ P.S.- Athmallik, Pin-759125, Dist.- Angul.
6. Date of General & Technical and Financial bid opening: Dt.30.07.2021: Time: 3.00 P.M. Office of the Divisional Forest Officer, Athmallik Division, P.O./ P.S.- Athmallik, Pin-759125, Dist.- Angul.
7. Contact person of queries: Time: 10.00 A.M. to 05.00 P.M. Office of DFO, Address: ACF G.S. Das, Phone: 9777212659, E-mail- dfoathmallikt@gmail.com.
8. RFP document cost (Non-refundable): Rs.6,000/- by DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik.
9. Address for bid submission - Office of DFO, Athmallik.
10. EMD (Refundable): Rs.40,000/- by DD issued by Nationalized Bank in favour of the Divisional Forest Officer, Athmallik Division, payable at Athmallik.
11. Bid validity period: 8 months from the last date of submission of bid.
12. Latest tender document and addendum/corrigendum, if any, will be published at the website www.odishaforest.in.
13. Disclaimer: Notwithstanding anything else contained to the contrary in this tender document, DFO, Athmallik reserves the right to cancel / withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.
**Sd./- Divisional Forest Officer, Athmallik Division**
OIPR-08125/11/0015/2122

## ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ

ବାଲିଗୁଡା,(ଡି.ଏନ.ଏ.): ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅନ୍ତର୍ଗତ ବ୍ଲକ ସମ୍ମୁଖରୁ ଗୁରୁବାର ଦିନ ଦ୍ୱିପହରରେ ଲୁଟ ହୋଇଛି। ବଜାର ଉପରେ ବାଇକ ରଖି ଗ୍ୟାରେଜକୁ ଯାଇଥିବା ବେଳେ ପଲସରରେ ଦୁଇ ଦୁର୍ବୃତ୍ତ ଆସି ସିଂଗିଗୁଡା ଗ୍ରିଡ ସୁପରଭାଇଜର ନରେଶ ଜେନାଙ୍କ ଡିକି ଭାଙ୍ଗି ୧୬,୫୦୦ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି । ଏନେଇ କ.ନୂଆଗାଁ ଥାନାରେ ଏତଲା ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଉଦାହରଣ ହେବ ସ୍ମାର୍ଟ ହାଇସ୍କୁଲ

ଛତ୍ରପୁର/ଆସିକା, ୮।୭(ଡି.ଏନ୍.ଏ.)



ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ଜିଲାପାଳ, ଛାତ୍ରୀଛାତ୍ର ଅନ୍ୟମାନେ ।

- ଛାତ୍ରୀଛାତ୍ରଙ୍କ ସହ କଥା ହେଲେ ୫-ଟି ସଚିବ
- ମୁଖ୍ୟମନ୍ତ୍ରୀଙ୍କ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚିତ

୫-ଟି ପ୍ଲାଟଫର୍ମରେ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ୧୩୩ ହାଇସ୍କୁଲର ରୂପାନ୍ତରୀକରଣ କାର୍ଯ୍ୟ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଭିଡିଓ କନଫରେନ୍ସ ଜରିଆରେ ଉକ୍ତ ସମସ୍ତ ସ୍କୁଲର ୩ ଜଣ ଲେଖାଏ ଛାତ୍ରୀଛାତ୍ର, ପ୍ରଧାଶିକ୍ଷକ,ସ୍କୁଲ ପରିଚାଳନା କମିଟି ସଭାପତି ଓ ସରପଞ୍ଚମାନଙ୍କ ସହ କଥା ହୋଇଛନ୍ତି। ସମସ୍ତଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ନିଜ ଘର କାମ ଭାବି କାର୍ଯ୍ୟ କରି ଆସୁଛନ୍ତି। ତେଣୁ ସମସ୍ତେ ଏଥିରେ ସହଯୋଗ କରି କିଭଳି ସ୍କୁଲ ଗୁଡିକର ଭିତ୍ତିଭୂମି ସୁଦୃଢ ସହ ସବୁ ସ୍ମାର୍ଟ ହେବ ତାହା କରିବାକୁ ୫-ଟି ସଚିବ କହିଛନ୍ତି। ସେ ଆହୁରି କହିଛନ୍ତି, ଫାଇଲିନ୍ ଠାରୁ ଆରମ୍ଭ କରି ଯେତେ ବି ବାତ୍ୟା ହୋଇଛି ତାର ମୁକାବିଲା ଏବଂ କରୋନା ବେଳେ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ଯୋଗାଇବାରେ ଓଡିଶା ସାରା ବିଶ୍ୱରେ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ସେହିଭଳି ସ୍କୁଲ ରୁପାନ୍ତରୀକରଣ କାର୍ଯ୍ୟ ପାଇଁ ମଧ୍ୟ ଓଡିଶା ଓ ଗଞ୍ଜାମ ଜିଲା ଉଦାହରଣ ସୃଷ୍ଟି କରିବ । ନଭେମ୍ବର ୧୪ ତାରିଖରେ ଉକ୍ତ ସମସ୍ତ ସ୍ମାର୍ଟ ହାଇସ୍କୁଲ କାମ ସାରି ଏହାର ଉଦଘାଟନ ହେବ ବୋଲି କୁହାଯାଇଛି । ୫-ଟି ସଚିବ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ କ'ଣ ଅଛି ବୋଲି ପୃଥକ ଭାବେ ପଚାରିଥିଲେ । ଯାହାକି ସେମାନଙ୍କୁ ଉତ୍ସାହିତ କରିଥିଲା। ଦିନତମାମ ଦୁଇଟି ପର୍ଯ୍ୟାୟରେ ଜିଲାର ଶେରଗଡ ଓ ହିଞ୍ଜିଳି ବ୍ୟତୀତ ୨୦ଟି ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମର ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ୫-ଟି ସଚିବ କଥା ହେବା ଅନେକ ଗୁରୁତ୍ୱ ବହନ କରିଥିଲା । ୧୩୩ ହାଇସ୍କୁଲ ମଧ୍ୟରୁ ୫୨ଟି ହାଇସ୍କୁଲରେ ଏହି କାର୍ଯ୍ୟ ସରିଛି । ଶିକ୍ଷାର ପରିବେଶଗତ ରୂପାନ୍ତରୀକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଭିଜନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଭିଜନ୍ ଡକ୍ୟୁମେଣ୍ଟର ଉନ୍ମୋଚନ ହୋଇଥିଲା । ଏଥିସହ କ୍ୟାଶ୍ ରେକର୍ଡ ଖୋଲା ଯାଇଥିଲା। ରୁପାନ୍ତରୀକରଣ କାର୍ଯ୍ୟର ମୂଳଲକ୍ଷ୍ୟ ହେଲା ହାଇସ୍କୁଲରେ ସ୍ମାର୍ଟ କ୍ଲାସ, ସ୍ମାର୍ଟ ଇ-ଲାଇବ୍ରେରୀ ଓ ରିଡିଙ୍ଗ ରୁମ୍, ଆଧୁନିକ ସାଇନ୍ସ ଲ୍ୟାବ୍, ସ୍ମାର୍ଟ ଟଏଲେଟ୍, ଶୁଦ୍ଧ ପାନୀୟଜଳ ଓ କ୍ରୀଡା ଭିତ୍ତିଭୂମି । ମୋ ସ୍କୁଲ ଅଭିଯାନ୍, ସିଏସଆର୍, ଜିଲା ମିନେରାଲ ଫଣ୍ଡ, ବ୍ଲକର ବିଭିନ୍ନ ଫଣ୍ଡ, ଏମପି ଓ ବିଧାୟକ ଫଣ୍ଡରୁ ଏଥିପାଇଁ ପ୍ରତି ସ୍କୁଲ ପିଛା ୪୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଡିଆରଡିଏ ଏପିଡି ଜ୍ୟୋତି ଶଙ୍କର ରାୟ, ଅନସ୍ଲୋ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅମୃତା ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ସାମଲ, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତି, ଛାତ୍ର ରାମ ପ୍ରସାଦ ପଣ୍ଡା, ବଦ୍ରି ନାଥ ମିଶ୍ର, ଛାତ୍ରୀ ନିକିତା ରାଣୀ ସାହୁ, ଚନ୍ଦନ କୁମାର ସାହୁ ଓ ଅନୁଷ୍କା ରାଣୀ ସେଠୀ ଉପସ୍ଥିତ ଥିଲେ। ଆସିକା ବ୍ଲକରେ ବିଡିଓ ରୋଶନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହୁମୁକି, ବରଗାଁ, ଦେବଭୂମି, ଜୟପୁର ହାଇସ୍କୁଲ ଓ ନିମିନାସ୍ଥିତ ଆଦର୍ଶ ବିଦ୍ୟାଳୟର ଶିକ୍ଷକ, ଛାତ୍ର ଓ ପରିଚାଳନା କମିଟି ସଦସ୍ୟ ଏବଂ ବ୍ଲକ ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଧରାକୋଟ ବ୍ଲକ ସଭା ଗୃହରେ ବିଡିଓ ସୁଶିଲ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ହୋତାଙ୍କ ସମେତ ଜାହାଡା, ମୁଣ୍ଡମରାଇ, ଧରାକୋଟ, ଡଉଗାଁ ଓ ଧରାକୋଟ ଆଦର୍ଶ ବିଦ୍ୟାଳୟ ଛାତ୍ର, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ଅଂଶ ଗ୍ରହଣ କରିଥିଲେ । ସେହିପରି ଅନ୍ୟ ବ୍ଲକ ଗୁଡିକରେ ମଧ୍ୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ୫-ଟି ସଚିବ କଥା ହୋଇଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ, ଶ୍ୱଶୁର ଅଟକ

ଗଞ୍ଜାମ,୮।୭(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ ଗଞ୍ଜାମ ସହର ମଧ୍ୟଖଣ୍ଡ ସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ପ୍ରିୟଙ୍କା ଗୌଡ଼। ବୁଧବାର ବିଳମ୍ବିତ ପ୍ରିୟଙ୍କାଙ୍କ ମୃତ୍ୟୁ ହୋଇଥିବା ବେଳେ ଶାଶୁଘର ଲୋକେ ମୃତଦେହ ପୋଡି ଦେବାକୁ ଯୋଜନା କରୁଥିଲେ। ଏପଟେ ମୃତ୍ୟୁ ଖବର ପାଇ ବାପଘର ଲୋକେ ଆସି ପ୍ରିୟଙ୍କାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଖବରପାଇ ଗଞ୍ଜାମ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶ୍ୱଶୁର ଓ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଏନେଇ ମୃତ ମହିଳାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ପ୍ରକାରେ ପୋଲିସ ନଂ.୪/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଡିସନାଲ ତହସିଲଦାର ଦେବରାଜ ପାତ୍ର, ଛତ୍ରପୁର ଇଏସଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ଓ ଡ଼ଗ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ଛତ୍ରପୁର ଥାନା ଲକ୍ଷ୍ମୀପୁର ଗ୍ରାମର ଭିକାରୀ ଗୌଡ଼ଙ୍କ ଝିଅ ପ୍ରିୟଙ୍କାଙ୍କ ଦୁଇ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ଦେଢ଼ ବର୍ଷର କନ୍ୟା ସନ୍ତାନ ଅଛି। ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବାରୁ ଘରେ ଅଶାନ୍ତି ଲାଗି ରହୁଥିଲା।

## ସଂକ୍ଷେପରେ

### ନେତାଜୀ କୁର୍ମୀ କ୍ଷତ୍ରିୟ ସଂସ୍ଥାର ସଭାପତି

ଭଞ୍ଜନଗର,୮।୭(ଡି.ଏନ.ଏ):କୁର୍ମୀ କ୍ଷତ୍ରିୟ ସଂସ୍ଥା ଜିଲୁଣ୍ଡି ଅଞ୍ଚଳର ସଭାପତି ଭାବେ ନେତାଜୀ ବିଷୋୟୀ ଗୁରୁବାର ମନୋନୀତ ହୋଇଛନ୍ତି । ବାଉଁଶଲୁଣ୍ଡି ପ୍ରଦେଶ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଏଥିପାଇଁ ଏକ ବୈଠକ ହୋଇଥିଲା। ପୂର୍ବତନ ସଭାପତି ଭଗବାନ ପ୍ରଧାନଙ୍କ ପରେ ବିୟୋଗ ପରେ ଗତ ଏକ ମାସ ହେବ ଉକ୍ତ ପଦବୀ ଖାଲିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଶ୍ୱନାଥ ରାଉତ, ସହ ସମ୍ପାଦକ ବୈଦ୍ୟନାଥ ପ୍ରଧାନ, କୋଷାଧ୍ୟକ୍ଷ ମନୋଜ ପ୍ରଧାନ, ପ୍ରଦେଶ ସଦସ୍ୟ ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ପୂର୍ବତନ ପୌରାଧ୍ୟକ୍ଷଙ୍କ ସ୍ମୃତିଚାରଣ

ପାରଳାଖେମୁଣ୍ଡି,୮।୭(ଡି.ଏନ୍.ଏ.): ଗଜପତି ଜିଲା ଭାଜପା ପକ୍ଷରୁ ପୂର୍ବତନ ପୌରାଧ୍ୟକ୍ଷ ସ୍ୱର୍ଗତ ପିନିଷ୍ଟି କ୍ରିଷ୍ଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ହୋଇଯାଇଛି। ପାରଳାଖେମୁଣ୍ଡି ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ତଥା ବିଧାୟକ କେ.ନାରାୟଣ ରାଓଙ୍କ ନେତୃତ୍ୱରେ ବହୁ ନେତା ଏଥିରେ ଯୋଗଦେଇ କ୍ରିଷ୍ଣାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେମାନେ କ୍ରିଷ୍ଣାଙ୍କ କର୍ମମୟଜୀବନୀ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣାଙ୍କ ପରିବାର ବର୍ଗଙ୍କ ସମେତ ସାଙ୍ଗସାଥି ଓ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ବବିତା ପାତ୍ର, ବରିଷ୍ଠ ନେତା ନୃସିଂହ ଚରଣ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ପି.ଲତା, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ. ସୀମାଦ୍ରୀ ପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ ।

### ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଜି.ଉଦୟଗିରି,୮।୭(ଡି.ଏନ.ଏ.):ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶୃଙ୍ଖଳିତ ଭାବେ ଟିକା ଦିଆଯାଉଥିବା ଯୋଗୁ ଟିକା ନେବା ପାଇଁ ଲୋକଙ୍କ ମନରେ ଆଗ୍ରହ ବୃଦ୍ଧି ପାଇଛି। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଅତି ବୟସ୍କ ଲୋକଙ୍କୁ ହୁଇଲ ଚେୟାରରେ ଅଣାଯାଇ ଟିକା ଦିଆଯାଉଛି ବୋଲି ହସ୍ପିଟାଲର ମେଡ଼ିକାଲ ଅଫିସର ଡାକ୍ତର ଶକ୍ତିକାନ୍ତ ମଲ୍ଲିକ କହିଛନ୍ତି। ଗତ ସୋମବାରଠାରୁ ଗୁରୁବାର ମଧ୍ୟରେ ୧୦୭୪ ଜଣଙ୍କୁ ଟିକା ଦିଆଯାଇଛି। ସମୁଦାୟ ୧୨,୭୪୯ ଡୋଜ ଟିକା ଦିଆଗଲାଣି ବୋଲି ବିପିଓ ରାଜକିଶୋର ସାହୁ କହିଛନ୍ତି। ୪୪ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ଦ୍ୱିତୀୟ ଡୋଜ୍ ନେବା ପାଇଁ ଥିବା ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି।

### ଆର୍‌ଆଇ ଅଫିସରୁ ନାଗ ଉଦ୍ଧାର

ଖଜୁରୀପଡ଼ା/ବଲସକୁମ୍ପା, ୮।୭(ଡି.ଏନ୍.ଏ.) ଖଜୁରିପଡ଼ା ତହସିଲ ଅନ୍ତର୍ଗତ ଗୁଦାରି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ ଏକ ନାଗସାପ ଉଦ୍ଧାର କରାଯାଇଛି। ଆଲମାରୀ ତଳେ ସାପ ଥିବା ନେଇ ରାଜସ୍ୱ ନିରୀକ୍ଷକ ସୁନିଲ କୁମାର୍ ଦିଗାଲ ସ୍ନେକ ହେଲ୍ପ ଲାଇନକୁ ଫୋନ୍ କରି ଜଣାଇଥିଲେ। ଟିମ୍ ହ୍ୟୁମାନିଟି ସ୍ନେକ ହେଲ୍ପ ଲାଇନର ଭି.ଜଗନ୍ନାଥ ରାଜୁ ଓ ଏସ.କେ ଅବଦୁଲ ସାକିର ପହଞ୍ଚି ନାଗକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ଛାତ୍ରୀ ହଷ୍ଟେଲ ଛାଡ଼ିବା ଘଟଣା, ବଦଳିଲେ ପ୍ରଧାନ ଶିକ୍ଷୟିତ୍ରୀ

ବାଲିଗୁଡା,୮।୭(ଡି.ଏନ୍.ଏ.): ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡସ୍ଥିତ ମା ଭୈରବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗୁରୁବାର ଜିଲା ସହକାରୀ ଶିକ୍ଷାଧିକାରୀ ମାନସ କୁମାର ଜେନା ବଦଳି କରିଛନ୍ତି। ଗତ ଏପ୍ରିଲ ୧ତାରିଖ ରାତିରେ ବିଦ୍ୟାଳୟ ପରିସରରେ ଥିବା ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲରୁ ୨୬ ଜଣ ଛାତ୍ରୀ ପଳାଇଯାଇ ଜଙ୍ଗଲରେ ରହିଥିଲେ। ପରେ ସେମାନେ ପ୍ରଧାନ ଶିକ୍ଷୟିତ୍ରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହଷ୍ଟେଲ ଫେରିଥିଲେ। ସ୍କୁଲ ପରିଚାଳନା କମିଟି ଠାରୁ ଆରମ୍ଭ କରି ବିଡ଼ିଓ, ଜିଲ୍ଲା ମଙ୍ଗଳ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଉପଜିଲାପାଳ ତଦନ୍ତ କରି ଜିଲା ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଏବେ ସ୍କୁଲକୁ ଅଭିଭାବକ ମାନେ ସେମାନଙ୍କ ଛାତ୍ରୀ ମାନଙ୍କୁ ଛାଡ଼ିବା ପାଇଁ ରାଜି ନ ଥିବା ନେଇ ସ୍କୁଲ ପରିଚାଳନା କମିଟି ଜଣାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗୁରୁବାର ପୂର୍ବତନ ବିଧାୟକ ରାଜୀବ ପାତ୍ର, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ସାହୁ, ସଭାପତି ତଥା ସରପଞ୍ଚ ନାରାୟଣ ପାତ୍ର, ବନସିଂ ମଣ୍ଡଳ, ନବୀନ ପାତ୍ର ଓ ପରିଚାଳନା କମିଟି ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଯାଇଥିଲେ। ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଶତପଥୀଙ୍କୁ ବଦଳି ଆଦେଶ ପାଇଁ ଦାବି କରାଯାଉ ବୋଲି ଅଡ଼ି ବସିଥିଲେ। ତେଣୁ ଜିଲା ଶିକ୍ଷାଧିକାରୀ ବାଧ ହୋଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମହାସିଙ୍ଗି ସ୍ଥିତ ପାଟଶ୍ରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଛନ୍ତି।

## ହଜପଲ୍ଲୀ ଭିଏସ୍‌ଏସ୍‌କୁ ବିଜୁ ପଟ୍ଟନାୟକ ପୁରସ୍କାର



ହଜପଲ୍ଲୀ ଭିଏସ୍‌ଏସ୍ କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଉଛି ।

ଭଞ୍ଜନଗର,୮।୭(ଡି.ଏନ.ଏ)

ଜଗନ୍ନାଥପ୍ରସାଦ ରେଞ୍ଜ ହଜପଲ୍ଲୀ ଭଞ୍ଜନଗର ଉପଖଣ୍ଡର ଶ୍ରେଷ୍ଠ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ବିବେଚିତ ହୋଇଛି। ନୂତନ ବନୀକରଣ, ଜଙ୍ଗଲ ସୁରକ୍ଷା, ଜନସାଧାରଣ ଓ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଯୋଗୁ ହଜପଲ୍ଲୀ ଭିଏସ୍‌ଏସ୍‌କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ବାହାଡ଼ାପଦରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହଜପଲ୍ଲୀ ଭିଏସ୍‌ଏସ୍‌କୁ ସିଲ୍ଡ ସହ ୨୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି । ଭିଏସ୍‌ଏସ୍ ସଭାପତି ଓ କୋଷାଧ୍ୟକ୍ଷ ଏହି ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜିସଭା ସଂଯୋଜନା କରିଥିବା ବେଳେ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ଗାଲେରି ରେଞ୍ଜର ଶିବରାମ ନାୟକ, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଏସିଏଫ୍ ସୁଦର୍ଶନ ବାଦୀ ଧନ୍ୟବାଦ ଦେଇଥିଲେ।

## ମନ୍ଦିରରେ ହେବ ରଥଯାତ୍ରା

### ସକାଳ ୬ଟାରୁ ଧାରା ୧୪୪

ପାରଳାଖେମୁଣ୍ଡି,୮।୭(ଡି.ଏନ୍.ଏ.)

ଦକ୍ଷିଣ ଓଡିଶାରେ ପ୍ରସିଦ୍ଧି ଲାଭ କରିଥିବା ପାରଳାଖେମୁଣ୍ଡି ରଥଯାତ୍ରା ଚଳତିବର୍ଷ କୋଭିଡ ଯୋଗୁ କଟକଣା ମଧ୍ୟରେ ବିନା ଭକ୍ତରେ ମନ୍ଦିର ପରିସରରେ ହେବ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଉକ୍ତ ଦିନ ମନ୍ଦିର ଚତୁପାର୍ଶ୍ୱରେ ୧୪୪ ଧାରା ଜାରି ହେବ। ଆସନ୍ତା ଜୁଲାଇ ୧୨ରେ ହେବାକୁ ଥିବା ରଥଯାତ୍ରାରେ କୌଣସି ଭକ୍ତ ଯେପରି ମନ୍ଦିର ମଧ୍ୟରେ ପ୍ରବେଶ ନ କରିପାରିବେ ସେଥିପାଇଁ ୧୪୪ ଧାରା ଜାରି ହେବ। ଉକ୍ତ ଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିରର ୧୦୦ମିଟର ପରିଧି ମଧ୍ୟରେ ବଳବତ୍ତର ରହିବ । ମାଜିଷ୍ଟ୍ରେଟ ଭାବେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀଙ୍କ ସହ କେତେକ ପଦାଧିକାରୀଙ୍କ ସମେତ ପାରଳା ଆଦର୍ଶ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ହେବେ । ଏହି ଆଦେଶ ଅତିରିକ୍ତ ଜିଲ୍ଲା ଦୈରାଜଙ୍କ ତରଫରୁ ଜାରି ହୋଇଥିବାର ଜଣାପଡିଛି । ୩ ଠାକୁରଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ପାରଳାଖେମୁଣ୍ଡି ଠାରେ ପାଳନ କରାଯିବ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ବର୍ଷ ମଧ୍ୟ କୋଭିଡ କଟକଣା ଯୋଗୁଁ ପାଳିତ ହୋଇ ନଥିଲା ।

## ୬୧୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଜବତ ଗଞ୍ଜେଇ ।

ଫୁଲବାଣୀ ଅଫିସ, ୮।୭

ଗୋଚ୍ଛାପଡା ଥାନା ପୋଲିସ ଗୁରୁବାର ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଡୁଣ୍ଡୁକି ଗ୍ରାମର ସୁନୀଲ ପ୍ରଧାନଙ୍କୁ ଗିରଫ କରାଯାଇଛି। ବିଶେଷ ସୁତ୍ରରୁ ଖବରପାଇ ପୋଲିସ ଡୁଣ୍ଡୁକି ଗ୍ରାମରେ ଚଢାଉ କରିଥିଲା । ଗ୍ରାମ ନିକଟ ରାସ୍ତା କଡରେ ବାହାରକୁ ଚାଲାଣ ପାଇଁ ରଖାଯାଇଥିବା ଗଞ୍ଜେଇ ବସ୍ତା ପୋଲିସ ଜବତ କରିଥିଲା । ଓଜନ ପରେ ଏହାର ପରିମାଣ ୬ କୁଇଣ୍ଟାଲ ୧୨ କିଲୋଗ୍ରାମ ବୋଲି ଜଣାପଡ଼ିଥିଲା। ଥାନାରେ ଏ ନେଇ ୪୬/୨୧ରେ ମାମଲା ରୁଜୁ ହୋଇଥିବା ଗୋଚ୍ଛାପଡା ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି। ସୂଚନାଯୋଗ୍ୟ କିଛି ଦିନ ତଳେ ଗୋଚ୍ଛାପଡା ପୋଲିସ ୭୧୪ କିଲୋ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଥିଲା ।

## ପୁତୁରା ଠେଙ୍ଗା ମାଡ଼ରେ ଦାଦା ମୃତ

ରାଇକିଆ,୮।୭(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ଥାନା ରଣବା ପଞ୍ଚାୟତ ଇରିପୁଡ଼ା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ଜମି ବିବାଦକୁ ନେଇ ପୁତୁରାର ଠେଙ୍ଗା ମାଡ଼ରେ ଦାଦାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରି ନାୟକ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ପୁତୁରା ବିପ୍ର ନାୟକ ଫେରାର ଥିବା ପୋଲିସ କହିଛି।

ଗାଁରେ ଜମିବାଡିକୁ ନେଇ ଦାଦା-ପୁତୁରାଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଥିଲା । ବୁଧବାର ସନ୍ଧ୍ୟାରେ ଏହି ବିବାଦ ଉଗ୍ର ରୂପ ନେଇଥିଲା। କୌଣସି କଥାକୁ ନେଇ ପୁତୁରା ବିପ୍ର ଉତ୍ୟକ୍ତ ହେଇ ଏକ କାଠଫାଳିଆରେ ଦାଦାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହରିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ରାଇକିଆ ଥାନାରେ ନଂ.୬୬/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଗଜପତିରେ ପୁଣି ୧୫ ସଂକ୍ରମିତ

ପାରଳାଖେମୁଣ୍ଡି,୮।୭(ଡି.ଏନ୍.ଏ.)

ଗଜପତି ଜିଲାରେ ଆଉ ୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୁଧବାର ୧୦୭୯ ଜଣଙ୍କ କୋଭିଡ୍ ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ସଂକ୍ରମିତ ଚିହ୍ନଟ ୧୫ ଜଣଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହର, ରାୟଗଡ ଏବଂ ଆର୍. ଉଦୟଗିରି ବ୍ଲକରୁ ୩ ଜଣ ଲେଖାଏ, କାଶୀନଗର ବ୍ଲକରୁ ୪, ଗୋସାଣି ବ୍ଲକରୁ ଜଣେ ଏବଂ ମୋହନା ବ୍ଲକରୁ ଜଣେ ଅଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇଲେ ଜିଲାରେ ଏ ଯାଏ ୯୨୫୪ ଜଣ ପଜିଟିଭ୍ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ୯୨୧୫ ଜଣ ସୁସ୍ଥ ହୋଇଛନ୍ତି। ଗୁରୁବାର ୧୬ ଜଣ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି।

## ସ୍ତ୍ରୀଙ୍କୁ ନିର୍ଯାତନା, ବିଲ୍ଡର ଗିରଫ

ଭୁବନେଶ୍ୱର,୮।୭(ବ୍ୟୁରୋ):

- ପ୍ରଥମ ସ୍ତ୍ରୀଙ୍କୁ ମାଡ଼ମାରି ଘରୁ ତଡ଼ିଦେଇଥିଲେ
- ଦ୍ୱିତୀୟ ସ୍ତ୍ରୀ ଆଣିଲେ ଯୌତୁକ ନିର୍ଯାତନା ଅଭିଯୋଗ

ଯୌତୁକ ସାମଗ୍ରୀ ହାତେଇବା ପରେ ପ୍ରଥମ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଥିଲେ। ଏବେ ଦ୍ୱିତୀୟ ସ୍ତ୍ରୀ ଆଣିଛନ୍ତି ସମାନ ଅଭିଯୋଗ। ତାଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ତଥା ବିଲ୍ଡର ସୂର୍ଯ୍ୟନଗରରେ ରହୁଥିବା ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ପ୍ରିୟବ୍ରତ ମିଶ୍ର (୨୮)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ମା'ବାପା କୋର୍ଟରୁ ଆଗୁଆ ଜାମିନ ପାଇଥିବା ପୋଲିସ କହିଛି। ପୋଲିସ କହିବାନୁଯାୟୀ, ପ୍ରିୟବ୍ରତ ୨୦୧୮ ଜୁଲାଇ ୧୫ରେ କଟକ ଜିଲା ନିଆଳି ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଥମେ ବିବାହ କରିଥିଲେ। ଯୌତୁକ ବାବଦରେ ଗାଡ଼ି, ୭୦ ଭରି ସୁନା ଅଳଙ୍କାର ସହ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଣିଥିଲେ। ବାହାଘରର ୭ ଦିନ ପରେ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ ପ୍ରିୟବ୍ରତ। ଏପରିକି ତାଙ୍କର ଗର୍ଭପାତ କରିବାକୁ ଚେଷ୍ଟା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲେ ମଧ୍ୟ ପ୍ରିୟବ୍ରତଙ୍କ ସହ ମା ଓ ବାପା ନିର୍ଯାତନା ଦେଇ ତାଙ୍କୁ ଘରୁ ବିଦା କରିଦେଇଥିଲେ। ୨୦୨୧ ଫେବୃଆରୀ ୯ରେ ଖଲ୍ଲିକୋଟ ଥାନା ଅଞ୍ଚଳର ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିଲେ ପ୍ରିୟବ୍ରତ। କିଛିଦିନ ପରେ ଦ୍ୱିତୀୟ ସ୍ତ୍ରୀଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଆଉ ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଘରୁ ବିଦା କରିଥିଲେ। ଫଳରେ ଦ୍ୱିତୀୟ ସ୍ତ୍ରୀ ଏପ୍ରିଲ ୧୭ରେ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଥିଲେ।

## କ୍ଷତିପୂରଣକୁ ନେଇ ଅସନ୍ତୁଷ୍ଟ କ୍ଷତିଗ୍ରସ୍ତ

### ୫ ଗାଁର ପ୍ରାୟ ୧୭୦ ପରିବାର ପ୍ରଭାବିତ

ଆର.ଉଦୟଗିରି,୮।୭(ଡି.ଏନ.ଏ.)


ବିଦ୍ୟାଧରପୁର ଗ୍ରାମ ।

ଗଜପତି ଜିଲା ଛେଳିଗଡ ଅଞ୍ଚଳରେ ଚାଲିଛି ଜଳସେଚନ ପ୍ରକଳ୍ପ ନିର୍ମାଣ। ଏହା ଦ୍ୱାରା ଜଳମଗ୍ନ ହେବାକୁ ଯାଉଥିବା ୫ ଗ୍ରାମକୁ ଥଇଥାନ କରିବା ପ୍ରକ୍ରିୟା ଜାରି ରହିଛି। ହେଲେ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଦେଖାଦେଇଛି ଅସନ୍ତୋଷ। ଛେଳିଗଡ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଭୟ ଗଞ୍ଜାମ ଓ ଗଜପତି ଜିଲାର ପାଖାପାଖି ୬ ହଜାର ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ । ଏହି ପ୍ରକଳ୍ପ ଦ୍ୱାରା ୩୬ ମେଗାୱାଟ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ସହ ବ୍ରହ୍ମପୁର ସହରକୁ ଏକ କ୍ୟୁସେକ ପାନୀୟଜଳ ଯୋଗାଣ ହୋଇପାରିବ। ପ୍ରକଳ୍ପ ଯୋଗୁ ଛେଳିଗଡ଼ ପଞ୍ଚାୟତ ଅଧୀନ ବିଦ୍ୟାଧରପୁର ସମେତ ଅନ୍ୟ ୫ଗାଁର ପ୍ରାୟ ୧୭୦ ପରିବାର ପ୍ରଭାବିତ ହେଉଥିବାରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ ଲାଗି ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ସେମାନଙ୍କ ବସବାସ ପାଇଁ ସଇଲଙ୍ଗ ଗାଁ ପାହାଡଠାରେ ନିର୍ମାଣ ଚାଲିଛି ବିଦ୍ୟାଧରପୁର କଲୋନୀ ନାମକ ଅନ୍ୟ ଏକ ଗ୍ରାମ। ବିଦ୍ୟାଧରପୁରରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ବିଗତ ୬୦ ବର୍ଷ ହେବ ଏଠାରେ ଚାଷବାସ କରି ଚଳି ଆସୁଥିଲେ। ପ୍ରକଳ୍ପ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ପରିବାର ପିଛା ପ୍ରାୟ ୮ ଲକ୍ଷ ଟଙ୍କାର ସହାୟତା ଦିଆଯାଉଛି। ହେଲେ ଚାଷ ଜମି ବାବଦରେ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବାରୁ ଗ୍ରାମର ଅଧିକାଂଶ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଧରପୁର ଗ୍ରାମବାସୀଙ୍କୁ ଥଇଥାନ ପାଇଁ ସେମାନଙ୍କ ସହମତିରେ ସାଢେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ସଇଲଙ୍ଗ ମୌଜାର ଉପରି ଭାଗରେ ଥିବା ୧୦ ଏକର ସମତଳ ଜମିରେ ୫୨ ପରିବାରଙ୍କ ଲାଗି ଘର ନିର୍ମାଣ କରାଯାଉଛି। କ୍ଷତିଗ୍ରସ୍ତ ଲୋକଙ୍କ ସୁବିଧା ଲାଗି ବିଭିନ୍ନ କାର୍ଯ୍ୟ କରାଯାଉଥିବାରୁ ବିଦ୍ୟାଧରପୁର ଗ୍ରାମବାସୀ ବେଶ୍ ଖୁସି ଥିବା କହିଛନ୍ତି ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନଗେନ୍ଦ୍ରନାଥ ମହାରଣା ।

### ଛେଳିଗଡ଼ ପ୍ରକଳ୍ପ

# କମିଶନରେଟ୍ ପୋଲିସ କବ୍‌ଜାରେ ୨ ଆନ୍ତଃ ରାଜ୍ୟ ସାଇବର ଠକ



ଗିରଫ ଅଭିଯୁକ୍ତ, ଜବତ ପାସବୁକ, ମୋବାଇଲ ଓ କାର।

**କଟକ ଅଫିସ, ୮।୭**

କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍ ୨ଜଣ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ଦରଭଙ୍ଗା ଅଞ୍ଚଳର ଅନିଳେଶ ଆନନ୍ଦ(୨୩) ଓ ପଶ୍ଚିମବଙ୍ଗ ପଶ୍ଚିମ ବର୍ଦ୍ଧମାନ ଅଞ୍ଚଳର ଅଙ୍କିତ ରୟ(୨୩)। ସେମାନଙ୍କଠାରୁ ପୋଲିସ ୨୫ ଲକ୍ଷ ୭୦ ହଜାର ୩୦୦ ଟଙ୍କା, ଦାମୀ କାର, ୩ ମୋବାଇଲ ଫୋନ, ୪ ସିମ୍‌କାର୍ଡ, ୨ ଲାପ୍‌ଟପ୍, ୫ ଏଟିଏମ୍ କାର୍ଡ, ୭ ଚେକ୍‌ବହି ଓ ୧୫ ପାସ୍‌ବୁକ ଜବତ କରିଛି ବୋଲି ଗୁରୁବାର ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

ସୌମେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ଗତ ଜୁନ୍ ୪ରେ କଟକ ନଜରପୁରର ଦିଲୀପ କୁମାର ସାହୁ ଜଗତ୍‌ପୁର ଥାନାରେ ଏକ ଅଭିଯୋଗ କରିଥିଲେ। ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ, ୨୦୧୯ ଡିସେମ୍ବର ୧୨ରେ ମୋବାଇଲ ଟାୱାର ବସାଇବା ପାଇଁ ଜଣେ ବ୍ୟକ୍ତି ନିଜକୁ ଏକ ଟେଲିକମ କମ୍ପାନୀର ନୋଡାଲ ଅଧିକାରୀ ପରିଚୟ ଦେଇ ତାଙ୍କୁ ଫୋନ କରିଥିଲେ। ତାଙ୍କ ଜାଗାରେ ଟାୱାର ବସାଇଲେ ୨୦ବର୍ଷ ପାଇଁ ୨୦ଲକ୍ଷ ଟଙ୍କା ସିକ୍ୟୁରିଟି ଅର୍ଥ ଦିଆଯିବ। ମାସକୁ ୨୦ ହଜାର ଟଙ୍କା ଜାଗା ଭଡା ବାବଦକୁ ଦିଆଯିବ। ଏପରି କି ତାଙ୍କ ପରିବାରର ଜଣଙ୍କୁ ୧୫ହଜାର ଟଙ୍କା ଦରମାରେ ଚାକିରି ଦିଆଯିବ। ଏଭଳି ଲୋଭନୀୟ ପ୍ରତିଶ୍ରୁତି ପାଇ ଦିଲୀପ ସମସ୍ତ ଡକ୍ୟୁମେଣ୍ଟ ପଠାଇଥିଲେ। ପରେ ସାଇବର ଠକ ଦିଲୀପଙ୍କଠାରୁ ୨୫ଟି ନକଲି ଆକାଉଣ୍ଟ ମାଧ୍ୟମରେ ପ୍ରୋସେସିଂ ଫି, ପଞ୍ଜୀକରଣ ଫି, ଇନ୍‌କମ ଟ୍ୟାକ୍ସ, ଜିଏସ୍‌ଟି ବାବଦକୁ ୩୯ ଲକ୍ଷ ୧ ହଜାର ୮,୭୦ଟଙ୍କା ଠକି ନେଇଥିଲେ। ଲୋଭନୀୟ ପ୍ରତିଶ୍ରୁତିର ବଶବର୍ତ୍ତୀ ହୋଇ ଦିଲୀପ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଋଣ ଆଣିଥିଲେ। ପରବର୍ତ୍ତୀ ସମୟରେ ସନ୍ଦେହ ହେବାରୁ ଦିଲୀପ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ଜଗତ୍‌ପୁର ଥାନାରେ ମାମଲା (ନଂ.୨୨୦/୨୧) ରୁଜୁ ହେବା ସହ ତଦନ୍ତ ପାଇଁ କଟକ ଡିସିପି ପ୍ରତୀକ୍ ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ।

### କେମିତି ଠକେଇ କରୁଥିଲେ

ଏହି ନକଲି ଟେଲିକମ କମ୍ପାନୀର କୋଲକାତାରେ ୮ଟି କାର୍ଯ୍ୟାଳୟ ରହିଥିବାବେଳେ ୨୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଥିଲେ। ସେମାନେ ସାରା ଦେଶରେ ମୋବାଇଲ ଟାୱାର ବସାଇବା ଉଦ୍ଦେଶ୍ୟରେ ଅଭିଜ୍ଞ ଶିକ୍ଷିତ ଠକଙ୍କ ଜରିଆରେ ନିରୀହ ଲୋକଙ୍କୁ ଫସାଉଥିଲେ। ଏହି ଠକେଇର ମାଷ୍ଟରମାଇଣ୍ଡ ବିହାରର ଅଭୟ ତିୱାରୀଙ୍କୁ ପୂର୍ବରୁ ବିଧାନ ଗରର ସାଇବର ଥାନା ପୋଲିସ ଗିରଫ କରିଛି। ସେ ଏବେ ଦମ୍‌ଦମ୍ ଜେଲରେ। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ଅଭୟଙ୍କ ସମ୍ପର୍କୀୟ। ଏହି ୨ଜଣ ସାଇବର ଠକେଇ ଚାଲୁ ରଖିଥିଲେ। ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତ ଅଭୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ସୂଚନା ଦେଇଛନ୍ତି।

ଏହି ଟିମ୍‌ରେ ସାଇବର ଥାନା ଅଧିକାରୀ ରେଣୁବାଳା ତ୍ରିପାଠୀ, ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ପ୍ରମୁଖ ରହିଥିଲେ। ସେହିପରି ଏସିପି ଅଜୟ କୁମାର ଦାସ, ଅମରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏହି ଠକେଇର ଖୋଳତାଡ ହୋଇଥିଲା। ଜୁନ୍ ୨୬ରେ ଏହି ଟିମ୍ କୋଲ୍‌କାତାର ବିଧାନନଗର ଅଞ୍ଚଳରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସ୍ଥାନୀୟ ଦୁର୍ଗାପୁର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଇ ୨୭ରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଜଗତ୍‌ପୁର ଥାନାକୁ ଆଣିଥିଲା। ସେଠାରେ ପଚରାଉଚରା ପରେ ୨୯ ତାରିଖରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିଲା। ଅଧିକ ତଥ୍ୟ ହାସଲ ପାଇଁ ଜଗତ୍‌ପୁର ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣିଛି। ଅନ୍ୟପକ୍ଷରେ କୋଲକାତାରେ ଥିବା ନକଲି ଟେଲିକମ୍ କମ୍ପାନୀର ୮ଟି କାର୍ଯ୍ୟାଳୟକୁ ଉକ୍ତ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ସିଲ୍ କରିବା ସହ ଫାଇନାନ୍ସ କମ୍ପାନୀରେ ଥିବା ସୁନା ଅଳଙ୍କାର, ୨୫. ୭ଲକ୍ଷ ଟଙ୍କା ଜବତ କରିଛି।

# ଘର ଆଗରେ ବୁଲୁଛନ୍ତି ଅଚିହ୍ନା ଲୋକ

**କଟକ ଅଫିସ, ୮।୭**

**ବର୍ଷା-ଅନୁଭବ ପାରିବାରିକ ବିବାଦ ପ୍ରସଙ୍ଗ**

**■ପରିବାର ଲୋକଙ୍କ ପ୍ରତି ବିପଦ ରହିଛି**

ପାରିବାରିକ ବିବାଦ ମାମଲାରେ କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଗୁରୁବାର କଟକ ପୁରୀଘାଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ତାଙ୍କ ବିରୋଧରେ ଷଡଯନ୍ତ୍ର କରିବା ସହ ଘର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। କିଛିଦିନ ହେଲା ତାଙ୍କ ଘର ଆଗରେ କେତେଜଣ ଅଚିହ୍ନା ଲୋକ ହେଲ୍‌ମେଟ୍ ପିନ୍ଧି ବୁଲୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ତାଙ୍କ ପରିବାର ଲୋକଙ୍କ ପ୍ରତି ବିପଦ ରହିଛି। ସେହିପରି ସିସିଟିଭି ଫୁଟେଜକୁ ଆଧାର କରି ଅନୁଭବ କହିଛନ୍ତି, ତାଙ୍କ ଘରର ଅନେକ ନକଲି ଚାବି ପ୍ରସ୍ତୁତ ହୋଇଛି। ଫଳରେ ତାଙ୍କ ଘରୁ ବହୁ ମୂଲ୍ୟବାନ ଜିନିଷ ଚୋରି ହେବାର ସମ୍ଭାବନା ରହିଛି। ଏ ନେଇ ପୁରୀଘାଟ ଥାନାଧିକାରୀ ଦାୟିତ୍ୱରେ ଥିବା ତେରୋସ୍କୋଭା ମହାପାତ୍ର କହିଛନ୍ତି, ଅନୁଭବଙ୍କ ଘରର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ସହ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, କିଛି ମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ଏ ନେଇ ପୂର୍ବରୁ ଅନେକ ଥର ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ କୋର୍ଟରେ ଏହି ମାମଲାର ବିଚାର ଜାରି ରହିଛି।

# 'ନୂଆ ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ ଦିଆଯିବ'

**ଭୁବନେଶ୍ୱର,୮।୭(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଶିକ୍ଷା ମନ୍ତ୍ରଣାଳୟର ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପ୍ରଧାନମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଅନୁଷ୍ଠାନ ଆଇଆଇଏସ୍‌ସି ବାଙ୍ଗାଲୋର, ଆଇଆଇଟି ବମ୍ବେ, ଆଇଆଇଟି ମାଡ୍ରାସ, ଆଇଆଇଟି କାନପୁରର ନିର୍ଦ୍ଦେଶକଙ୍କ ସହ ସାକ୍ଷାତ୍‌କାର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ସେ ନୂଆ ଜାତୀୟ ଶିକ୍ଷାନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଉପରେ କାର୍ଯ୍ୟ କରିବା ତଥା ଗବେଷଣା ଏବଂ ନୂତନତ୍ୱକୁ ଉତ୍ସାହିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ଗୌରବର ବିଷୟ। ଦୀର୍ଘ ୩୪ ବର୍ଷ ପରେ ନୂଆ ଶିକ୍ଷାନୀତି ଦେଶରେ ଉପସ୍ଥାପନ କରାଯାଇଛି। ଏହାକୁ କେବଳ ଦେଶରେ ନୁହେଁ, ବିଶ୍ୱରେ ମଧ୍ୟ ସ୍ୱୀକୃତି ମିଳିଛି। ଏଥିରେ ନୂଆ ପିଢ଼ି ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରାଯିବ । ଶିକ୍ଷା କ୍ଷେତ୍ରରେ ଭାରତର ବୈଜ୍ଞାନିକ, ଇନୋଭେଟର, ଗବେଷକଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଯେଉଁ ଅପେକ୍ଷା ରହିଛି ତାକୁ ମଧ୍ୟ ନୂଆ ଜାତୀୟ ଶିକ୍ଷାନୀତି ପୂରଣ କରିବ। ଶିକ୍ଷାର ଉପଲବ୍ଧି, ସମାନତା, ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ ବିକାଶ, ସାମାଜିକ ଏକତା, ନ୍ୟାୟ ଏବଂ ଉତ୍କର୍ଷକୁ ବଢ଼ାଇବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଓଡ଼ିଶାର ୮ ଗ୍ରାମ ବାସିନ୍ଦା ବିଧାୟକଙ୍କୁ ଭେଟିଲେ

**ପଟ୍ଟାଙ୍ଗୀ,୮।୭(ଡି.ଏନ.ଏ.)**

**ଆନ୍ଧ୍ରରେ ମିଶିବା ଦାବି**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ରାଲେଗଡା ପଞ୍ଚାୟତ ତଥା ଆନ୍ଧ୍ର ସୀମାନ୍ତର ୮ ଗ୍ରାମର ଲୋକ ଆନ୍ଧ୍ର ପ୍ରଦେଶରେ ମିଶିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏନେଇ ସେମାନେ ସାଲୁର ବିଧାୟକ ରାଜନ ଦୋରାଙ୍କୁ ଭେଟି ନିଜ ଇଚ୍ଛା ପ୍ରକାଶ କରିଛନ୍ତି। ବିଧାୟକ ଦୋରା ମଧ୍ୟ ସେମାନଙ୍କ ପ୍ରସ୍ତାବକୁ ବିଧାନସଭାରେ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଖବରରୁ ଜଣାପଡିଛି ଗୁରୁବାର ଏହି ପଞ୍ଚାୟତର କାରେଡି, ବିଟ୍ରା, ବିଲକାବିଟ୍ରା, ଜଙ୍ଗଲବାଲାସା, ଆଡୁବାଡାବାଲାସା,ବରାନାଉଡି, କାଇରୁବାଡୁ ସହ ଅନ୍ୟ ଏକ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାଲୁର ବ୍ଲକ ପାଚିପେଣ୍ଟାପି କାନାବାଲାସା ପଞ୍ଚାୟତରେ ଏକାଠି ହୋଇ ବିଧାୟକ ଦୋରାଙ୍କୁ ଭେଟିଥିଲେ। ଆମେ ଓଡ଼ିଶା ସରକାରଙ୍କ ଅଧୀନରେ ବସବାସ କରୁଥିଲେ ମଧ୍ୟ ସମ୍ପୃକ୍ତ ସରକାରଙ୍କଠାରୁ କୌଣସି ସୁବିଧା ସୁଯୋଗ ପାଉନାହୁଁ। ଆମ ଗ୍ରାମକୁ ଏଯାଏ ରାସ୍ତାଟିଏ ନାହିଁ। ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସୁବିଧା କିଛି ଆମେ ପାଉନାହୁଁ। ଆନ୍ଧ୍ରର ସୁଶାସନ ପ୍ରତି ଆମେ ଅବଗତ ଅଛୁ। ପୂର୍ବ ପୁରୁଷଙ୍କୁ ଆନ୍ଧ୍ର ପ୍ରଦତ୍ତ ଜମିପଟ୍ଟା ଆମ ପାଖରେ ରହିଛି। ଆମକୁ ଆନ୍ଧ୍ରରେ ମିଶାଇ ଦେବାକୁ ଗ୍ରାମବାସୀ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଆଗାମୀ ବିଧାନସଭାରେ ମୁଁ ପ୍ରସ୍ତାବ ଉଠାଇବି। ଏହାକୁ ପାସ୍ କରାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ଦୋରା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ପାର୍ବତୀପୁରମ୍ ଆଇଟିଡିଏର ପିଏ କୋରମ ନାଥ ଉପସ୍ଥିତ ଥିଲେ।


# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୨୧-୨୨)

No. n-21: ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ୍ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥି ସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ | କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|---|---|---|---|
| ୧. | ଅନୁଗୁଳ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଅନୁଗୁଳ<br>ବି.ଆର୍.ସି. କାର୍ଯ୍ୟାଳୟ, ତାଳଚେର | ୧୬. | କନ୍ଧମାଳ | ୧ | ବି.ଆର୍.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୨. | ବାଲେଶ୍ୱର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର<br>ବି.ଆର୍.ସି. କାର୍ଯ୍ୟାଳୟ, ବାଲିଆପାଳ | ୧୭. | କେନ୍ଦ୍ରାପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ<br>ବି.ଆର୍.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୩. | ବରଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ବରଗଡ଼<br>ବି.ଆର୍.ସି. କାର୍ଯ୍ୟାଳୟ, ପଦ୍ମପୁର | ୧୮. | କେନ୍ଦୁଝର | ୩ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବ୍ଲକ କେନ୍ଦୁଝର<br>ବି.ଆର୍.ସି. କାର୍ଯ୍ୟାଳୟ, ଆନନ୍ଦପୁର<br>ବି.ଆର୍.ସି. କାର୍ଯ୍ୟାଳୟ, ଯୋଡ଼ା |
| ୪. | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର,<br>ବ୍ରହ୍ମପୁର ନୋଡାଲ ଉ.ପ୍ରା. ସ୍କୁଲ, ବ୍ରହ୍ମପୁର<br>ବି.ଆର୍.ସି. କାର୍ଯ୍ୟାଳୟ, ଚାନ୍ଦବାଲି | ୧୯. | ଖୋର୍ଦ୍ଧା | ୫ | ବି.ଆର୍.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା<br>ବି.ଆର୍.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡାଲ ଉ.ପ୍ରା. ବିଦ୍ୟାଳୟ, ଭୁବନେଶ୍ୱର<br>ବି.ଆର୍.ସି. କାର୍ଯ୍ୟାଳୟ, ବାଣପୁର<br>ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର, ଚନ୍ଦ୍ରଶେଖରପୁର ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ-୧, ଭୁବନେଶ୍ୱର |
| ୫. | ବଲାଙ୍ଗିର | ୨ | ଡି.ପି.ଓ., ଏସ୍.ଏସ୍., ବଲାଙ୍ଗିର<br>ବି.ଆର୍.ସି. କାର୍ଯ୍ୟାଳୟ, ଟିଟିଲାଗଡ଼ | ୨୦. | କୋରାପୁଟ | ୩ | ପୋଲିସ ପ୍ରାଇମେରୀ ସ୍କୁଲ<br>ସି.ଆର୍.ସି.ସି. କାର୍ଯ୍ୟାଳୟ, କୋରାପୁଟ<br>ବି.ଆର୍.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା<br>ଜୟପୁର ବି.ଆର୍.ସି. କାର୍ଯ୍ୟାଳୟ, ଜୟପୁର |
| ୬. | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍., ବୌଦ୍ଧ | ୨୧. | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍. ମାଲକାନଗିରି |
| ୭. | କଟକ | ୩ | ୟୁ.ଆର୍.ସି., ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭,<br>ବି.ଆର୍.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି<br>ବି.ଆର୍.ସି. କାର୍ଯ୍ୟାଳୟ, ଖାନ ନଗର, କଟକ ସଦର | ୨୨. | ମୟୂରଭଞ୍ଜ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ବାରିପଦା<br>ବି.ଆର୍.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର<br>ବି.ଆର୍.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୮. | ଦେବଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେବଗଡ଼ | ୨୩. | ନବରଙ୍ଗପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଉମରକୋଟ<br>ବି.ଆର୍.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୯. | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉ.ପ୍ରା. ସ୍କୁଲ, ଢେଙ୍କାନାଳ<br>ବି.ଆର୍.ସି. କାର୍ଯ୍ୟାଳୟ, କାମାକ୍ଷାନଗର | ୨୪. | ନୟାଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୟାଗଡ଼<br>ବି.ଆର୍.ସି. କାର୍ଯ୍ୟାଳୟ, ଦଶପଲ୍ଲା |
| ୧୦. | ଗଜପତି | ୨ | ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି<br>ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି | ୨୫. | ନୂଆପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୂଆପଡ଼ା<br>ବି.ଆର୍.ସି. କାର୍ଯ୍ୟାଳୟ, ଖରିଆର |
| ୧୧. | ଗଞ୍ଜାମ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଛତ୍ରପୁର,<br>ବି.ଆର୍.ସି. କାର୍ଯ୍ୟାଳୟ, ଆସିକା,<br>ବି.ଆର୍.ସି. କାର୍ଯ୍ୟାଳୟ, ଭଞ୍ଜନଗର | ୨୬. | ପୁରୀ | ୨ | ଏଲ୍.ଆଇ.ସି. କଲୋନୀ<br>ୟୁ.ଜି.ୟୁ.ପି. ସ୍କୁଲ, ପୁରୀ<br>ବି.ଆର୍.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୧୨. | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉ.ପ୍ରା. ସ୍କୁଲ, ଜଗତ୍‌ସିଂହପୁର,<br>ବି.ଆର୍.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ | ୨୭. | ରାୟଗଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ରାୟଗଡ଼ା<br>ବି.ଆର୍.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୧୩. | ଯାଜପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର<br>ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର ରୋଡ (ବ୍ୟାସନଗର) | ୨୮. | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡାଲ ଉ.ପ୍ରା. ସ୍କୁଲ, ସମ୍ବଲପୁର<br>ବି.ଆର୍.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୧୪. | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ୍.ୟୁ.ପି.ସି., ଝାରସୁଗୁଡ଼ା | ୨୯. | ସୋନପୁର | ୧ | ଡି.ପି.ଓ., ଏସ୍.ଏସ୍., ସୋନପୁର |
| ୧୫. | କଳାହାଣ୍ଡି | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଭବାନୀପାଟଣା<br>ବି.ଆର୍.ସି. କାର୍ଯ୍ୟାଳୟ, ଜୁନାଗଡ଼<br>ବି.ଆର୍.ସି. କାର୍ଯ୍ୟାଳୟ, କେସିଙ୍ଗା | ୩୦. | ସୁନ୍ଦରଗଡ଼ | ୨ | ଡି.ପି.ଓ., ଏସ୍.ଏସ୍., ସୁନ୍ଦରଗଡ଼<br>ବି.ଇ.ଓ., ବିସ୍ରା, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ | କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|---|---|---|
| | **ପ୍ରଥମ ଶ୍ରେଣୀ** | | | **ସପ୍ତମ ଶ୍ରେଣୀ** | |
| ୧. | ହସଖେଳ ଭାଗ - ୧ | ଟ.୧୩=୦୦ | ୨୫. | ଗଣିତ | ଟ.୨୭=୦୦ |
| ୨. | ହସଖେଳ ଭାଗ - ୨ | ଟ.୧୪=୦୦ | ୨୬. | ଇଂରାଜୀ ରିଡର | ଟ.୧୬=୦୦ |
| | **ଦ୍ୱିତୀୟ ଶ୍ରେଣୀ** | | ୨୭. | ସାହିତ୍ୟ ସୌରଭ | ଟ.୧୮=୦୦ |
| ୩. | ଗଣିତ ଖେଳ | ଟ.୧୮=୦୦ | ୨୮. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୬=୦୦ |
| ୪. | ହସଖୁସି | ଟ.୨୨=୦୦ | ୨୯. | ଭୂଗୋଳ | ଟ.୧୫=୦୦ |
| | **ତୃତୀୟ ଶ୍ରେଣୀ** | | ୩୦. | ବିଜ୍ଞାନ | ଟ.୨୭=୦୦ |
| ୫. | ଗଣିତ ମଜା | ଟ.୧୮=୦୦ | ୩୧. | ମେରି ହିନ୍ଦୀ ପୁସ୍ତକ | ଟ.୧୦=୦୦ |
| ୬. | ଆମ ଭାଷା ଆମ ସାହିତ୍ୟ | ଟ.୧୪=୦୦ | ୩୨. | ଭାଷା କଳିକା ଭାଗ - ୨ | ଟ.୧୩=୦୦ |
| ୭. | ଜଣା ଅଜଣା | ଟ.୧୮=୦୦ | | **ଅଷ୍ଟମ ଶ୍ରେଣୀ** | |
| ୮. | ମାଇଁ ଇଂରାଜୀ ବୁକ୍ | ଟ.୨୨=୦୦ | ୩୩. | ସାହିତ୍ୟିକା | ଟ.୧୩=୦୦ |
| | **ଚତୁର୍ଥ ଶ୍ରେଣୀ** | | ୩୪. | ଆମ ବ୍ୟାକରଣ | ଟ.୧୨=୦୦ |
| ୯. | ଗଣିତ କୁହୁକ | ଟ.୨୫=୦୦ | ୩୫. | ହିନ୍ଦୀପାଠ ୮ (ମାତୃଭାଷା) | ଟ.୧୩=୦୦ |
| ୧୦. | ସାହିତ୍ୟ କଳିକା | ଟ.୧୪=୦୦ | ୩୬. | ଏ ନିଉ ଆପ୍ରୋଚ ଟୁ ଇଂଲିସ୍ | ଟ.୧୮=୦୦ |
| ୧୧. | ଆମ୍ଭେ ଓ ଆମ ପରିବେଶ | ଟ.୨୫=୦୦ | ୩୭. | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୨=୦୦ |
| ୧୨. | ମାଇଁ ଇଂରାଜୀ ବୁକ୍ | ଟ.୧୭=୦୦ | ୩୮. | ସରଳ ସାହିତ୍ୟ | ଟ.୦୯=୦୦ |
| | **ପଞ୍ଚମ ଶ୍ରେଣୀ** | | ୩୯. | ନଇ ହିନ୍ଦୀ ଭାରତୀ | ଟ.୦୭=୦୦ |
| ୧୩. | ମାଇଁ ଇଂରାଜୀ ରିଡର | ଟ.୧୬=୦୦ | ୪୦. | ଭାଷା ସୌରଭମ | ଟ.୧୦=୦୦ |
| ୧୪. | ଗଣିତ ଧାରା | ଟ.୨୬=୦୦ | ୪୧. | ବିଜ୍ଞାନ | ଟ.୨୬=୦୦ |
| ୧୫. | ସାହିତ୍ୟ କୁସୁମ | ଟ.୧୭=୦୦ | ୪୨. | ସରଳ ଗଣିତ (ବୀଜଗଣିତ) | ଟ.୨୧=୦୦ |
| ୧୬. | ପରିବେଶ ଓ ବିଜ୍ଞାନ | ଟ.୨୫=୦୦ | ୪୩. | ସରଳ ଗଣିତ (ଜ୍ୟାମିତି) | ଟ.୧୪=୦୦ |
| | **ଷଷ୍ଠ ଶ୍ରେଣୀ** | | ୪୪. | ସରଳ ହିନ୍ଦୀ ବ୍ୟାକରଣ | ଟ.୧୩=୦୦ |
| ୧୭. | ଭାଷାକଳିକା | ଟ.୧୬=୦୦ | ୪୫. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪=୦୦ |
| ୧୮. | ଗଣିତ | ଟ.୨୬=୦୦ | ୪୬. | ଭୂଗୋଳ | ଟ.୦୯=୦୦ |
| ୧୯. | ବିଜ୍ଞାନ | ଟ.୧୩=୦୦ | ୪୭. | ଶମା ଏ ଉର୍ଦ୍ଦୁ | ଟ.୧୨=୦୦ |
| ୨୦. | ଆମ୍ଭ ସାହିତ | ଟ.୧୪=୦୦ | ୪୮. | ଆଶାନ ଉର୍ଦ୍ଦୁ | ଟ.୧୫=୦୦ |
| ୨୧. | ମାଇଁ ଇଗ୍ରାଜୀ | ଟ.୧୭=୦୦ | | | |
| ୨୨. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୭=୦୦ | | | |
| ୨୩. | ଭୂଗୋଳ | ଟ.୧୩=୦୦ | | | |
| ୨୪. | ମେରି ହିନ୍ଦୀ କିତାବ | ଟ.୦୯=୦୦ | | | |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ - ୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ, ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ, ଅଭିଭାବକ କେବଳ ୦୧ଗୋଟି ସେଟ୍ ପୁସ୍ତକ ସାମାଜିକ ଦୂରତା ରକ୍ଷାକରି କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ।

**Tel. No.: 0674-2380871, 0674-2380872, E-mail ID: directortbpmodisha@gmail.com**

ନିର୍ଦ୍ଦେଶକ
ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର - ୧

OIPR-27005/11/0004/2122

**ମୁଦ୍ରାସ୍ଫୀତି ୭ ମାସର ଉଚ୍ଚ ସ୍ତରରେ ରହିପାରେ**

ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ସହ ଇନ୍ଧନ ଦର ଉଚ୍ଚରେ ରହିଛି। ଫଳରେ ଖୁଚୁରା ମୁଦ୍ରାସ୍ଫୀତି ୭ ମାସର ସର୍ବୋଚ୍ଚ ସ୍ତର ଛୁଇଁବା ନେଇ ଆଶଙ୍କା କରାଯାଇଛି। ରୟଟର୍ସ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ଜୁନ ମାସରେ ଖୁଚୁରା ମୁଦ୍ରାସ୍ଫୀତି ଲଗାତାର ଦ୍ୱିତୀୟ ମାସ ଲାଗି ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ସୀମା ଠାରୁ ଅଧିକ ରହିପାରେ। ମୁଦ୍ରାସ୍ଫୀତି ୬.୫୮% ସ୍ତର ଛୁଇଁପାରେ। ଅଭିବୃଦ୍ଧିକୁ ନଜରରେ ରଖି ଦରଦାମ ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ରିଜର୍ଭ ବ୍ୟାଙ୍କ ପ୍ରୟାସ ଜାରି ରଖିଛି। ଜୁନରେ ପାଇକାରୀ ମୁଦ୍ରାସ୍ଫୀତି ୧୨%ରୁ ଊର୍ଦ୍ଧ୍ୱ ରହିପାରେ ବୋଲି ଅର୍ଥନୀତିଜ୍ଞ ମାନେ ଆଶଙ୍କା କରିଛନ୍ତି।

## ସଂକ୍ଷେପରେ

### ଭାରତୀୟ ସମ୍ପତ୍ତି ଜବତ କରିବ କେୟର୍ନ

ନୂଆଦିଲ୍ଲୀ, ୮।୭: ଭାରତ ସହିତ ଟିକସ ବିବାଦ ମାମଲାରେ ଫ୍ରାନ୍ସ କୋର୍ଟ ବ୍ରିଟେନର କେୟର୍ନ ଏନର୍ଜି ସପକ୍ଷରେ ଶୁଣାଣି କରିଛନ୍ତି। ପ୍ୟାରିସରେ ରହିଥିବା ଭାରତ ସରକାରଙ୍କ ସମ୍ପତ୍ତି ଜବତ କରିବା ଲାଗି କେୟର୍ନଙ୍କୁ କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ମଧ୍ୟସ୍ଥତା ଅଦାଲତ କେୟର୍ନଙ୍କୁ ୧.୧୭ ବିଲିୟନ ଡଲାରର ଅସୁଲ କରିବା ଲାଗି ଅନୁମତି ପ୍ରଦାନ କରିଥିଲେ। ଏହି ଆଦେଶ ମୁତାବକ, ଫ୍ରାନ୍ସ କୋର୍ଟ ସେଠାରେ ଥିବା ୨୦ ଭାରତୀୟ ସରକାରୀ ସମ୍ପତ୍ତିକୁ ଜବତ କରିବା ଲାଗି ଅନୁମତି ପ୍ରଦାନ କରିଛନ୍ତି। ଏହି ମାମଲାକୁ ନେଇ ଭାରତ ସରକାର ସ୍ପଷ୍ଟୀକରଣ ରଖିଛନ୍ତି। ଫ୍ରାନ୍ସର କୌଣସି ଅଦାଲତଠାରୁ ନୋଟିସ, ଅର୍ଡର କିମ୍ବା କମ୍ୟୁନିକେଶନ ଲାଭ କରି ନ ଥିବା ଭାରତ ସରକାର କହିଛନ୍ତି।

### ଏଏଚ୍ ଆଣ୍ଡ ଭିଏସ୍‌ରେ ନୂଆ ନିର୍ଦ୍ଦେଶକଙ୍କ ଯୋଗଦାନ

ଭୁବନେଶ୍ୱର,୮।୭ : ରାଜ୍ୟ ସରକାରଙ୍କ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା (ଏଏଚ୍ ଆଣ୍ଡ ଭିଏସ୍) ନିର୍ଦ୍ଦେଶାଳୟର ନୂଆ ନିର୍ଦ୍ଦେଶକ ଭାବେ ଗୁରୁବାର ବରିଷ୍ଠ ପ୍ରଶାସକ ଡ. ଯେଦୁଲା ବିଜୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମାଲକାନଗିରି ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଡ. ବିଜୟ ଦାୟିତ୍ୱ ଗ୍ରହଣ ଅବସରରେ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଏକ ବୈଠକ କରି ରାଜ୍ୟରେ ପ୍ରାଣୀସମ୍ପଦର ବିକାଶକୁ ଗୁରୁତ୍ୱର ସହ ଗ୍ରହଣ କରି ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ପ୍ରାଣୀପାଳନ ଦ୍ୱାରା ଗ୍ରାମ୍ୟ ଅର୍ଥନୀତିର ବିକାଶ ହୋଇପାରିବ । ଏହା ସହିତ ଗ୍ରାମ୍ୟ କୃଷିଜୀବୀ, କର୍ମଜୀବୀ, ଶିକ୍ଷିତ ଯୁବତୀଯୁବକ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ପ୍ରାଣୀପାଳନ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରିବା ସାଙ୍ଗକୁ ଆୟ ବୃଦ୍ଧି ମଧ୍ୟ କରିଥାନ୍ତି। ଏହି ବୈଠକରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ଡ. ଲୋକନାଥ ବେହେରା, ଡ. ପ୍ରେମାନନ୍ଦ ରାଉତ, ଡ. ପ୍ରତାପ କିଶୋର ଖମାରୀ ଓ ନିର୍ଦ୍ଦେଶାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତେଲ ଦର ନିୟନ୍ତ୍ରଣ ପୁରୀଙ୍କ ଲାଗି ଆହ୍ୱାନ

ନୂଆଦିଲ୍ଲୀ, ୮।୭

ହରଦୀପ ସିଂ ପୁରୀ ଗୁରୁବାର ପେଟ୍ରୋଲିୟମ ମନ୍ତ୍ରଣାଳୟର କାର୍ଯ୍ୟଭାର ସମ୍ଭାଳିଛନ୍ତି। ସେ ପୂର୍ବରୁ ରାଷ୍ଟ୍ରମନ୍ତ୍ରୀ ପଦରେ ଥିଲେ। ତାଙ୍କ କାର୍ଯ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସନ୍ତୋଷ ବ୍ୟକ୍ତ କରିବା ସହ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ପେଟ୍ରୋଲିୟମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କାର୍ଯ୍ୟଭାର ସେ ଗ୍ରହଣ କରିଛନ୍ତି। ଆବାସ ଏବଂ ସହରୀ ବିକାଶ ମନ୍ତ୍ରଣାଳୟ ମଧ୍ୟ ତାଙ୍କ ନିକଟରେ ରଖାଯାଇଛି। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହୋଇଥିବା ବେଳେ ତେଲ ଦର ନିୟନ୍ତ୍ରଣ ପୁରୀଙ୍କ ଲାଗି ଏକ ବଡ଼ ଆହ୍ୱାନ ହେବ। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ୧୦୦ ଟଙ୍କା ସ୍ତର ଟପିଛି। ଗୁରୁବାର ପେଟ୍ରୋଲ ଦର ୨୫ ପଇସା ବଢ଼ିଛି। ସେହିଭଳି ଡିଜେଲ ଦର ଲିଟର ପିଛା ୯ ପଇସା ମହଙ୍ଗା ହୋଇଛି।

ଗତ ୭ ବର୍ଷ ହେବ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଥିଲେ। ନୂଆ ଦାୟିତ୍ୱ ଭାର ଗ୍ରହଣ କରି ପୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଯେଉଁ ନୂଆ କାର୍ଯ୍ୟଭାର ଦେଇଛନ୍ତି ତାକୁ ନେଇ ଖୁସି। ଅର୍ଥ ବ୍ୟବସ୍ଥା ଲାଗି ଶକ୍ତି କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ଜିଡିପିକୁ ୫ ଟ୍ରିଲିୟନ ଡଲାର ଯାଏ ନେବାକୁ ଲାଗି ପ୍ରୟାସ ଜାରି ରହିବ। ଶକ୍ତି କ୍ଷେତ୍ର ସାମ୍ନାରେ ଅନେକ ସମ୍ଭାବନା ଏବଂ ଆହ୍ୱାନ ରହିଛି। ସମୟକୁ ଧ୍ୟାନରେ ରଖି ଟେକ୍ନୋଲୋଜିକୁ ଆପଣାଇବାକୁ ହେବ। ଉଲ୍ଲେଖଯୋଗ୍ୟ, ପୁରୀ ପୂର୍ବରୁ ଭାରତୀୟ ବିଦେଶ ସେବାର ଅଧିକାରୀ ରହି ଆସିଛନ୍ତି। ୨୦୧୭ରେ ତାଙ୍କୁ ସହର ବିକାଶ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଭାର ପ୍ରଦାନ କରାଯାଇଥିଲା। ମୋଦିଙ୍କ ଦ୍ୱିତୀୟ ପାଳିରେ ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। କୋଭିଡ୍ ସମୟରେ ବିଦେଶରେ ଫସିଥିବା ଭାରତୀୟଙ୍କୁ ବିମାନ ଯୋଗେ ଭାରତ ଆଣିବାରେ ତାଙ୍କର କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ୧୯୭୪ରେ ଭାରତୀୟ ବିଦେଶ ସେବା ଅଧିକାରୀ ସହ ବିଭିନ୍ନ ଦେଶ ଲାଗି ଭାରତର ରାଷ୍ଟ୍ରଦୂତ ଏବଂ ଉଚ୍ଚାୟୁକ୍ତ ଭାବେ ସେ କାର୍ଯ୍ୟ କରିଛନ୍ତି। ୨୦୦୯ରୁ ୨୦୧୩ ଯାଏ ଜାତିସଂଘରେ ସେ ଭାରତର ସ୍ଥାୟୀ ପ୍ରତିନିଧି ରହିଥିଲେ। ୨୦୧୪ରେ ସେ ଭାଜପାରେ ଯୋଗଦେଇଥିଲେ। ସେ ବର୍ତ୍ତମାନ ଉତ୍ତର ପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ଅଛନ୍ତି।

ସେହିଭଳି ଦାୟିତ୍ୱ ଗ୍ରହଣ କରିଥିବା ଅନ୍ୟ ମନ୍ତ୍ରୀଙ୍କ ମଧ୍ୟରେ ନାରାୟଣ ରାଣେ (ଏମ୍ଏସ୍ଏମ୍ଇ), ପଶୁପତି କୁମାର ପାରସ(ଖାଦ୍ୟ ପ୍ରକ୍ରିୟାକରଣ), ରାଓ ସାହେବ ଦାନୱେ(କୋଇଲା), ଆର୍‌କେ ସିଂ (ବିଜୁଳୀ), ପୁରୁଷୋତ୍ତମ ରୁପାଲା(ମତ୍ସ୍ୟ, ପଶୁପାଳନ) ପ୍ରମୁଖ ରହିଛନ୍ତି।



ହରଦୀପ ସିଂ ପୁରୀ



ଭାଗବତ କିଶନ ରାଓ କରାଡ



ଅଶ୍ୱିନୀ ବୈଷ୍ଣବ

### ନିର୍ମଳାଙ୍କ ରାଇଟ ହ୍ୟାଣ୍ଡ ହେବେ ଭାଗବତ

ନୂଆ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାବେ ଭାଗବତ କିଶନ ରାଓ କରାଡ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାରାଷ୍ଟ୍ର ନିବାସୀ କରାଡ ୨୦୧୯ରେ ପ୍ରଥମ ଥର ଲାଗି ସାଂସଦ ନିର୍ବାଚିତ ହୋଇଥିଲେ। ସେ ବର୍ତ୍ତମାନ ରାଜ୍ୟ ସଭାରେ ସଦସ୍ୟ ରହିଛନ୍ତି। ସେ ଅନୁରାଗ ଠାକୁରଙ୍କ ସ୍ଥାନ ଗ୍ରହଣ କରିଛନ୍ତି। ତାଙ୍କୁ ବର୍ତ୍ତମାନ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ରାଇଟ ହ୍ୟାଣ୍ଡ ହେବେ ବୋଲି କୁହାଯାଉଛି। ୬୪ ବର୍ଷୀୟ କରାଡ ପେସାରେ ଜଣେ ଡାକ୍ତର। ଏହା ପୂର୍ବରୁ ସେ ଔରଙ୍ଗାବାଦ ନଗର ନିଗମର ମେୟର ଏବଂ ମରାଠାୱାଡା କାନୁନ ବିକାଶ ନିଗମର ସେ ଅଧ୍ୟକ୍ଷ ଭାର ତୁଲାଇଛନ୍ତି। ଏମ୍‌ବିବିଏସ୍ ଡିଗ୍ରୀ ବାଦ୍ ଜେନେରାଲ ସର୍ଜରିରେ ଏମ୍ଏସ୍, ପେଡିଆଟ୍ରିକ୍ ସର୍ଜରିରେ ଏମ୍‌ସିଏଚ୍ ମଧ୍ୟ କରିଛନ୍ତି।

### ରେଲୱେ କାୟାକଳ୍ପ ଉପରେ କାମ କରିବେ ଅଶ୍ୱିନୀ

ନୂଆ ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ବାଦ୍ ତାଙ୍କୁ ଆଇଟି ଏବଂ ସଞ୍ଚାର ମନ୍ତ୍ରଣାଳୟ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଷ୍ଣବଙ୍କୁ ଏଭଳି ସମୟରେ ଗୁରୁଦାୟିତ୍ୱ ମିଳିଛି ଯେତେବେଳେ ରେଳପଥର ରାଜସ୍ୱ ବଢ଼ାଇବା ଲାଗି ବିଭିନ୍ନ ଦିଗ ଉପରେ ବିଚାର କରାଯାଉଛି। ଏହା ମଧ୍ୟରେ ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ ମଡେଲ(ପିପିପି) ମଧ୍ୟ ସାମିଲ ରହିଛି। ରାଜସ୍ଥାନର ଯୋଧପୁରରେ ଜନ୍ମିତ ୫୧ ବର୍ଷୀୟ ବୈଷ୍ଣବ ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ। ଆଇଏଏସ୍ ଭାବେ ସେ ୧୫ ବର୍ଷ ବିଭିନ୍ନ ଦାୟିତ୍ୱରେ କାମ କରିଛନ୍ତି। ପିପିପି ଫ୍ରେମ୍‌ୱାର୍କରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ୨ ବର୍ଷ ପୂର୍ବରୁ ସେ ଭାଜପା ଟିକେଟରେ ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ମାତ୍ର ତାଙ୍କୁ କ୍ୟାବିନେଟ ପ୍ୟାହା ମିଳିବା ସମସ୍ତଙ୍କୁ ଚମକାଇ ଦେଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ସେ ଉପ ସଚିବ ଥିଲେ। ସେ ଆମେରିକାରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି।

### ଜୁନ୍‌ରେ ପାସେଞ୍ଜର ଯାନ ଚାହିଦା ବଢ଼ିଲା

ନୂଆଦିଲ୍ଲୀ, ୮।୭

କରୋନା ସଂକ୍ରମଣ ସଂଖ୍ୟା ବର୍ତ୍ତମାନ ହ୍ରାସ ହେଉଥିବାରୁ ଅଟୋ ଶିଳ୍ପରେ ଚାହିଦା ଫେରୁଛି। ଲକ୍‌ଡାଉନ କଟକଣା କୋହଳ ହେଉଥିବାରୁ ଗାଡି ବିକ୍ରି ବୃଦ୍ଧି ହେଉଥିବା ନଜରକୁ ଆସିଛି। ଫଳରେ ଜୁନ୍‌ରେ ପାସେଞ୍ଜର ଯାନ ବିକ୍ରି ବଢିଥିବା ଜଣାପଡିଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ରିପୋର୍ଟ ମୁତାବକ, ଜୁନ ୨୦୨୧ରେ ଗାଡି ପଞ୍ଜୀକରଣ ୨୨.୬୨% ବୃଦ୍ଧି ଘଟିଛି। ଜୁନରେ ୧୨.୧ ଲକ୍ଷ ଯାନ ବିକ୍ରି ହୋଇଛି। ପାସେଞ୍ଜର ଯାନ ବିକ୍ରି ୪୩% ବଢିଛି। ଫାଡା ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି, ସରକାର କଟକଣା କୋହଳ କରିଥିବାରୁ ବଜାରରେ ଚାହିଦା ଫେରୁଛି।

୧୧ତମ ବିବାହ ବାର୍ଷିକୀ ଶୁଭେଚ୍ଛା



ପପୁ ଓ ଇତିଶ୍ରୀ
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ରିୟା, ସିଡୁ, ବେବି, ବାବୁନା, କୁକୁନ୍, ମୀରା ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୦୩୯

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି



ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

# ଶିକ୍ଷା ଉତ୍କର୍ଷରେ ସେଞ୍ଚୁରିଆନର ଯୋଗଦାନ

ଭୁବନେଶ୍ୱର,୮।୭

ଜି ଓଡ଼ିଶା ମିଡିଆ ଦ୍ୱାରା ଶିକ୍ଷା ଉତ୍କର୍ଷ ପୁରସ୍କାର- ୨୦୨୧ ଆୟୋଜିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଯେଉଁମାନେ କୋଭିଡ୍-୧୯ ସମୟରେ ଶିକ୍ଷାର ଉନ୍ନତିରେ ସଫଳତାର ସହ ସହଯୋଗ କରିଛନ୍ତି। ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମଧ୍ୟ ଏହାର ଅଭୂତ ପୂର୍ବ ତଥା ନିରନ୍ତର ଉଦ୍ୟମ ପାଇଁ ଏହି କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇଥଲା। ସେଞ୍ଚୁରିଆନ ୟୁନିଭରସିଟିର କୁଳପତି ପ୍ରେଫସର ସୁପ୍ରିୟା ପଟ୍ଟନାୟକ କୋଭିଡ୍-୧୯ ସମୟରେ ଛାତ୍ରଛାତ୍ରମାନଙ୍କ କ୍ୟାରିୟର କାଉନସେଲିଂ ପ୍ରସଙ୍ଗରେ ଯୋଗଦେଇଥିଲେ। ଏକ ଉଦାହରଣ ଦେଇ ସେ କହିଛନ୍ତି, ସେଞ୍ଚୁରିଆନର ପାରାମେଡିକ ଛାତ୍ରମାନଙ୍କୁ କିପରି ଅନ୍‌ଲାଇନରେ ତାଲିମ ଦିଆଯାଏ ଏବଂ ବ୍ୟବହାରିକ ଏକ୍ସପୋଜର ପାଇଁ ଛାତ୍ରମାନଙ୍କୁ ବିଭିନ୍ନ ଡାକ୍ତରଖାନା ସହିତ ସଂଯୁକ୍ତ କରାଯାଇଛି। ମହାମାରୀ ସମୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ ମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଶଂସା କରିଥିଲେ।





# କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ସଫଳତା

ଭୁବନେଶ୍ୱର,୮।୭

ଇଣ୍ଟରନ୍ୟାଶନାଲ ବାକାଲରେଟ୍ ଡିପ୍ଲୋମା ପ୍ରୋଗ୍ରାମ୍ (ଆଇବିଡିପି) ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରୀମାନେ ସଫଳତା ଲାଭ କରିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୨୫% ଛାତ୍ରୀଛାତ୍ର ୪୦ ପଏଣ୍ଟରୁ ଊର୍ଦ୍ଧ୍ୱ ସ୍କୋର କରିଥିବା ବେଳେ ସ୍କୁଲର ହାରାହାରି ସଫଳତା ୩୬ ପଏଣ୍ଟ ରହିଛି। ସ୍କୁଲର ସାତ୍ତ୍ୱିକ ପାଣିଗ୍ରାହୀ ସମୀକ୍ଷା ସାମନ୍ତରାୟ, ଭାସ୍ୱତୀ ବାସୁମାତାରି, ଜୟଦୀପ ଦାଶ, ସୂର୍ଯ୍ୟାଂଶ ବଳ, ସ୍ୱାଧୀନ ରାଉତ, ଉନିକା ଦାଶ, ବି. ଅଙ୍କିତ ପାତ୍ର, ଅଙ୍କିତା ନାୟକ ପ୍ରମୁଖ ବିଦେଶର ଖ୍ୟାତନାମା ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ମହାମାରୀ ସତ୍ତ୍ୱେ ଛାତ୍ରୀଛାତ୍ର ସଫଳତା ବଜାୟ ରଖିପାରିଛନ୍ତି। ସେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଓ ଇଣ୍ଟରନ୍ୟାଶନାଲ କରିକୁଲମ ମୁଖ୍ୟ ନନ୍ଦିତା ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଫୁର୍‌ସତ୍

# ସମୃଦ୍ଧ ଦେଶ ଗଢ଼ିବେ ସଶକ୍ତ ଯୁବବର୍ଗ

ଦେଶର ବିକାଶରେ ଯୁବବର୍ଗଙ୍କ ଯୋଗଦାନ ଅତୀବ ଗୁରୁତ୍ୱପୂର୍ଣ୍ଣ। ଯେଉଁ ଦେଶର ଯୁବଶକ୍ତି ଯେତେ ସଶକ୍ତ ଓ ପ୍ରଗତିଶୀଳ, ସେ ଦେଶ ସେତେ ସମୃଦ୍ଧ। ରାଷ୍ଟ୍ର ଗଠନ ପାଇଁ ଯୁବବର୍ଗ ଆଗେଇ ଆସିବା ଉପରେ ସ୍ୱାମୀ ବିବେକାନନ୍ଦ ଗୁରୁତ୍ୱାରୋପ କରିଥିଲେ। ସାଧାରଣତଃ କୁହାଯାଇଥାଏ ଆଜିର ଛାତ୍ର ଆସନ୍ତାକାଲିର ଭବିଷ୍ୟତ। ତେବେ ପ୍ରକୃତ ପକ୍ଷେ ଛାତ୍ର ଭବିଷ୍ୟତର ନୁହେଁ, ବର୍ତ୍ତମାନର ନାଗରିକ। ଭବିଷ୍ୟତ ପାଇଁ ଛାତ୍ରଙ୍କୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଆବଶ୍ୟକ, ଯାହାଦ୍ୱାରା ଭବିଷ୍ୟତରେ ସମୃଦ୍ଧ, ସଶକ୍ତ, ଆତ୍ମନିର୍ଭର ଭାରତ ଗଠନ ସହଜ ହୋଇପାରିବ।

**ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ**





ଏଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କାର୍ଯ୍ୟ କରିଥାଏ। ୧୯୪୮ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) କର୍ମୀ ବଲରାଜ ମାଧୋକଙ୍କ ଦ୍ୱାରା ପ୍ରଥମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସ୍ଥାପନ କରାଯାଇଥିଲା। ଏହାପରେ ୧୯୪୯ ଜୁଲାଇ ୯ରେ ବିଧିବଦ୍ଧ ଭାବେ ଏହା ପଞ୍ଜୀକୃତ ହୋଇଥିଲା। ତେଣୁ ଜୁଲାଇ ୯କୁ ଜାତୀୟ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ରାଷ୍ଟ୍ରୀୟ ପୁନର୍ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ନେଇ ସଚେତନତା ସୃଷ୍ଟି କରାଯିବା ସହିତ ରାଷ୍ଟ୍ର ଭାବନା ଏବଂ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ କରାଯିବାର ପ୍ରୟାସ ହୋଇଥାଏ। ଜନ୍ମଭୂମି ପାଇଁ କାର୍ଯ୍ୟ କରିବାର ଜିଜ୍ଞାସା ସୃଷ୍ଟି ଏହି ଦିବସର ମୂଳ ଲକ୍ଷ୍ୟ।

# ସରୋଗେଟ୍ ମଦର କ୍ରୀତି





**ମୁମ୍ବାଇ:** ଏଣ୍ଟରଟେନିଂ ସରୋଗେସି ଡ୍ରାମା 'ମିମି'ରେ ମୁଖ୍ୟ ଭୂମିକାରେ ଥିବା କ୍ରୀତି ସାନନ ଫିଲ୍ମରେ ନିଜର ଫାଷ୍ଟ ଲୁକ୍ ଶେୟାର କରିଛନ୍ତି। ପୋଷ୍ଟରରେ କ୍ରୀତି ଗର୍ଭବତୀ ଥିବା ଅବସ୍ଥାରେ ତାଙ୍କ ବେବି ବମ୍ପ୍ ଦେଖାଇଛନ୍ତି। 'ତୁମେ ଯାହା ଆଶା କରୁଛ ତାହା ନୁହେଁ, ଏହି ଜୁଲାଇରେ ସାଧାରଣ ବ୍ୟକ୍ତିଠାରୁ କିଛି ଅସାଧାରଣ ଆଶା କର ବୋଲି ସେ କ୍ୟାପଶନ୍‌ରେ ଲେଖିଛନ୍ତି। ଜିଓ ଷ୍ଟୁଡିଓର 'ମିମି'ରେ କ୍ରୀତି ତାଙ୍କ 'ଲୁକା ଚୁପି' ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକର ଏବଂ ସହକଳାକାର ପଙ୍କଜ ତ୍ରିପାଠୀ ପୁଣି ଏକାଠି ହୋଇଛନ୍ତି। 'ଲୁକା ଚୁପି' ଓ 'ବରେଲି କି ବର୍ଫି'ରେ ପଙ୍କଜ ଏବଂ କ୍ରୀତି ଏକାଠି କାମ କରିଥିଲେ। ସରୋଗେସି ଉପରେ ଫିଲ୍ମ 'ମିମି' ଆଧାରିତ। ଏହା ଏକ ପ୍ରକାର ଡକ୍ୟୁମେଣ୍ଟାରି ଫିଲ୍ମ ବୋଲି ପୂର୍ବରୁ କ୍ରୀତି କହିଥିଲେ। ଏଥିରେ କ୍ରୀତି ଜଣେ ସରୋଗେଟ ମଦର ଭୂମିକାରେ ନଜର ଆସିବେ। ଅଭିନେତ୍ରୀ ହେବାର ଆଶା ନେଇ ଗାଁରୁ ସହର ଆସିଥିବା କ୍ରୀତି ଜଣେ ଦମ୍ପତିଙ୍କ ସହ ସାକ୍ଷାତ କରିବା ପରେ ସରୋଗେସିକୁ ଆପଣାଇଛନ୍ତି। ଏହାପରେ କ'ଣ ହେଉଛି ସେଥିପାଇଁ ଅପେକ୍ଷା କରିବାକୁ ପଡିବ। ଏହି ଚଳଚ୍ଚିତ୍ର ସମସ୍ତଙ୍କୁ ଭଲ ଲାଗିବ ବୋଲି ସେ ଆଶା କରିଛନ୍ତି। ଏଥିରେ ମନୋଜ ପହ୍‌ୱା, ସୁପ୍ରିୟା ପାଠକ ପ୍ରମୁଖ ଭୂମିକାରେ ନଜର ଆସିବେ। 'ମିମି' ପରେ କ୍ରୀତିଙ୍କ ହାତରେ ବଚ୍ଚନ ପାଣ୍ଡେ, ଭେଡିୟା, ଆଦିପୁରୁଷ ଆଦି ଚଳଚ୍ଚିତ୍ର ରହିଛି। କ୍ରୀତିଙ୍କ ଭଉଣୀ ନୂପୁର ଲେଖିଛନ୍ତି 'ୟେ ବେଷ୍ଟ ହୋନେ ବାଲା ହୈ। ଖୁବଶୀଘ୍ର ଓଟିଟି ପ୍ଲାଟଫର୍ମରେ 'ମିମି' ରିଲିଜ ହେବାକୁ ଯାଉଛି।

# ଆକାଶରେ ଉଡ଼ିବେ, ପାଣିରେ ଚାଲିବେ

କୋମଳମତି ପିଲାଙ୍କ ମନରେ କେଉଁଠି ନା କେଉଁଠି ବସା ବାନ୍ଧି ରହିଥାଏ ସୁପରମ୍ୟାନ୍ ଚରିତ୍ରଟେ। ଆକାଶରେ ମୁକ୍ତ ବିହଙ୍ଗ ପରି ଉଡ଼ିବା, ପାଣି ଉପରେ ବିନା ସମସ୍ୟାରେ ଚାଲିବା ଭଳି ଦୃଶ୍ୟ ସେମାନଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରି ଚାଲିଥାଏ। ହେଲେ ବୟସ ବଢ଼ିବା ସହିତ ଧୀରେ ଧୀରେ ଅପସରିଯାଏ ଏସବୁ ଭାବନା। ହେଲେ ଚାଇନାର ଦୁଃସାହସିକ ଟୁରିଷ୍ଟ ଡେଷ୍ଟିନେଶନ 'ସିଆଟିଆନ୍‌ସିଆ'ରେ ଏଭଳି ଦୃଶ୍ୟ ଅତି ସାଧାରଣ। ଏଠାକୁ ଭ୍ରମଣ ଉଦ୍ଦେଶ୍ୟରେ ଆସୁଥିବା ପର୍ଯ୍ୟଟକମାନେ ଚାହିଁଲେ ବିହଙ୍ଗ ପରି ଆକାଶରେ ଉଡ଼ିପାରିବେ ଏବଂ ବିନା ସମସ୍ୟାରେ ପାଣିରେ ଚାଲିପାରିବେ।



## ଚାଇନାର ଆଡ୍‌ଭେଞ୍ଚର ଟୁରିଷ୍ଟ ସ୍ପଟ୍

**ବେଜିଂ:** ବୈଷୟିକ ଜ୍ଞାନ କୌଶଳରେ ସମୃଦ୍ଧ ଚାଇନାରେ ରହିଛି ବହୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ପ୍ରତ୍ୟେକ ଟୁରିଷ୍ଟ ସ୍ପଟ୍ ନିଜ ନିଜ ଭିତରେ ସ୍ୱତନ୍ତ୍ର। କେଉଁଠି ବିସ୍ତୀର୍ଣ୍ଣ ସାମୁଦ୍ରିକ ବେଳାଭୂମି ତ ଆଉ କେଉଁଠି ଜନଜାତିରେ ସମୃଦ୍ଧ ଘଞ୍ଚ ଅରଣ୍ୟ। କେଉଁଠି ନଦୀର ବିସ୍ତୀର୍ଣ୍ଣ ଲ୍ୟାଣ୍ଡସ୍କେପ୍ ତ ଅନ୍ୟ କେଉଁଠି ଦୁଃସାହସିକ ପର୍ବତ। ଏଭଳି ପର୍ଯ୍ୟଟନସ୍ଥଳୀ ଚାଇନା ଅର୍ଥନୀତିକୁ ସମୃଦ୍ଧ କରୁଛି। ହେଲେ 'ସିଆଟିଆନ୍‌ସିଆ' ନିଜ ଭିତରେ ସ୍ୱତନ୍ତ୍ର। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଭ୍ରମଣ ଅନୁଭୂତି ଚିର ଅମଳିନ ହୋଇରହିବ। ବିଶେଷ କରି କୁଙ୍ଗ୍-ଫୁ' ମାର୍ଶଲ ଆର୍ଟରେ ଧୁରୀଣ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହି ସ୍ଥାନ ପ୍ରକୃଷ୍ଟ। କାରଣ ଏହି ସ୍ଥାନରେ ଜଣେ ମୁକ୍ତ ବିହଙ୍ଗ ଭଳି ଆକାଶରେ ଉଡ଼ିପାରିବ ଏବଂ ପାଣିରେ ବିନା ବାଧାରେ ଚାଲିପାରିବ। ଚାଇନା ସରକାରଙ୍କ ଉଦ୍ୟମରେ 'ସିଆଟିଆନ୍‌ସିଆ' ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ଏଭଳି ବ୍ୟବସ୍ଥା କରାଯାଇଛି। ବିଶାଳକାୟ ଚାଇନାରେ ସହସ୍ରାଧିକ ପର୍ଯ୍ୟଟନସ୍ଥଳୀ ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ୫୫ଟି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ତନ୍ମଧ୍ୟରୁ ଗୋଟିଏ ହେଉଛି 'ସିଆଟିଆନ୍‌ସିଆ'। ଫୁଜିଆନା ପ୍ରଦେଶରେ ଅବସ୍ଥିତ ଏହି ଟୁରିଷ୍ଟ ସ୍ପଟ୍ ପର୍ଯ୍ୟଟକ ଅନୁକୂଳ ବାତାବରଣ ପାଇଁ ବେଶ୍ ପରିଚିତ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ପାରମ୍ପରିକ କୁଙ୍ଗ୍ ଫୁ' ପୋଷାକ ପରିଧାନ କରିବାକୁ ଦିଆଯାଏ। ଏହାପରେ ଲଢ଼େଇ କରିବାର ଉପକରଣ ହାତରେ ଧରାଇ ଦିଆଯାଏ। ଏହାପରେ ଏକ ସ୍ୱତନ୍ତ୍ର ଉପକରଣ ଲଗାଇ ସେମାନଙ୍କୁ ଆକାଶମାର୍ଗକୁ ଛାଡ଼ି ଦିଆଯାଏ। ସେମାନେ ଆକାଶରେ ପରସ୍ପର ସହିତ ଲଢ଼େଇ କରି ମଜା ଉଠାଇଥାଆନ୍ତି। ସେହିପରି ପାଣିରେ ବିନା ଦ୍ୱିଧାରେ ଧାଇଁପାରିବା ଭଳି ବ୍ୟବସ୍ଥା କରାଯାଇଛି। ସାଉଥ୍ ଚାଇନା ପୋଷ୍ଟ ପକ୍ଷରୁ ନିକଟରେ ଏହାର ଏକ ଭିଡିଓ ସାର୍ବଜନୀନ କରାଯାଇଛି। ଏଥିରେ ଆକ୍ସନ ଫିଲ୍ମ ଭଳି ପୋଷାକ ପରିଧାନ କରି ପର୍ଯ୍ୟଟକମାନେ ଆକାଶ ମାର୍ଗରେ ପରସ୍ପର ବିରୋଧରେ ଲଢ଼େଇ କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଆକାଶରେ ଉଡ଼ିବା ପୂର୍ବରୁ ପର୍ଯ୍ୟଟକଙ୍କ ଅଣ୍ଟାରେ ଦୁଇଟି ତାର ବନ୍ଧାଯାଏ। ଏହି ତାର ସହାୟତାରେ ସେମାନଙ୍କୁ ଶୂନ୍ୟକୁ ଉଠାଯାଇଥାଏ। ୬୦୦ ମିଟର ଏହି ଲମ୍ବା କେବୁଲ ଜଣକୁ ୨୦ ମିଟର ଉଚ୍ଚତା ଯାଏ ପହଞ୍ଚାଇବାରେ ସକ୍ଷମ। ଏହାକୁ ଅଧିକ ଦୁଃସାହସିକ ରୂପ ଦେବାକୁ ଏକ ଜଳ ଉତ୍ସ ଉପରେ ଏହି କୌଶଳ ପ୍ରଦର୍ଶନ କରାଯାଏ। ଜଣେ ପାଖାପାଖି ୧୫୦୦ ଟଙ୍କା ଖର୍ଚ୍ଚ କରି ଏହାର ଭରପୂର ମଜା ଉଠାଇପାରିବେ।

# ଗୁପ୍‌ଚୁପ୍‌ରେ ଗହଣା

**ନୂଆଦିଲ୍ଲୀ:** ଗୁପ୍‌ଚୁପ୍‌ରେ ତିଆରି ହାର ଆଉ ମୁକୁଟ। ଏଭଳି ଏକ ଭିନ୍ନ ଢଙ୍ଗରେ ଅଳଙ୍କାର ତିଆରି କରି ନିଜ ବିବାହରେ ପିନ୍ଧିଛନ୍ତି ଜଣେ ଯୁବତୀ। ଇନ୍‌ଷ୍ଟାଗ୍ରାମର ସୂଚନା ଅନୁସାରେ ବଧୂ ବେଶରେ ଥିବା ଯୁବତୀଙ୍କ ନାଁ ହେଉଛି ଅକ୍ଷୟା। ଅଭିଷେକଙ୍କ ସହିତ ତାଙ୍କର ବିବାହ ହେଉଛି। ଦକ୍ଷିଣ ଭାରତୀୟ ଶୈଳୀରେ ଏହି ବିବାହ ଅନୁଷ୍ଠିତ ହେଉଛି। ଅକ୍ଷୟା ଗୁପ୍‌ଚୁପ୍ ହାରକୁ ସକାଳେ ଏକ ପାରମ୍ପରିକ ବିଧି ପାଳନ ସମୟରେ ଲଗାଇଛନ୍ତି। ଭିଜୁଆଲରେ ସେ ଗୁପ୍‌ଚୁପ୍‌କୁ ସୁନ୍ଦରଭାବରେ ହାର କରିବା ସହିତ ସେଥିରେ ଭିନ୍ନ ଏକ ଶୈଳୀରେ ମୁକୁଟ ମଧ୍ୟ ତିଆରି କରିଛନ୍ତି। ପାରମ୍ପରିକ ଶୈଳୀରେ ଅନ୍ୟ ସମସ୍ତ ଗହଣା ଲଗାଇଥିଲେ ବି ସେ ଗୁପ୍‌ଚୁପ୍ ଗହଣା ଲଗାଇ ବେଶ୍ ଖୁସି ଅଛନ୍ତି। ପ୍ରକୃତରେ ଅକ୍ଷୟା ଗୁପ୍‌ଚୁପ୍ ଖାଇବାକୁ ବହୁତ ପସନ୍ଦ କରନ୍ତି। ସେଥିପାଇଁ ଏହାକୁ ତାଙ୍କ ବିବାହ ଭଳି ଏକ ସ୍ୱତନ୍ତ୍ର ଉତ୍ସବରେ ସାମିଲ କରି ବେଶ୍ ଖୁସି ହୋଇ ପାରିଛନ୍ତି। ଗୁପ୍‌ଚୁପ୍ ପରେ ସେ ଅନେକ ପାମ୍ପଡକୁ ମଧ୍ୟ ନିଜ ମୁଣ୍ଡ ଉପରେ କିଛି ସମୟ ପାଇଁ ରଖିଥିବାର ଦେଖିବାକୁ ମିଳୁଛି। ଅକ୍ଷୟାଙ୍କର ଏଭଳି ଏକ ଭିନ୍ନ ଶୈଳୀ ଏବେ ସୋସିଆଲ ମିଡିଆରେ ଲୋକଙ୍କୁ ଖୁବ୍ ପ୍ରଭାବିତ କରିପାରିଛି। ଏବେ ସୁଦ୍ଧା ଏହି ଭିଜୁଆଲକୁ ୪୦ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।



**ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକାଧିକ କ୍ରୀଡ଼ାରେ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରି କେତେଜଣ ଖେଳାଳି ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛନ୍ତି। କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ସଫଳତା ହାସଲ କରିବା କଷ୍ଟକର ହୋଇଥାଏ। ତେବେ ବିଶ୍ୱର ଏମିତି ଶତାଧିକ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ଏକାଧିକ ଲୋକପ୍ରିୟ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରି ଇତିହାସ ସୃଷ୍ଟି କରିଛନ୍ତି...**

# ଏକାଧିକ କ୍ରୀଡ଼ାରେ ପାରଦର୍ଶୀ ପ୍ରସିଦ୍ଧ କ୍ରୀଡ଼ାବିତ୍



ଅଶୋକ ମହାନ୍ତି

(ଭାଗ-୧)

ଏକ ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ବିଶ୍ୱସ୍ତରୀୟ ପ୍ରଦର୍ଶନ ମାଧ୍ୟମରେ କ୍ରୀଡ଼ାବିତ୍‌ମାନଙ୍କର ଦକ୍ଷତା ପ୍ରମାଣିତ ହୋଇଥାଏ। ବିଶ୍ୱସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ୍‌ମାନେ ବର୍ଷ ବର୍ଷ ଧରି ପ୍ରସ୍ତୁତି କରିଥାନ୍ତି। ପେସାଦାର କ୍ରୀଡ଼ାବିତ୍‌ମାନଙ୍କୁ ସଫଳତା ହାସଲ ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଠାରେ ଉଲ୍ଲେଖନୀୟ ଯେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ବିଶ୍ୱସ୍ତରୀୟ ପ୍ରଦର୍ଶନ ଜଣେ କ୍ରୀଡ଼ାବିତ୍‌ଙ୍କ ପକ୍ଷେ କଷ୍ଟସାଧ ବ୍ୟାପାର ହୋଇଥିଲେ ମଧ୍ୟ ଏପରି କେତେଜଣ ପ୍ରସିଦ୍ଧ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଏକାଧିକ କ୍ରୀଡ଼ା ଶୃଙ୍ଖଳାରେ ସେମାନଙ୍କର ଦକ୍ଷତା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି। ଏହି ଅନନ୍ୟ ତାଲିକାରେ ବିଶ୍ୱରେ ଶତାଧିକ କ୍ରୀଡ଼ାବିତ୍ ରହିଥିବାବେଳେ ତନ୍ମଧ୍ୟରୁ ଅଧିକ ପ୍ରଚଳିତ ଓ ଲୋକପ୍ରିୟ କ୍ରୀଡ଼ାରେ ପ୍ରସିଦ୍ଧିଲାଭ କରିଥିବା କେତେଜଣ ଖ୍ୟାତନାମା ଓ ଜଣାଶୁଣା କ୍ରୀଡ଼ାବିତ୍‌ଙ୍କୁ ନେଇ ଏହି ଆଲେଖ୍ୟ।

**ଏମ୍.କେ. ଗୋପାଲନ୍ (ଭାରତ— ୧୯୦୯-୨୦୦୩)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ହକି ଖେଳାଳି)

**କ୍ରିକେଟ:** ଚେନ୍ନାଇ(ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସି)ରେ ଜନ୍ମିତ ମୋରାପାକାମ୍ ଯୋସିଆମ୍ ଗୋପାଲନ୍ ଉଭୟ କ୍ରିକେଟ ଏବଂ ହକିରେ ଦେଶକୁ ପ୍ରତିନିଧିତ୍ୱ କରିଥିବା ଏକମାତ୍ର ଭାରତୀୟ କ୍ରୀଡ଼ାବିତ୍। ୧୯୩୪ ଇଂଲଣ୍ଡ ବିପକ୍ଷରେ କଲିକତାଠାରେ ଜୀବନର ଏକମାତ୍ର ଟେଷ୍ଟମ୍ୟାଚ୍ ଖେଳିଥିବା ଗୋପାଲନ୍ ପ୍ରଥମ ଶ୍ରେଣୀ ରଣଜୀ ଟ୍ରଫିରେ ୭୮ଟି ମ୍ୟାଚ୍ ଖେଳି ଗୋଟିଏ ଶତକ ଏବଂ ୧୭ଟି ଅର୍ଦ୍ଧଶତକ ସହିତ ୨୯୧୬ ରନ୍ ସ୍କୋର କରିଥିଲେ ଏବଂ ୧୯୪ଟି ଉଇକେଟ ହାସଲ କରିଥିଲେ। ରଣଜୀ ଟ୍ରଫି ଇତିହାସରେ ପ୍ରଥମ ରଣଜୀ ମ୍ୟାଚ୍‌ରେ (୧୯୩୪) ମାଡ୍ରାସ ପକ୍ଷରୁ ମହୀଶୂର ବିପକ୍ଷରେ ପ୍ରଥମ ବଲ୍ ବୋଲିଂ କରି ନିଆରା ରେକର୍ଡ ତାଙ୍କ ନାମରେ କରିଥିଲେ।

**ହକି:** ୧୯୩୫ରେ ଭାରତୀୟ ଜାତୀୟ ହକି ଦଳର ସଦସ୍ୟ ଭାବେ ଧ୍ୟାନ ଚାନ୍ଦଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲେ। ୧୯୩୬ରେ ଭାରତୀୟ କ୍ରିକେଟ ଦଳର ସଦସ୍ୟ ଭାବେ ଇଂଲଣ୍ଡ ଗସ୍ତ ପାଇଁ ମନୋନୀତ ହୋଇଥିବାରୁ ବର୍ଲିନ ଅଲିମ୍ପିକ୍ସ ପାଇଁ ଅନୁଷ୍ଠିତ ହୋଇଥିବା ଚୟନ ପ୍ରକ୍ରିୟାରେ ସାମିଲ ହୋଇ ନ ଥିଲେ। ଅନେକ ବିଶେଷଜ୍ଞଙ୍କ ମତରେ ଏହା ଗୋପାଲନ୍‌ଙ୍କର ଏକ ଭୁଲ୍ ନିଷ୍ପତ୍ତି ଥିଲା। କାରଣ ଏହା ଜଣା ଥିଲା ଯେ ଭାରତୀୟ କ୍ରିକେଟ ଦଳରେ ୨ ନିର୍ଭରଯୋଗ୍ୟ ଦ୍ରୁତ ବୋଲର ମହମ୍ମଦ ନିଶାର ଓ ଅମର ସିଂ ରହିଥିବାବେଳେ ଦ୍ରୁତ ବୋଲର ଭାବେ ଖେଳିବାର ସମ୍ଭାବନା ଥିଲା ସୀମିତ। ଅପରପକ୍ଷେ ଭାରତୀୟ ହକି ଦଳର ଜଣେ ନିୟମିତ ଖେଳାଳି ଭାବେ ବର୍ଲିନ ଅଲିମ୍ପିକ୍ସରେ ଖେଳିବାର ସୁଯୋଗ ହାତଛଡ଼ା କରିଥିଲେ। ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟ ଭାବେ ସେ କୌଣସି ମ୍ୟାଚ୍ ଖେଳିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ। ଆଭ୍ୟନ୍ତରୀଣ କନ୍ଦଳ ପାଇଁ ଭାରତୀୟ ଦଳ ଟୁର୍ ଅଧାରୁ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲା।

**କୋଟା ରାମସ୍ୱାମୀ (ଭାରତ, ୧୮୯୬ - ୧୯୯୦)**

(ଆନ୍ତର୍ଜାତୀୟ କ୍ରିକେଟର ଏବଂ ଟେନିସ୍ ଖେଳାଳି)

ମାଡ୍ରାସ ଜନ୍ମିତ କୋଟା ରାମସ୍ୱାମୀ ଇଂଲଣ୍ଡର ପ୍ରସିଦ୍ଧ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ (୧୯୧୯-୨୩) ଉଭୟ ଟେନିସ୍ ଏବଂ କ୍ରିକେଟରେ ଜଣେ ଦକ୍ଷ ଖେଳାଳି ଥିଲେ।

**କ୍ରିକେଟ:** ୧୯୩୬ରେ ଇଂଲଣ୍ଡ ବିପକ୍ଷରେ ୨ଟି ଟେଷ୍ଟମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ସହିତ ୧୭୦ ରନ୍ ସ୍କୋର କରିଥିଲେ। ପ୍ରଥମ ଶ୍ରେଣୀ ରଣଜୀ ଟ୍ରଫିରେ ୫୩ଟି ମ୍ୟାଚ୍‌ରେ ୨ଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକ ସହିତ ୨୪୦୦ ରନ୍ ଏବଂ ୩୦ଟି ଉଇକେଟ ହାସଲ କରିଥିଲେ।

**ଟେନିସ୍:** ୧୯୨୨ରେ ଭାରତକୁ ଡେଭିସ୍ କପ୍ (ଡବଲ୍ସ)ରେ ପ୍ରତିନିଧିତ୍ୱ କରିଥିଲେ ଏବଂ ସେହିବର୍ଷ ପ୍ରସିଦ୍ଧ ୱିମ୍ବେଲଡନ ଟେନିସ୍ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୨୩ରେ ସାଉଥ୍ ଅଫ୍ ଇଂଲଣ୍ଡ ପ୍ରତିଯୋଗିତାରେ ଏକକ ଚାମ୍ପିୟନ ଟ୍ରଫି ବିଜେତା ହୋଇଥିଲେ।

**ଏଲିସେ ପେରି (ଅଷ୍ଟ୍ରେଲିଆ, ଜନ୍ମ— ୧୯୯୦)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ଫୁଟବଲ ଖେଳାଳି)

ଆଇସିସି ବିଶ୍ୱ କପ୍ କ୍ରିକେଟ୍ ଏବଂ ଫିଫା ବିଶ୍ୱକପ୍ ଫୁଟ୍‌ବଲ (ମହିଳା) ଖେଳିବାରେ ବିଶ୍ୱର ଏକମାତ୍ର କ୍ରୀଡ଼ାବିତ୍ ହେଉଛନ୍ତି ଏଲିସେ ପେରି।

**କ୍ରିକେଟ:** ଅଷ୍ଟ୍ରେଲିଆର ସର୍ବକାଳୀନ ଶ୍ରେଷ୍ଠ କ୍ରିକେଟର ମାନ୍ୟତା ପାଇଥିବା ପେରିଙ୍କ କ୍ରିକେଟ ଜୀବନ ୨୦୦୭ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ଦିବସୀୟ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ୨୦୦୮ରେ ଇଂଲଣ୍ଡ ବିପକ୍ଷରେ ଉଭୟ ଟେଷ୍ଟ ଏବଂ ଟି୨୦ରେ ପଦାର୍ପଣ କରିଥିଲେ।

**ଫୁଟବଲ:** ଜଣେ ଦକ୍ଷ ରକ୍ଷଣଭାଗ ଖେଳାଳି ଭାବେ ୨୦୦୭ରୁ ୨୦୧୩ ମଧ୍ୟରେ ଇଂଲଣ୍ଡ ଜାତୀୟ ମହିଳା ଦଳକୁ ୧୮ଥର ପ୍ରତିନିଧିତ୍ୱ କରିଛନ୍ତି। ୨୦୦୮ ଏଏଫସି ମହିଳା ଏସିଆ କପ୍ ଏବଂ ୨୦୧୧ ଫିଫା ମହିଳା ଫୁଟବଲ ବିଶ୍ୱକପ୍‌ରେ ଇଂଲଣ୍ଡ ତରଫରୁ ଖେଳିଥିବା ପେରି ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ସ୍ୱିଡେନ ବିପକ୍ଷରେ ଏକମାତ୍ର ଗୋଲ୍ ସ୍କୋର କରିଥିଲେ ମଧ୍ୟ ଇଂଲଣ୍ଡ ଦଳ (୧-୩ ଗୋଲ୍‌ରେ) ପରାସ୍ତ ହୋଇଥିଲା।



ଏଲିସେ ପେରି

**ବ୍ରିଆନ୍ ବୁଥ୍ (ଅଷ୍ଟ୍ରେଲିଆ— ଜନ୍ମ— ୧୯୩୩)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ହକି ଖେଳାଳି)

**କ୍ରିକେଟ୍—** ୬୦ ଦଶକରେ ଅଷ୍ଟ୍ରେଲିଆର ଅନ୍ୟତମ ଆକର୍ଷଣୀୟ ମଧ୍ୟମଭାଗ ବ୍ୟାଟ୍ସମ୍ୟାନ୍ ଭାବେ ପରିଚିତ ବ୍ରିଆନ୍ ବୁଥ୍ ୧୯୬୧ରୁ ୬୬ ମଧ୍ୟରେ ୨୯ଟି ଟେଷ୍ଟମ୍ୟାଚ୍‌ରେ ୫ ଶତକ ଓ ୧୦ ଅର୍ଦ୍ଧଶତକ ସହିତ ୧୭୭୩ ରନ୍ ସ୍କୋର କରିଥିବାବେଳେ ପ୍ରଥମ ଶ୍ରେଣୀ ନିୟୁ ସାଉଥ ୱେଲ୍ଥ ପକ୍ଷରୁ ଖେଳି ୧୮୩ଟି ମ୍ୟାଚ୍‌ରେ ୨୬ ଶତକ ଓ ୬୦ ଅର୍ଦ୍ଧଶତକ ସହିତ ୧୧,୨୬୫ ରନ୍ ସ୍କୋର କରିଥିଲେ।

**ହକି—** ୧୯୫୬ ମସିହା ମେଲବୋର୍ନ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଜାତୀୟ ହକି ଦଳକୁ ପ୍ରତିନିଧିତ୍ୱ କରିଥିଲେ।

**ଜଣ୍ଟି ରୋଡ୍ସ (ଦକ୍ଷିଣଆଫ୍ରିକା) ଜନ୍ମ— ୧୯୬୯**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ହକି ଖେଳାଳି)

**କ୍ରିକେଟ:** ବିଶ୍ୱ କ୍ରିକେଟ୍‌ରେ ଅନ୍ୟତମ ଶ୍ରେଷ୍ଠ ଫିଲ୍ଡରର ମାନ୍ୟତା ପାଇଥିବା ଜଣ୍ଟି ରୋଡ୍‌ସଙ୍କର ଟେଷ୍ଟମ୍ୟାଚ୍, ଏକଦିବସୀୟ ଏବଂ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ପ୍ରଦର୍ଶନ ଥିଲା—ଟେଷ୍ଟ: ମ୍ୟାଚ୍ - ୫୨, ଶତକ-୩, ଅର୍ଦ୍ଧଶତକ-୧୭, ରନ୍ ୨୫୩୨



ଯୁଜବେନ୍ଦ୍ର ଚହଲ



ଜଣ୍ଟି ରୋଡ୍ସ

ଏକଦିବସୀୟ: ମ୍ୟାଚ୍- ୨୪୫, ଶତକ-୨, ଅର୍ଦ୍ଧଶତକ-୩୩, ରନ୍- ୫୯୩୫
ପ୍ରଥମ ଶ୍ରେଣୀ: ମ୍ୟାଚ୍-୧୬୪, ଶତକ-୨୨, ଅର୍ଦ୍ଧଶତକ-୫୨, ରନ୍-୯୫୪୬
ହକି— ୧୯୯୨ ବାର୍ସେଲୋନା ଅଲିମ୍ପିକ୍ସ ପାଇଁ ଜାତୀୟ ଦଳରେ ସାମିଲ ହୋଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଦଳ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲା। ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ସ ସମୟରେ ତାଙ୍କର ହାମଷ୍ଟ୍ରିଙ୍ଗ୍ ଆଘାତପ୍ରାପ୍ତ ହୋଇଥିବାରୁ ସେ ଜାତୀୟ ଦଳରୁ ବାଦ୍ ପଡ଼ିଥିଲେ।

**ଡାଭିଡ୍ ହଟନ (ଜିମ୍ବାୱେ— ଜନ୍ମ— ୧୯୫୭)**

(ଆନ୍ତର୍ଜାତୀୟ କ୍ରିକେଟର ଏବଂ ହକି ଖେଳାଳି)

**କ୍ରିକେଟ୍:** ଜିମ୍ବାୱେ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଡାଭିଡ ହଟ୍‌ନ ୧୯୯୨ରେ ଭାରତ ବିପକ୍ଷରେ ତାଙ୍କ ଟେଷ୍ଟ କ୍ରିକେଟ ଜୀବନ ଆରମ୍ଭ କରି ସମୁଦାୟ ୨୨ଟି ମ୍ୟାଚ୍‌ରେ ୪ ଶତକ ଓ ୪ ଅର୍ଦ୍ଧଶତକ ସହିତ ୧୪୬୪ ରନ୍ ସ୍କୋର କରିଥିଲେ। ସେହିପରି ଏକ ଦିବସୀୟ କ୍ରିକେଟ୍‌ରେ ୬୩ ମ୍ୟାଚ୍, ୧ ଶତକ, ୧୨ ଅର୍ଦ୍ଧଶତକ ସହିତ ୧୫୩୦ ରନ୍ ଏବଂ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୨୦ମ୍ୟାଚ୍, ୧୭ ଶତକ, ୩୬ ଅର୍ଦ୍ଧଶତକ ସହିତ ୭୪୪୫ ରନ୍ କରିଥିଲେ।

**ହକି:** ଅନେକ ବର୍ଷ ଧରି ହଟନ ଜିମ୍ବାୱେ ଜାତୀୟ ହକି ଦଳର ଗୋଲ ରକ୍ଷକ ଭାବେ ଦେଶକୁ ପ୍ରତିନିଧିତ୍ୱ କରିଥିଲେ।

**କିଥ୍ ଥମ୍‌ସନ (ନ୍ୟୁଜିଲାଣ୍ଡ, ଜନ୍ମ— ୧୯୪୧)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ହକି ଖେଳାଳି)

**କ୍ରିକେଟ:** ୧୯୬୮ରେ ଭାରତ ବିପକ୍ଷରେ ୨ଟି ଟେଷ୍ଟ ଖେଳି ଗୋଟିଏ ଅର୍ଦ୍ଧଶତକ ସହିତ ୯୪ ରନ୍ କରିଥିବାବେଳେ, କାଣ୍ଟରବରି ପାଇଁ ୭୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୫ଟି ଶତକ ଓ ୧୫ଟି ଅର୍ଦ୍ଧଶତକ ସହିତ ୩୧୩୪ ରନ୍ ସ୍କୋର କରିଥିଲେ।

**ହକି:** ନ୍ୟୁଜିଲାଣ୍ଡ ଜାତୀୟ ହକି ଦଳର ସଦସ୍ୟ ଭାବେ ୧୯୬୮ ମେକ୍ସିକୋ ଅଲିମ୍ପିକ୍ସରେ ଥମସନ ଭାଗନେଇଥିଲେ ଏବଂ ସମୁଦାୟ ୨୮ ଥର ନ୍ୟୁଜିଲାଣ୍ଡ ଜାତୀୟ ଦଳକୁ ପ୍ରତିନିଧିତ୍ୱ କରିଥିଲେ।

**ଯୁଜବେନ୍ଦ୍ର ଚହଲ (ଭାରତ: ଜନ୍ମ— ୧୯୯୦)**

(ଅନ୍ତର୍ଜାତୀୟ କ୍ରିକେଟର ଏବଂ ଚେସ୍ ଖେଳାଳି)

**କ୍ରିକେଟ:** ଡାହାଣହାତୀ ଲେଗ୍ ବ୍ରେକ୍ ବୋଲର ଯୁଜବେନ୍ଦ୍ର ଚହଲ ୨୦୧୬ରେ ଜିମ୍ବାୱେ ବିପକ୍ଷରେ ଉଭୟ ଏକଦିବସୀୟ ଏବଂ ଟି୨୦ ଅନ୍ତର୍ଜାତୀୟ କ୍ରୀଡ଼ା ଜୀବନ ଆରମ୍ଭ କରିଥିଲେ। ବର୍ତ୍ତମାନ ସକ୍ରିୟ ଥିବା ଚହଲ ୫୪ଟି ଏକ ଦିବସୀୟ ମ୍ୟାଚ୍‌ରେ ୯୧ଟି ଉଇକେଟ ନେଇଥିଲାବେଳେ ଟି୨୦ରେ ୪୫ଟି ମ୍ୟାଚ୍‌ରୁ ୫୯ଟି ଉଇକେଟ ହାସଲ କରିଛନ୍ତି।

**ଚେସ୍:** ପେସାଦାର କ୍ରିକେଟର ହେବା ପୂର୍ବରୁ ଜଣେ ପ୍ରତିଭାବାନ୍ ଚେସ୍ ଖେଳାଳି ଭାବେ ଚହଲ ୧୨ ବର୍ଷରୁ କମ୍ ବୟସ ବର୍ଗରେ ଜାତୀୟ ଚାମ୍ପିୟନ ହେବା ସହିତ ଗ୍ରିସ୍‌ରେ ଅନୁଷ୍ଠିତ ବିଶ୍ୱ ଯୁବ ଚେସ୍ ଚାମ୍ପିୟନଶିପ୍‌ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

**-୩, ଗୌତମ ନଗର**



# ଭାରତୀୟ ଶୁଟିଂ ଦଳ ୧୬ରେ ଟୋକିଓ ଯିବ

**ନୂଆଦିଲ୍ଲୀ, ୮।୭ (ପି.ଟି.):** ସମ୍ପ୍ରତି କ୍ରୋଏସିଆରେ ପ୍ରତିଯୋଗିତା ସହ ଟ୍ରେନିଂରେ ବ୍ୟସ୍ତଥିବା ଭାରତୀୟ ଶୁଟିଂ ଦଳ ଚଳିତ ମାସ ୧୬ ତାରିଖରେ ଜାଗ୍ରେବରୁ ଟୋକିଓ ଅଭିମୁଖେ ଯାତ୍ରା କରିବ। ୧୭ ତାରିଖରେ ଜାପାନରେ ପହଞ୍ଚିବାପରେ ଶୁଟର ଏବଂ ସପୋର୍ଟ ଷ୍ଟାଫ୍‌ମାନେ ୩ କିମ୍ବା ୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ମେ' ମାସରେ ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଥିବାବେଳେ ଭାରତୀୟ ଶୁଟିଂ ପ୍ରତିନିଧି ଦଳ କ୍ରୋଏସିଆ ଯାତ୍ରା କରିଥିଲା। ସେଠାରୁ ଦଳ ସିଧାସଳଖ ଟୋକିଓ ଯାଉଥିବାରୁ ଅଧିକ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ନାହିଁ। ମାତ୍ର ଭାରତରୁ ଯିବାକୁଥିବା ଆଥଲେଟ୍‌ଙ୍କୁ ଅଧିକ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟତାମୂଳକ ବୋଲି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ ସୂତ୍ରରୁ ପ୍ରକାଶ କରାଯାଇଛି।

ଆଗାମୀ ଅଲିମ୍ପିକ୍ସରେ ଭାରତୀୟ ଶୁଟରମାନେ ପଦକ ଜିତିବା ବହୁ ସମ୍ଭାବନା ରହିଛି। ନିଜ ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବାପାଇଁ ମେ' ଶୁଟିଂ ଟିମ୍ ୧୧ ତାରିଖରେ ଜାଗ୍ରେବ ଯାତ୍ରା କରିଥିଲା। ଗତ କିଛି ବର୍ଷ ଧରି ଭାରତୀୟ ଶୁଟରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଛି। ତେଣୁ ଅଲିମ୍ପିକ୍ସରେ ମଧ୍ୟ ଏହି ଇଭେଣ୍ଟରୁ ଅଧିକ ପଦକ ଆଶା ରହିଛି। ଟୋକିଓ ଅଲିମ୍ପିକ୍ସରେ ଭାରତରୁ ରେକର୍ଡ ସଂଖ୍ୟକ ୧୫ ଶୁଟର ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୮ ରାଇଫଲ ଏବଂ ୫ ପିସ୍ତଲ ଶୁଟର ସାମିଲ। ଭାରତୀୟ ଶୁଟରମାନେ କ୍ରୋଏସିଆ ଶୁଟରଙ୍କ ସହ ମିଶି ଅଭ୍ୟାସ ଚଳାଇଛନ୍ତି। ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ପିକ୍‌ରେ ଥିବାବେଳେ ଭାରତୀୟ ଶୁଟିଂ ଦଳ କ୍ରୋଏସିଆ ପଳାଇ ଥିବାରୁ ଭଲ ଅଭ୍ୟାସ ସମ୍ଭବ ହୋଇପାରିଛି। କ୍ରୋଏସିଆରେ ଅବସ୍ଥାନ ସମୟରେ ଭାରତୀୟ ଶୁଟରମାନେ ଓସିଜେକ୍‌ରେ ମେ ୨୯ରୁ ଜୁନ୍ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍ ଏବଂ ଜୁନ୍ ୨୨ରୁ ଜୁଲାଇ ୩ ପର୍ଯ୍ୟନ୍ତ ଆୟୋଜିତ ଶୁଟିଂ ବିଶ୍ୱକପରେ ଅଂଶଗ୍ରହଣ କରିଥିଲା। ପ୍ରକାଶ ଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଆଥଲେଟିକ୍ ଦଳ ଜୁଲାଇ ୧୭ରେ ଟୋକିଓ ଯିବାର କାର୍ଯ୍ୟକ୍ରମ ରହିଛି।

## ଫିଜି ଅଲିମ୍ପିକ ଟିମ୍‌ର ଜଣେ ଅଫିସିଆଲ ପଜିଟିଭ

**ୱେଲିଂଟନ, ୮।୭ (ଏପି):** କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବା ପରେ ଟୋକିଓ ଗସ୍ତ କରିବାକୁ ଥିବା ଫିଜି ଅଲିମ୍ପିକ ଟିମ୍‌ର ଜଣେ ଅଫିସିଆଲଙ୍କୁ ପ୍ରତ୍ୟାହାର କରି ନିଆଯାଇଛି। ଟୋକିଓ ଗେମ୍ସ ପ୍ଲେବୁକ୍‌ରେ ସ୍ଥାନ ପାଇଥିବା ମାର୍ଗଦର୍ଶିକା ଅନୁସାରେ ଜାପାନ ଗସ୍ତ ପୂର୍ବରୁ ଫିଜି ଦଳ ୯୬ଘଣ୍ଟା ଆଇସୋଲେଶନରେ ରହିଆସିଥିଲା। ପ୍ରସ୍ଥାନର ୭୨ ଘଣ୍ଟା ପୂର୍ବରୁ ଦଳର ସଦସ୍ୟମାନଙ୍କର ଟେଷ୍ଟ ହୋଇଥିଲା। ଫିଜି ଦଳରେ ଆଥ୍‌ଲେଟ୍, ଅଫିସିଆଲ ଏବଂ ଓସେନିଆ ନ୍ୟାଶନାଲ ଅଲିମ୍ପିକ କମିଟିର ଷ୍ଟାଫ୍ ରହିଛନ୍ତି। ଦଳ ଗୁରୁବାର ମଧ୍ୟରାତ୍ରରେ ଟୋକିଓ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା। ଫିଜିରେ ଏପ୍ରିଲରୁ କୋଭିଡ୍ ଗୋଷ୍ଠୀ ସଂକ୍ରମଣ ଦେଖାଦେଇଛି।

# ଟୋକିଓରେ ଜରୁରିକାଳୀନ ପରିସ୍ଥିତି, ବିନା ଦର୍ଶକରେ ଅଲିମ୍ପିକ୍ସ

**ଟୋକିଓ, ୮।୭ (ଏପି):** ଟୋକିଓ ଅଲିମ୍ପିକ୍ସରେ ଦର୍ଶକଙ୍କୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଗୁରୁବାର ଜରୁରିକାଳୀନ ପରିସ୍ଥିତି ଜାରି ପରେ ଅଲିମ୍ପିକ ମନ୍ତ୍ରୀ ତାମାୟୋ ମାରୁକାୱା ଏକ ଜାପାନିଜ ନ୍ୟୁଜ ଏଜେନ୍ସିକୁ ଏହା କହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଓ ଜାପାନର ଆୟୋଜକଗଣ ତରଫରୁ ମିଳିତ ଭାବେ ନିଷ୍ପତ୍ତି ନିଆଯାଇଛି। ଫଳରେ ଏଥର ଗେମ୍ସ ଏକ ଟିଭି ଇଭେଣ୍ଟରେ ପରିଣତ ହୋଇଛି। କିଛିମାସ ପୂର୍ବରୁ ବିଦେଶୀ ଦର୍ଶକଙ୍କ ଉପରେ କଟକଣା ଜାରି ହୋଇସାରିଛି। ଜାପାନ ପ୍ରଧାନମନ୍ତ୍ରୀ ୟୋଶିଦେ ସୁଗା ସ୍ପଷ୍ଟ କରିଛନ୍ତି ଯେ ଇନ୍‌ଡୋର ହେଉ ଅବା ଆଉଟ୍‌ଡୋର୍ ବିନା ଦର୍ଶକରେ ପ୍ରତିଯୋଗିତା ହେବ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍ ଗୁରୁବାର ଟୋକିଓରେ ପହଞ୍ଚିବା ପୂର୍ବରୁ ରାଜଧାନୀରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜାପାନ ପ୍ରଧାନମନ୍ତ୍ରୀ ସୁଗା ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ଏହା ଆସନ୍ତା ସୋମବାରଠାରୁ ଲାଗୁ ହେବ ଏବଂ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବାରୁ ଯାହା ଜଣାପଡୁଛି ଟୋକିଓ ଗେମ୍ସ ଜରୁରିକାଳୀନ ପରିସ୍ଥିତି ମଧ୍ୟରେ ହିଁ ଆୟୋଜିତ ହେବ। ପାରାଲିମ୍ପିକ୍ସ କିନ୍ତୁ ଅଗଷ୍ଟ ୨୪ରୁ ହେବାର କାର୍ଯ୍ୟକ୍ରମ ରହିଛି। ଦେଶକୁ ଡେଲ୍‌ଟା ଷ୍ଟ୍ରେନ୍ ସଂକ୍ରମଣରୁ ବଞ୍ଚାଇବା ଲାଗି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜରୁରିକାଳୀନ ପରିସ୍ଥିତି ଜାରି କରିବାକୁ ପଡ଼ିଛି ବୋଲି ସୁଗା କହିଛନ୍ତି। ବ୍ୟାକ୍ ଗୁରୁବାର ଅପରାହ୍ନରେ ଟୋକିଓର ହାନେଦା ବିମାନବନ୍ଦରରେ ଅବତରଣ କରିଥିଲେ। ଯଥାସମ୍ଭବ କ୍ୟାମେରାକୁ ଏଡାଇଯାଇଥିଲେ। ବିମାନ ବନ୍ଦରରୁ ସହରର କେନ୍ଦ୍ର ସ୍ଥଳରେ ରହିଥିବା ଏକ ୫ ତାରକା ହେଟେଲକୁ ଯାଇଥିଲେ, ଯେଉଁଠାରେ କି ଅଲିମ୍ପିକ କମିଟି ଗେମ୍ସ ମୁଖ୍ୟାଳୟ ରହିଛି। ସେଠାରେ ସେ ୩ ଦିନ ଆଇସୋଲେଶନରେ ରହିବେ। ମହାମାରୀ ସମୟରେ ଗେମ୍ସ ଆୟୋଜନକୁ ଜାପାନ ବାସିନ୍ଦା ଓ ଦେଶର ମେଡିକାଲ କମ୍ୟୁନିଟିର ଦୃଢ଼ ବିରୋଧ ସତ୍ତ୍ୱେ ଆଇଓସି ଓ ସ୍ଥାନୀୟ ଆୟୋଜକଗଣ ଗେମ୍ସ ଆୟୋଜନ ନେଇ ବଦ୍ଧପରିକର। ଜରୁରିକାଳୀନ ପରିସ୍ଥିତି ଜାରିହେବା ଦ୍ୱାରା ବାର୍, ରେସ୍ତୋରାଁ ଓ କାରାଓକ୍ ପାର୍ଲରଗୁଡ଼ିକୁ ବନ୍ଦ ରଖିବା ଲାଗି ଅନୁରୋଧ କରାଯିବ। ଫଳରେ ଲୋକେ ପାର୍ଟି ଅବା ମଦ୍ୟ ପରିବେଷଣ ସହ ଅଲିମ୍ପିକ ସମ୍ପର୍କିତ ଖୁସି ଉତ୍ସବ ପାଳିପାରିବେ ନାହିଁ। ଟୋକିଓ ବାସିନ୍ଦାଙ୍କୁ ଘରେ ରହି ଟିଭି ଜରିଆରେ ଗେମ୍ସ ଦେଖିବା ଲାଗି ଅନୁରୋଧ କରାଯିବ। ଅଲିମ୍ପିକ୍ସ ସମୟରେ ଡ୍ରିଙ୍କ୍ସ ପାର୍ଟିରୁ ଲୋକମାନଙ୍କୁ ରୋକାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନୋରିଶା ତାମୁରା କହିଛନ୍ତି। ବର୍ତ୍ତମାନ ଚାଲିଥିବା ଜରୁରିକାଳୀନ ପରିସ୍ଥିତିର ଅବଧି ରବିବାର ଶେଷ ହେଉଛି।

TOKYO 2020
ଆଉ ୧୫ ଦିନ



www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶୁକ୍ରବାର, ଜୁଲାଇ ୯/୨୦୨୧ Berhampur, Friday, July 9/ 2021

# ବାର୍ଟି–ପ୍ଲିସ୍କୋଭା ଫାଇନାଲ

**ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ**

ଲଣ୍ଡନ, ୮।୭

ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବାର୍ଟି ଜର୍ମାନୀର ଆଞ୍ଜେଲିକ୍ କର୍ବରଙ୍କୁ ୬–୩, ୭–୬(୭/୩) ସେଟ୍‌ରେ ପରାସ୍ତ କରିଛନ୍ତି। ବାର୍ଟି ପ୍ରଥମ ସେଟ୍‌ରେ ସହଜ ବିଜୟ ହାସଲ କରିଥିଲେ ହେଁ କର୍ବର ଦ୍ୱିତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ତେବେ ଶେଷରେ ଭାଗ୍ୟ ବାର୍ଟିଙ୍କୁ ସାଥ୍ ଦେଇଥିଲା। ୨୦୧୯ରେ ଫ୍ରେଞ୍ଚ ଓପନ ଚାମ୍ପିୟନ ବାର୍ଟି ପ୍ରଥମଥର ପାଇଁ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ କାର୍ଲା ସୁଆରେଜ ନାଭାରୋ, ଦ୍ୱିତୀୟ ରାଉଣ୍ଡରେ ଆନା ବ୍ଲିଙ୍କୋଭା, ତୃତୀୟ ରାଉଣ୍ଡରେ କ୍ୟାଟରିନା ସିନିଆକୋଭାଙ୍କୁ ହରାଇଥିବା ଏହି ଅଷ୍ଟ୍ରେଲୀୟ ଖେଳାଳି କ୍ୱାର୍ଟର ଫାଇନାଲରେ ନିଜ ଦେଶର ଆଜଲା ଟୋମିଜାନୋଭିକ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପ୍ଲିସ୍କୋଭା ଦ୍ୱିତୀୟ ସେମିଫାଇନାଲରେ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୫–୭, ୬–୪, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ଲିସ୍କୋଭାଙ୍କର ଏହା ପ୍ରଥମ ୱିମ୍ବଲଡନ ଫାଇନାଲ ପ୍ରବେଶ। ୨୦୧୬ରେ ସେ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିଲେ। ୨୦୧୯ରେ ସେ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୭ରେ ଫ୍ରେଞ୍ଚ ଓପନର ସେମିଫାଇନାଲରୁ ବିଦାୟ ନେଇଥିଲେ।

ପୁରୁଷ ଡବଲ୍ସରେ ହୋରାସିଓ ଜେବାଲୋସ ଓ ମାର୍ସେଲ ଗ୍ରାନୋଲେର୍ସ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଏହି ଯୋଡ଼ି ସିମୋନେ ବୋଲେଲି ଓ ମାକ୍ସିମୋ ଗୋଞ୍ଜାଲେଜଙ୍କୁ ୬–୪, ୬–୪, ୭–୬(୭/୩) ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ନିକୋଲା ମେକଟିକ୍ ଓ ମେଟ୍ ପାଭିକ୍ ଯୋଡ଼ି ୭–୬(୮/୬), ୬–୩, ୬–୭(୨/୭), ୭–୬(୭/୫) ସେଟ୍‌ରେ ରାଜୀବ ରାମ ଓ ଜୋ ସାଲିସବୁରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।



ସେମିଫାଇନାଲ୍ ଅବସରରେ ଶଟ୍ ଖେଳୁଛନ୍ତି ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି।

# ପ୍ରଥମଥର ଫାଇନାଲରେ ଇଂଲଣ୍ଡ

**ୟୁରୋକପ୍ ଫୁଟବଲ**

ଲଣ୍ଡନ,୮।୭

ଦୀର୍ଘ ୫୫ ବର୍ଷ ପରେ ଇଂଲଣ୍ଡ କୌଣସି ମେଜର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ୱେମ୍ବଲି ଷ୍ଟାଡିୟମରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ୨–୧ ଗୋଲରେ ଡେନ୍‌ମାର୍କକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପଛରେ ଥିଲେ ମଧ୍ୟ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବା ସହ ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଛି। ରବିବାର ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ଓ ଇଟାଲୀ ମୁହାଁମୁହିଁ ହେବେ। ୧୯୬୬ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ଇଂଲଣ୍ଡ ପ୍ରଥମଥର ପାଇଁ କୌଣସି ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଥିଲା। ଏହାପରେ ଇଂଲଣ୍ଡ ମଧ୍ୟ ପ୍ରଥମଥର ପାଇଁ ୟୁରୋକପ୍ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ। ଏହାପୂର୍ବରୁ ଇଂଲଣ୍ଡ ବିଶ୍ୱକପ୍ କିମ୍ବା ୟୁରୋକପ୍‌ରେ ୪ଟି ସେମିଫାଇନାଲରେ ପରାସ୍ତ ହୋଇଥିଲା। ତେଣୁ ଏହି ବିଜୟ ଏବେ ଇଂଲଣ୍ଡ ପାଇଁ ଐତିହାସିକ ସାବ୍ୟସ୍ତ ହୋଇଛି। ୧୯୯୦, ୧୯୯୬ ଓ ୨୦୧୮ରେ ଇଂଲଣ୍ଡ ପେନାଲ୍ଟି ଶୁଟ୍ ଆଉଟ୍‌ରେ ୩ଟି ସେମିରେ ପରାସ୍ତ ହୋଇଥିଲା।

ଏହି ରୋମାଞ୍ଚକ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧–୧ ଗୋଲରେ ଅମୀମାଂସିତ ରହିଥିଲା। ଫଳାଫଳ ପାଇଁ ଅତିରିକ୍ତ ସମୟକୁ ମ୍ୟାଚ୍ ଯାଇଥିଲା। ୧୦୪ତମ ମିନିଟ୍‌ରେ ପେନାଲ୍ଟି ପ୍ରତିହତ ହେବା ପରେ ରିବାଉଣ୍ଡ ଶଟ୍ ମାରି ଅଧିନାୟକ ହ୍ୟାରୀ କେନ୍ ବିଜୟ ସୂଚକ ଗୋଲ ସ୍କୋର କରିବା ସହ ମ୍ୟାଚ୍‌ର ହିରୋ ସାବ୍ୟସ୍ତ ହୋଇଥିଲେ। ତେବେ ପ୍ରଥମେ ଡେନ୍‌ମାର୍କ ତରଫରୁ ୩୦ତମ ମିନିଟ୍‌ରେ ମିକେଲ ଡାମ୍ସଗାର୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ୯ ମିନିଟ୍ ପରେ ଡେନ୍‌ମାର୍କର ସାଇମନ ଜାଏରଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ ୧–୧ ବରାବର ସ୍ଥିତିକୁ ଆସିଥିଲା। ଏହାପରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଏହାପରେ କେନ୍ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଆଉ ଅଧିକ ଗୋଲ ନ ହେବା ଫଳରେ ଇଂଲଣ୍ଡ ଶେଷରେ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ଇଂଲଣ୍ଡ ଅପେକ୍ଷାକୃତ ଅଧିକ ସମୟ ବଲ୍‌କୁ ନିଜ ପାଖରେ ରଖିଥିଲା। ସେହିପରି ଇଂଲଣ୍ଡ ଖେଳାଳିମାନେ ଅଧିକ ପାସ ଦେଇଥିଲେ ଓ ଏଥିରେ ଇଂଲଣ୍ଡର ଆକ୍ୟୁରେସି ମଧ୍ୟ ଉନ୍ନତ ଥିଲା। ଇଂଲଣ୍ଡ ଖେଳାଳିମାନେ ମଧ୍ୟ ଅଧିକ ସଂଖ୍ୟାରେ ଲକ୍ଷ୍ୟ ସ୍ଥଳକୁ ଟାର୍ଗେଟ କରିଥିଲା।

ଏହାପୂର୍ବରୁ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ୟୁକ୍ରେନକୁ ୪–୦ ଗୋଲରେ ପରାସ୍ତ କରିଥିଲା। ସେହିପରି ରାଉଣ୍ଡ ଅଫ୍ ୧୬ରେ ଇଂଲଣ୍ଡ ୨–୦ ଗୋଲରେ ଜର୍ମାନୀକୁ ହରାଇଥିଲା। ଅନ୍ୟପଟେ ଡେନ୍‌ମାର୍କ ୪–୦ ଗୋଲରେ ୱେଲ୍ସକୁ ରାଉଣ୍ଡ ଅଫ୍ ୧୬ରେ ହରାଇବା ପରେ କ୍ୱାର୍ଟରରେ ଚେକ୍ ଗଣରାଜ୍ୟକୁ ୨–୧ ଗୋଲରେ ହରାଇ ସେମିରେ ପ୍ରବେଶ କରିଥିଲା। କୌଣସି ମେଜର ଟୁର୍ନାମେଣ୍ଟ(ୟୁରୋ/ ବିଶ୍ୱକପ୍)ରେ ଡେନ୍‌ମାର୍କ ପଞ୍ଚମ ଦଳ ଭାବେ ୩ଟି ବିଜୟ ଓ ୩ଟି ପରାଜୟ ବରଣ କରିଛି। ଏହାପୂର୍ବରୁ ୟୁଗୋସ୍ଲୋଭିଆ ୧୯୬୨ ବିଶ୍ୱକପ୍, ଅଷ୍ଟ୍ରିଆ ୧୯୭୮ ବିଶ୍ୱକପ୍, ବୁଲଗେରିଆ ୧୯୯୪ ବିଶ୍ୱକପ୍ ଓ ଇଂଲଣ୍ଡ ୨୦୧୮ ବିଶ୍ୱକପ୍‌ରେ ୩ଟି ବିଜୟ ଓ ପରାଜୟ ବରଣ କରିଥିଲା।



ହ୍ୟାରି କେନ୍‌ଙ୍କ ବିଜୟ ସୂଚକ ଗୋଲ ପରେ ଇଂଲଣ୍ଡ ଖେଳାଳି ଖୁସି ମନାଉଛନ୍ତି।

# ଆଇସିସି ସିଇଓ ମନୁ ସାହାନେଙ୍କ ଇସ୍ତଫା

ଦୁବାଇ, ୮।୭ (ପି.ଟି.)

ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ମନୁ ସାହାନେ ଗୁରୁବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ସହକର୍ମୀମାନଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ ଚାଲିଥିବାରୁ ତାଙ୍କୁ ମାର୍ଚ୍ଚ ମାସରେ ଛୁଟିରେ ଯିବା ଲାଗି କୁହାଯାଇଥିଲା। ସାହାନେଙ୍କ ସ୍ଥାନରେ ଜେଫ୍ ଆଲାରଡିସ୍ ପୂର୍ବଭଳି କାମଚଳା ସିଇଓ ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ। ସୂଚନାଯୋଗ୍ୟ, ୨୦୧୯ ଆଇସିସି ବିଶ୍ୱକପ୍ ପରେ ଡେଭ୍ ରିଚାର୍ଡସନଙ୍କ ସ୍ଥାନରେ ସାହାନେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ରହିଥିଲା। ମାତ୍ର ବିଭିନ୍ନ ନୀତି ନିର୍ଦ୍ଧାରଣ ବେଳେ ସେ କେତେକ ପ୍ରଭାବଶାଳୀ କ୍ରିକେଟ ବୋର୍ଡର ମତାମତକୁ ଗୁରୁତ୍ୱ ଦେଉ ନ ଥିଲେ। ୫୬ବର୍ଷୀୟ ସାହାନେ ଗତବର୍ଷ ନୂଆ ଚେୟାରମ୍ୟାନ ପାଇଁ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଖୁବ୍ ଚାପରେ ରହିଥିଲେ।

# ପୋଲିଟ୍ ଜିତିଲେ ଦ୍ୱାଦଶ ଷ୍ଟେଜ୍

ପ୍ୟାରିସ,୮।୭

ଜର୍ମାନୀର ବୋରା ହାନ୍ସଗ୍ରୋ ଟିମ୍‌ର ନିଲ୍ସ ପୋଲିଟ୍ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍‌ର ଦ୍ୱାଦଶ ଷ୍ଟେଜ୍ ଜିତିଛନ୍ତି। ୧୫୯.୪ କିଲୋମିଟର ବିଶିଷ୍ଟ ରେସ୍‌କୁ ସେ ୩ ଘଣ୍ଟା ୨୨ ମିନିଟ୍ ୧୨ ସେକେଣ୍ଡରେ ଶେଷ କରିଥିଲେ। ତାଙ୍କ ପଛକୁ ୩୧ ସେକେଣ୍ଡ ପଛରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସ୍ପେନର ଇମାନୋଲ ଏର୍ଭିଟି (ମୋଭିଷ୍ଟାର) ଓ ଅଷ୍ଟ୍ରେଲିଆର ହ୍ୟାରି ସ୍ୱିନି (ଲୋଟୋ ସାଉଡାଲ) ରହିଥିଲେ। ସ୍ୱିଡେନର ଷ୍ଟିଫାନ କୁଙ୍ଗ୍ ଚତୁର୍ଥ ଓ ସ୍ଲୋଭେନିଆର ଲୁକା ମେଜଗେସ୍ ପଞ୍ଚମ ହୋଇଥିଲେ। ସ୍ଲୋଭେନିଆର ଟାଡେଜ୍ ପୋଗାକାର ୧୫ ମିନିଟ ପଛରେ ରହିଥିଲେ ମଧ୍ୟ ଓଭରଅଲ୍ ଅଗ୍ରଣୀ ସହ ୟେଲୋ ଜର୍ସି ହାସଲ କରିଛନ୍ତି। ପୋଲିଟ କହିଛନ୍ତି ଟୁର୍ ଡି' ଫ୍ରାନ୍ସରେ ଏକ ଷ୍ଟେଜ୍ ଜିତିବା ତାଙ୍କର ଏକ ସ୍ୱପ୍ନ ଥିଲା। ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ୩ ଥର ବିଶ୍ୱ ଚାମ୍ପିୟନ ବୋରା ହାନ୍ସଗ୍ରୋ ପିଟର ସାଗନ ରେସ୍ ଆରମ୍ଭ ହେବା ପୂର୍ବରୁ ଓହରିଯାଇଥିଲେ।



ନିଲ୍ସ ପୋଲିଟ୍

# ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୮।୭(କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭୁବନେଶ୍ୱରରେ ପ୍ରସ୍ତୁତ ହୋଇଥିବା ୫ ପଡ଼ିଆକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ବୁଲି ଦେଖିଛନ୍ତି। କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀ, ପିଏମ୍‌ୟୁ ଟିମ୍ ଏବଂ ପଡ଼ିଆ ପ୍ରସ୍ତୁତି ଦାୟିତ୍ୱ ନେଇଥିବା ସଂସ୍ଥାର ଅଧିକାରୀଙ୍କ ସହ କ୍ରୀଡ଼ାମନ୍ତ୍ରୀ ପଡ଼ିଆର ନିର୍ମାଣଶୈଳୀ, ମାନ ଏବଂ ସ୍ଥାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ ହୋଇଥିବା ୫ ପଡ଼ିଆ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ୨ଟି, ସପ୍ତମ ବାଟାଲିୟନରେ ୨ଟି ଏବଂ ୟୁନିଟ–୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ଗୋଟିଏ ଅବସ୍ଥିତ। ଏଥି ସହିତ ତୁଷାରକାନ୍ତି କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ସମ୍ପ୍ରସାରଣ କାର୍ଯ୍ୟର ତଦାରଖ କରିଥିଲେ। ଷ୍ଟାଡିୟମ ପରିସରରେ ଥିବା ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର, ଇନ୍‌ଡୋର ଆଥଲେଟିକ୍ ଟ୍ରାକ୍, ଟେନିସ ସେଣ୍ଟର କୋର୍ଟ, ଆକ୍ୱାଟିକ୍ କମ୍ପ୍ଲେକ୍ସ, ହକି ହାଇପରଫର୍ମାନ୍ସ ସେଣ୍ଟର, ଅଫିସିଆଲ ଓ କର୍ମଚାରୀଙ୍କ ଆବାସସ୍ଥଳୀର ସମ୍ପ୍ରସାରଣ କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟଭାର ନେଇଥିବା ସଂସ୍ଥାର କାର୍ଯ୍ୟନିର୍ବାହୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗ ଉପଶାସନ ସଚିବ ରଞ୍ଜିତ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭିତ୍ତିଭୂମି ତଦାରଖ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

# କ୍ରୀଡ଼ା ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କଲେ ଅନୁରାଗ

ନୂଆଦିଲ୍ଲୀ,୮।୭ (ପି.ଟି.)

କିରନ ରିଜିଜୁଙ୍କ ସ୍ଥାନରେ ଅନୁରାଗ ଠାକୁର ଗୁରୁବାର ଦେଶର ୧୭ତମ କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତକୁ ଏକ କ୍ରୀଡ଼ାର ପାୱାର ହାଉସ୍‌ରେ ପରିଣତ କରିବାରେ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ସେ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୪୬ ବର୍ଷୀୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସଭାପତି କ୍ରୀଡ଼ା ଓ ଯୁବସେବା ବ୍ୟତୀତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ବିଭାଗ ଦାୟିତ୍ୱ ନେଇଛନ୍ତି। ବୁଧବାର ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୁଲାଇ ୨୩ରୁ ଆରମ୍ଭ ହେବାକୁଥିବା ଅଲିମ୍ପିକ ଗେମ୍ସ ପାଇଁ ପ୍ରସ୍ତୁତିକାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଶେଷକରି ଯୁବ ଓ କ୍ରୀଡ଼ା ବ୍ୟାପାର ଦାୟିତ୍ୱ ମିଳିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ନୂଆ କ୍ରୀଡ଼ାମନ୍ତ୍ରୀଙ୍କୁ ଆଶୀର୍ବାଦଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୮।୭(ସ୍ପୋର୍ଟ୍ସ ବ୍ୟୁରୋ)

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅନୁରାଗ ସିଂ ଠାକୁରଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡ଼ା ପ୍ରତି ଆଗ୍ରହ ଏବଂ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଅନୁରାଗଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ କ୍ରୀଡ଼ା ଅଧିକ ଉନ୍ନତି କରିବ। ଦେଶର କ୍ରୀଡ଼ା ପାଇଁ ଅନୁରାଗ ଅତୀତରେ ଅନେକ କାର୍ଯ୍ୟ କରିଛନ୍ତି। ଭବିଷ୍ୟତରେ ମଧ୍ୟ ତାହା ଜାରି ରହିବ ବୋଲି ଆଶୀର୍ବାଦ ଆଶାପ୍ରକାଶ କରିବା ସହ ଶୁଭକାମନା ଜଣାଇଛନ୍ତି।

# କାବ୍ରେରାଙ୍କୁ ୨ବର୍ଷ ଜେଲ

**ବୁଏନ୍ସଏୟାର୍ସ, ୮।୭(ଏପି):** ପୂର୍ବତନ ମାଷ୍ଟର୍ସ ଓ ୟୁଏସ୍ ଓପନ୍ ଚାମ୍ପିୟନ ଆର୍ଜେଣ୍ଟିନା ଗଲ୍ଫ ଖେଳାଳି ଆଞ୍ଜେଲ କାବ୍ରେରାଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ୫୧ ବର୍ଷୀୟ କାବ୍ରେରା ୨୦୧୬ରୁ ୨୦୧୮ ମଧ୍ୟରେ ତାଙ୍କ ପୂର୍ବତନ ଗର୍ଲଫ୍ରେଣ୍ଡ ଟୋରେସ୍ ମାନାଙ୍କୁ ଆକ୍ରମଣ କରିବା ଓ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଶୁଣାଣି ବେଳେ କିନ୍ତୁ ସେ କୌଣସି ଭୁଲ କାର୍ଯ୍ୟ କରି ନ ଥିବା ଦର୍ଶାଇଥିଲେ। ହେଲେ ତାଙ୍କ ବିରୋଧରେ ଅନ୍ୟ ଦୁଇଜଣ ମହିଳା ସମାନ ଅଭିଯୋଗ ଆଣିଥିବାରୁ ତାଙ୍କ ମାମଲା ଅଧିକ ଜଟିଳ ହୋଇ ପଡ଼ିଥିଲା ବୋଲି ପ୍ରସିକ୍ୟୁଟର ଲାଉରା ବାଟିସ୍‌ଟେନି କହିଛନ୍ତି। କାବ୍ରେରାଙ୍କୁ ଗିରଫ କରିବା ଲାଗି ୱାରେଣ୍ଟ ଜାରି ହୋଇଥିଲା।



# କିଟ୍‌ରେ ଭାରତୀୟ ଭଲିବଲ କୋଚିଂ କ୍ୟାମ୍ପ

ଭୁବନେଶ୍ୱର, ୮।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ସିନିୟର ଭଲିବଲ ଦଳର କୋଚିଂ କ୍ୟାମ୍ପ ଏବଂ ୧୯ ବର୍ଷରୁ କମ୍ ପୁରୁଷ ଭଲିବଲ ଦଳର ଚୟନ ଟ୍ରାଏଲ ଏବଂ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଚଳିତ ମାସ ୧୮ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ୨୧ତମ ଏସିଆନ ସିନିୟର ପୁରୁଷ ଭଲିବଲ ଚାମ୍ପିୟନଶିପ୍ ଜାପାନରେ ସେପ୍ଟେମ୍ବର ୧୨ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ପକ୍ଷରୁ ଓଡ଼ିଶା ଭଲିବଲ ଆସୋସିଏଶନକୁ କୋଚିଂ କ୍ୟାମ୍ପ ଆୟୋଜନ ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତୀୟ ସିନିୟର ଦଳର କ୍ୟାମ୍ପ କିଟ୍ ପରିସରରେ ଜୁଲାଇ ୨୦ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଖେଳାଳିଙ୍କୁ କିନ୍ତୁ ୧୮ ତାରିଖରେ ରିପୋର୍ଟ କରିବାକୁ ପଡ଼ିବ। ଏଥିରେ ୨୪ ଖେଳାଳି ଏବଂ ୪ ସପୋର୍ଟ ଷ୍ଟାଫ୍ (୩ କୋଚ୍ ଏବଂ ଜଣେ ଫିଜିଓ) ଏହି କ୍ୟାମ୍ପରେ ଅଂଶଗ୍ରହଣ କରିବେ। କିଟ୍ ପରିସରରେ ଗତ ମାର୍ଚ୍ଚ ୫ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ୬୯ତମ ଜାତୀୟ ସିନିୟର ଭଲିବଲ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ରୁ ଚୟନ ହୋଇଥିବା ଖେଳାଳିମାନେ ଆଗାମୀ କ୍ୟାମ୍ପରେ ଯୋଗଦେବେ। ଏଫ୍‌ଆଇଭିବି ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱ ଭଲିବଲ ଚାମ୍ପିୟନଶିପ ଇରାନର ତେହେରାନଠାରେ ଚଳିତ ବର୍ଷ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୧୯ ବର୍ଷରୁ କମ୍ ଭଲିବଲ ଦଳର ଚୟନ ଟ୍ରାଏଲ ଏବଂ କ୍ୟାମ୍ପ ଆୟୋଜନ ଦାୟିତ୍ୱ ମଧ୍ୟ ଓଡ଼ିଶା ଭଲିବଲ ଆସୋସିଏଶନ ଉପରେ ନ୍ୟସ୍ତ କରାଯାଇଛି। ଜୁଲାଇ ୨୨ ଓ ୨୩ ତାରିଖରେ ଚୟନ ଟ୍ରାଏଲ କିଟ୍ ପରିସରରେ ଅନୁଷ୍ଠିତ ହେବ। ଚୟନ ଟ୍ରାଏଲରେ ଭାଗ ନେବାକୁ ଇଚ୍ଛୁକ ଖେଳାଳି ୨୦୦୩ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବେ ଏବଂ ତାଙ୍କ ନିକଟରେ ଡବଲ୍ ଡୋଜ୍ କୋଭିଡ୍–୧୯ ଟିକା ପ୍ରମାଣପତ୍ର ଏବଂ ବୈଧ ଭାରତୀୟ ପାସ୍‌ପୋର୍ଟ ଥିବା ବାଧ୍ୟତାମୂଳକ। ଖେଳାଳିମାନଙ୍କୁ ସମସ୍ତ ପ୍ରମାଣପତ୍ର ସହ ଜୁଲାଇ ୨୧ ପୂର୍ବରୁ ରିପୋର୍ଟ କରିବାକୁ ହେବ। କୋଚିଂ କ୍ୟାମ୍ପ ପାଇଁ ମୋଟ ୨୦ ଖେଳାଳି ଓ ୪ ସପୋର୍ଟ ଷ୍ଟାଫ୍ (୩ କୋଚ୍ ଓ ଜଣେ ଫିଜିଓ) ମନୋନୀତ ହେବେ। ୧୯ ବର୍ଷରୁ କମ୍ କୋଚିଂ କ୍ୟାମ୍ପ ଜୁଲାଇ ୨୪ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଚାଲିବ। ଜାତୀୟ କୋଚିଂ କ୍ୟାମ୍ପ ଆୟୋଜନ ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବେ। ଅଚ୍ୟୁତ ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆର ସଭାପତି ମଧ୍ୟ ଅଛନ୍ତି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ